RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in


ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ସେପ୍ଟେମ୍ବର ୨୦୧୯
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପଞ୍ଚମ ବର୍ଷର ଷଷ୍ଠ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ୫ତ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।<br>କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-5, September 2019, Issue No. VI
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର
ପ୍ରସନଜିତ୍ ସାହୁ
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

**ପଞ୍ଚାନନ ପାତ୍ରଙ୍କ ନାଟକରେ ଜୀବନ**
- ଗବେଷିକା ସନ୍ଧ୍ୟାରାଣୀ ନାୟକ ୭

**ଶକ୍ତିସ୍ୱରୂପିଣୀ ମାଆ**
- ଶ୍ରୀ କୁଞ୍ଜ ବିହାରୀ ସାହୁ ୧୧

**ଲଜ୍ଜା**
- ଲକ୍ଷ୍ମଣ କୁମାର ବେହେରା (ଯତି) ୧୩

**ନିରଶ**
- ଲିଳାବତୀ ମହାପାତ୍ର ୧୫

**ଅକଲ, ମକଲ, ଟକଲ**
- ବନଲତା ସିଂ ୧୭

**ପବିତ୍ର ଅକ୍ଷୟ ତୃତୀୟା**
- ଅଧ୍ୟାପକ ପବିତ୍ର ମୋହନ ବାରିକ ୨୦

**ଦହନର ଅନ୍ୟ ନାଁ...**
- ଶ୍ରୀ ରାଜେଶ ପୂଜାରୀ ୨୩

**କନ୍ୟାଦାନ**
- ସୁଧାଂଶୁ ଶେଖର ଦ୍ୱିବେଦୀ ୨୬

**ଦୀକ୍ଷା**
- ଏଲିନା ପଣ୍ଡା ୨୭

**ଅସମାହିତ ପ୍ରଶ୍ନ**
- କବିଅଂଶୁ ନିତ୍ୟାନନ୍ଦ ତ୍ରିପାଠୀ ୨୮

**ଗୁରୁ ଶିଷ୍ୟ ଲଢ଼େଇ ବନ୍ଦ ହେଲା କାହିଁକି ?**
- ପୁରୁଷୋତ୍ତମ ପୃଷ୍ଟି ୩୦

**ଆଜିର କଥା**
- ଡଃ ପଦ୍ମଲୋଚନ ମହାକୁଡ ୩୧

**ଶେଷ ଅଙ୍କ**
- ଧନେଶ୍ୱର ସାହୁ ୩୨

**ସୁଲୋଚନା**
- ପ୍ରତାପ ଚନ୍ଦ୍ର ରାଉତ ୩୨

**ଅଭିସାରିକା**
- ସୁଦେଷ୍ଣା ମିଶ୍ର ୩୪

**କର୍ମଫଳ**
- ପ୍ରଦୀପ୍ତ କୁମାର ଦାଶ ୪୦

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ...............................

ମୋବାଇଲ୍ ନମ୍ବର ...................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................ ତାରିଖ....................................

ବ୍ୟାଙ୍କ୍.......................................... ସ୍ଥାନ.......................................................

ତାରିଖ...................................... ଦସ୍ତଖତ.......................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ପଞ୍ଚାନନ ପାତ୍ରଙ୍କ ନାଟକରେ ଜୀବନ

ଗବେଷିକା ସଂନ୍ଧ୍ୟାରାଣୀ ନାୟକ

ସ୍ୱର୍ଗତ ଡ଼ଃ ପଞ୍ଚାନନ ପାତ୍ର ନାଟ୍ୟକାର ଭାବେ ଆବିର୍ଭାବ ହେଲାବେଳକୁ ପ୍ରଭାବଶାଳୀ ନାଟ୍ୟକାର ମାନଙ୍କ ଦ୍ୱାରା ନାଟ୍ୟ ସାହିତ୍ୟ ତୁଙ୍ଗ ଶିଖରରେ ପହଞ୍ଚି ସାରିଥାଏ । ରତି ରଂଜନ ମିଶ୍ର, ଶ୍ରୀ ଜଗନ୍ନାଥ ପ୍ରସାଦ ଦାସ, କୁଞ୍ଜ ରାୟ, ଦିଲ୍ଲୀଶ୍ୱର ମହାରଣା, ପ୍ରମୋଦ କୁମାର ତ୍ରିପାଠୀ, ବିଜୟ କୁମାର ଶତପଥି, ଶ୍ରୀ ହରିହର ମିଶ୍ର, ଶ୍ରୀ ପ୍ରସନ୍ନ କୁମାର ମିଶ୍ର, ସୁବୋଧ ପଟ୍ଟନାଏକ, ନାରାୟଣ ସାହୁ ପ୍ରଭୃତି ନାଟ୍ୟକାର ନାଟକ ଲେଖି ପ୍ରତିଷ୍ଠା ଅର୍ଜନ କରିସାରିଥାନ୍ତି । ଏହି ସମୟ ଖଣ୍ଡରେ ବଳିଷ୍ଠ ନାଟକ ଲେଖି ଜଣେ ଅଜଣା, ଅଶୁଣା ଅପରିଚିତ ଓ ଅନାଲୋଚିତ ନାଟ୍ୟକାର ନାଟ୍ୟ ଜଗତରେ ପ୍ରତିଷ୍ଠା ଅର୍ଜନ କରିବା କମ୍ କଷ୍ଟସାଧ୍ୟ ବ୍ୟାପାର ନୁହଁ । ତଥାପି ଡଃ ପଞ୍ଚାନନ ପାତ୍ର ନାଟକରେ ଆଉ ପରୀକ୍ଷା ନୀରିକ୍ଷା ନ କରି ଦର୍ଶକଙ୍କୁ ସହଜ ଉପାୟରେ ମଞ୍ଚମୁଖୀ କରାଇବାରେ ବିଶେଷ କୃତିତ୍ୱ ଅର୍ଜନ କରିପାରିଥିଲେ । ଦର୍ଶକ ଯେତେବେଳେ ମଞ୍ଚ ଆଡୁ ମୁହଁ ଫେରାଇ ନେଉଥିଲେ ସେତେବେଳେ ଡଃ ପାତ୍ର ସେହି ମ ବିମୁଖ ଦର୍ଶକଙ୍କୁ ମଞ୍ଚ ଆଡକୁ ଆକର୍ଷିତ କରାଇ ପାରିଥିଲେ । ଓଡିଆ ନାଟକକୁ ନୂଆ ରୂପରେ ଉପସ୍ଥାପନ କରି ନାଟ୍ୟ ଜଗତରେ ଏକ ବିପ୍ଳବ ସୃଷ୍ଟି କରିପାରିଥିଲେ । ଡଃ ପାତ୍ର ପରମ୍ପରା ବିରୋଧି ନଥିଲେ ବରଂ ନାଟ୍ୟ ପରମ୍ପରାକୁ ବଜାଇରଖି ନୂଆ ଶୈଳୀରେ ନାଟକକୁ ନୂତନ ରୂପ ଦେବାରେ ଅଗ୍ର ସାରଥି ସାଜିଲେ । ଏଥିପାଇଁ ସେ କରଞ୍ଜିଆର "ପଲ୍ଲବୀ", "ବଲାଙ୍ଗୀରର ରିକ୍ରେସନାଲ୍ କ୍ଲବ୍", "ପୁରୀର ଅନ୍ନପୂର୍ଣ୍ଣା ରଙ୍ଗମ ̐, ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପ, "ବାରିପଦାର ଶହୀଦ ସ୍ମୃତି ଭବନ", ବ୍ୟତିତ ଆହୁରି ଅନେକ ରଙ୍ଗମଞ୍ଚ ଓ ନାଟ୍ୟ ସଂସ୍ଥା ଉପରେ ନିର୍ଭର କରିଥିଲେ । ଡଃ ପାତ୍ରଙ୍କ ଉଦ୍ୟମ ଫଳରେ ସାଂପ୍ରତିକ ଜଟିଳ ମଣିଷର ମାନସିକତାକୁ ଅବୁଝା ଜୀବନର ଗଭୀରତାକୁ ସହଜ ଉପାୟରେ ମ ରେ ପ୍ରଦର୍ଶିତ କରି ବଳିଷ୍ଠ ନାଟ୍ୟକାରର ମାନ୍ୟତା ପାଇପାରିଛନ୍ତି ।

ସାହିତ୍ୟର ସର୍ବଶ୍ରେଷ୍ଠ ଇନ୍ଧନ ହେଉଛି ଜୀବନ । ଗଛ, ଲତା, ପଶୁପକ୍ଷୀ ସର୍ବପରି ମଣିଷର ମଧ୍ୟ ଜୀବନ । ବ୍ୟକ୍ତି, ଗୋଷ୍ଠୀ ଓ ସମାଜ ସହ ଜୀବନ ସଂପୃକ୍ତିର ବଳିଷ୍ଠ ଇତିହାସ ହିଁ ମଣିଷର ଜୀବନ । ଜୀବନ ଏକ ଅତୁଆ ସୂତା, ଏକ ଜଟିଳ ବୀଜ ଗଣିତ, ଏକ ଅବୁଝା ସଂଗୀତ । ଏହି ଅତୁଆ ସୂତା, ଜଟିଳ ବୀଜ ଗଣିତ, ଅବୁଝା ସଂଗୀତ ପ୍ରତି ଜଣେ ସାରସ୍ୱତ ସ୍ରଷ୍ଟା ସଦା ସର୍ବଦା ସଜାଗ ରହିଥାଏ । ସାହିତ୍ୟର ବିଭିନ୍ନ ବିଭାଗ ଜୀବନର ବେସୁରା ରାଗିଣୀର ଭାବପକ୍ଷ ପ୍ରତିବିମ୍ବିତ ହେଲାଭଳି ନାଟକରେ ଏହାର ବିମ୍ବିତ ଛାୟାଚିତ୍ରର ପ୍ରଜ୍ୱଳତା ଫୁଟି ଉଠିଥାଏ । ଫୁଟିଲା ପଦ୍ମ କରବର ସ୍ନିଗ୍ଧ ସୁରଭିରେ ମଧ୍ୟ । ଗଳ୍ପ ଉପନ୍ୟାସ, କାବ୍ୟ କବିତାରେ ଏହାର ଜଟିଳତା ଅବୁଝା ଦିଗ ଦିଗନ୍ତ ବହୁଳ ଭାବରେ ପ୍ରସାରିତ ହୋଇ ଅଧିକ ପ୍ରଭାବଶାଳୀ ହୋଇ ପାରିଛି । ଏହି ପ୍ରଭାବଶାଳୀ ଦିଗ-ଦିଗନ୍ତ ଡଃ

ପାତ୍ରଙ୍କ ନାଟକରେ ପ୍ରସାରିତ ହୋଇ କିପରି ବହୁ ପ୍ରଶଂସିତ ହୋଇପାରିଛି ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ଡଃ ପାତ୍ରଙ୍କ "ନାଟକ ସମଗ୍ର" । ଡଃ ପାତ୍ରଙ୍କ ନାଟକ "ପ୍ରତିବିମ୍ବ", "କ୍ଳାନ୍ତ ବସୁନ୍ଧରା", "ବନ୍ଦ ଘଠାର ସମୟ", "ପ୍ରତିଦ୍ୱନ୍ଦୀ", "ସ୍ୱର୍ଣ୍ଣଯୁଗର ସଂନ୍ଧ୍ୟା", "ନିକୁମ୍ଭିଳା", "ନାଗାସାକୀର ପ୍ରେତ", "ଜ୍ୱଳାମୁଖୀ", "ବିବର୍ଣ୍ଣ ବସୁଧା", "ପଦ୍ମତୋଳା", "ନଈର ଠିକଣା", "ଆରଣ୍ୟକ", "ଏ ନବଘନର ଘର", "ଅଶାନ୍ତ ଅରଣ୍ୟ", "ଗ୍ରସ୍ତ ଉପତ୍ୟକା", "କାଦମ୍ବରୀ", "ହେ ରାତ୍ରୀ ପ୍ରଣାମ", "ଖଜୁରୀ ଗଛର ଛାଇ", "କ୍ଳାନ୍ତ ମହୁମାଛି", "ଈଶ୍ୱର ସୋଇଛନ୍ତି", "ଘାସ ଫୁଲର ବାସ୍ନା", "ରାତି ପାହିନାହିଁ", "ଗୀତା ପଣ୍ଡା" ଇତ୍ୟାଦି ୫୦ ଖଣ୍ଡରୁ ଉର୍ଦ୍ଧ ନାଟକରେ ଜୀବନର ବାସ୍ତବତାକୁ ଚମତ୍କାର ଭାବରେ ଦେଖାଇ ପାରିଛନ୍ତି ।

ଜୀବନ ପରିବର୍ଥନଶୀଳ ପ୍ରତି ମୁହୂର୍ଥରେ ଏହାର ଅର୍ଥ ବଦଳି ଯାଉଥାଏ । ତେଣୁ ମହାପୁରୁଷମାନେ ଜୀବନଟାକୁ ଛାୟାବିମ୍ବ ସହିତ ତୁଳନା କରିଥାନ୍ତି । ଜୀବନ ମୋହମୁକ୍ତ ନୁହଁ ସେଇଥିପାଇଁତ ସମୁଦାୟ ଗୀତା ଶୁଣି ସାରିବା ପରେ ବି ବୀର ପାର୍ଥ ସମ୍ପୂର୍ଣ୍ଣ ମୋହମୁକ୍ତ ହୋଇପାରିନଥିଲେ ବରଂ ସେ ଅଭିମନ୍ୟୁର ମୃତ୍ୟୁରେ ବିଚଳିତ ହୋଇପଡିଥିଲେ । ଏହାର ସତ୍ୟତା ଡଃ ପାତ୍ର ତାଙ୍କ ପ୍ରତିବିମ୍ବ ନାଟକରେ ସଫଳ ଭାବରେ ପ୍ରୟୋଗ କରିଛନ୍ତି । ପୁଣି ସେ ଏହି ନାଟକରେ ଜୀବନର ପରିବର୍ଥନ ଶୀଳତାକୁ ପ୍ରମାଣ କରିବା ପାଇଁ ଦୁଇଜଣ ସନ୍ତ୍ରାସବାଦୀ ଜୀବନକୁ ଗ୍ରହଣ କରିଛନ୍ତି ।

ଜନ୍ମରୁ କେହି ସନ୍ତ୍ରାସବାଦୀ ହୋଇନଥାଏ । ପରିବେଶ ପରିସ୍ଥିତି ମଣିଷକୁ ସନ୍ତ୍ରାସବାଦୀ କରାଇଥାଏ । ଏଣୁ ସନ୍ତ୍ରାସବାଦୀ ଜୀବନକୁ ସତ୍ୟ ଓ ଅହିଂସାର ମନ୍ତ୍ରଦେଇ ଯେ ପରିବର୍ତ୍ତନ କରାଯାଇପାରିବ, ଏହାର ସତ୍ୟତ "ପ୍ରତିବିମ୍ବ" ନାଟକରେ ପ୍ରତି'ଳିତ / ପ୍ରତିବିମ୍ବିତ ହୋଇଛି । ପ୍ରତିବିମ୍ବ ନାଟକରେ ମୁଖ୍ୟ ଚରିତ୍ର "ସୀତାଦେବୀ" ସ୍ନେହ ମମତାର ପ୍ରତୀକ । ସନ୍ତ୍ରାସବାଦୀ "ଜୋ" ଓ "କିମି" ହିଂସାର ପ୍ରତୀକ । ଏ ନାଟକରେ ହିଂସା ଓ ଅହିଂସାର ଲଢ଼େଇ ଭିତରେ ଅହିଂସା ଓ ଆଦର୍ଶର ବିଜୟ ଘଟିଛି । ଜୀବନ ହୋଇଛି ପରିବର୍ତ୍ତିତ ସନ୍ତ୍ରାସବାଦୀ ଜୋ ଓ କିମ୍ ଶାନ୍ତି ପ୍ରୀତି ଓ ମମତାର ବାର୍ତ୍ତାନେଇ ବଞ୍ଚିବାକୁ ଚେଷ୍ଟା କରିଛନ୍ତି । ଡଃ ପାତ୍ରଙ୍କ ଯୁକ୍ତି ହେଉଛି ଯେ ପୃଥିବୀରେ ମହାମାରୀ ପରି ବ୍ୟାପୁଥିବା ସନ୍ତ୍ରସବାଦର ନାଲି ଆଖିକୁ ବନ୍ଧୁକ, ଯୁଦ୍ଧ କିମ୍ବା ଧମକ ଦେଇ ବନ୍ଦ କରିହେବ ନାହିଁ ବରଂ ଶାନ୍ତି ପ୍ରୀତି ଓ ମମତାର ପ୍ରଲେପ ଦେଇ ସନ୍ତ୍ରସବାଦୀଙ୍କ ଜୀବନକୁ ପରିବର୍ତ୍ତନ କରିହେବ । ଏହି ତଥ୍ୟ ହିଁ ପ୍ରତିବିମ୍ବ ନାଟକରେ ବର୍ଣ୍ଣିତ ହୋଇଛି ।

ଆମ ଚାରିପାଖରେ ମଣିଷମାନେ ପ୍ରଥମେ ବ୍ୟକ୍ତିବାଦକୁ ନେଇ ବିଶ୍ୱସ କରୁଥିଲେ । ନିଜେ କିପରି ବଞ୍ଚିବେ, ସେକଥା ସେମାନେ ଭାବୁଥିଲେ । ମାତ୍ର ପରବର୍ତ୍ତି ପର୍ଯ୍ୟାୟରେ ଏକୁଟିଆ ଜିବନକୁ ଛାଡିଦେଇ ଗୋଷ୍ଠୀଗତ ଜୀବନକୁ ଆପଣେଇ ନେଲେ । ଫଳତଃ ସେମାନେ ତିଆରି କଲେ ପରିବାର ଓ ସମାଜ । ମଣିଷ ସମାଜରେ ଜଣେ ମଣିଷ ଆଉ ଜଣେ ମଣିଷକୁ ବୁଝିପାରିଲା, ପରିବାର ତିଷ୍ଠି ପାରିଲା, ସମାଜ ବଞ୍ଚିଲା । ପରିବାର ଓ ସମାଜ ଦ୍ୱିତୀୟ ସ୍ୱର୍ଗରେ ପରିଣତ ହେଲା । ମାତ୍ର ସଂପ୍ରତି ଆଉ ଅତୀତର ପରିବାର ନାହିଁ, ନାହିଁ ଅତୀତର ସମାଜ ପାରିବାରିକ ଓ ସାମାଜିକ ବିଧିବ୍ୟବସ୍ଥା, ନୀତି ନୀୟମ ସବୁଥାଇ ମ୍ଭ ନଥିଲା ପରି ମନେ ହେଉଛି । ପରିବାରରେ ବୁଝାମଣାର ଅଭାବ ରହିଛି । ଫଳରେ ପାରିବାରିକ ଜୀବନ ବେସୁରା ହୋଇଯାଉଛି । ତାଳ, ଲୟ, ଛନ୍ଦ ପାରିବାରିକ ଜୀବନରୁ ହୁଗୁଳି ଯାଇଛି । ହୁଗୁଳି ଯାଇଛି ପରିବାର, ଭୁଷୁଡି ପଡିଛି ସମ୍ପର୍କର ଶେତୁ, ପାରିବାରିକ ବୁଝାମଣାକୁ ଦୂରକରି ଜୀବନର ଛନ୍ଦ ଫେରିପାଇଲା ବେଳକୁ ସବୁକିଛି ନଷ୍ଟ ଭଷ୍ଟ ହୋଇଯାଇ ଥାଏ, ହଜିଯାଇଥାଏ ବର୍ଷ ମାସ ଓ ବୟସ । ଏ ଉର୍ଥାଣ୍ଟ ଅପରାହ୍ନର ଚେତା ଫେରିବା ବେଳକୁ ଅନୁତାପ ଛଡା ଆଉ କିଛି ନଥାଏ । ଏହାହିଁ ସାଂପ୍ରତିକ ମଣିଷ ଜୀବନର ବାସ୍ତବ ଚିତ୍ର । ଏହି ବାସ୍ତବ ଚିତ୍ର ବାସ୍ତବାୟିତ ହୋଇଛି । ନାଟ୍ୟକାର ଡଃ ପାତ୍ରଙ୍କ ଜୀବନ ଯେମିତି ନାଟକରେ ବର୍ଣ୍ଣିତ ସୀତା, ମିତା, ନରୋଥମ, ସୁଜିତ୍, ରାମୁ, ଘନଶ୍ୟାମ, ସଂଜୟ ସମସ୍ତେ ନିଜ ନିଜ ତରିକାର ବ୍ବାକୁ ଚାହିଁଛନ୍ତି । ସୁଜିତ୍ ଓ ସୀତାଦେବୀ ଏବଂ ବିଜୟ ଓ ବିଭାଦାସ ଭିନ୍ନ ଭିନ୍ନ ଦୁଇଟି ପରିବାରରର ସ୍ୱାମୀ ହେଲେ ମ୍ଭ ପ୍ରାଚ୍ୟ ସଂସ୍କୃତିକୁ ନେଇ ବଞ୍ଚିବାକୁ ଚାହୁଁଥିଲା ବେଳେ, ସୀତା ଓ ମୀତା ଭାରତୀୟ ନାରୀ ହେଲେ ମଧ୍ୟ ପାଶ୍ଚାତ୍ୟ ସଂସ୍କୃତିକୁ ନେଇ ଜୀବନ ଯୀଇଁବାକୁ ଚାହୁଁଥିଲେ । ଏଇଠୁ ଆରମ୍ଭ ହୋଇଛି ଉଭୟ ପରିବାରରେ ପାରିବାରିକ ଝଡ । ପ୍ରଥମତଃ ମତାନ୍ତର ତା'ପରେ ମନାନ୍ତର ଏ ସମସ୍ତ ଘଟଣା ଘୋଟିଯାଇଛି କେବଳ ଜୀବନ ଜୀଇଁବାକୁ ନେଇ ।ମଣିଷ ଏକ ସାମାଜିକ ପ୍ରାଣୀ । ସମାଜର ରୀତିନୀତି ନିୟମକୁ ମାନିଚଳେ । ତେଲ, ଲୁଣ ସଂସାର ଭିତରେ ଜୀବନକୁ ଜୀଇଁବାକୁ ଚେଷ୍ଟା କଲେ । ନିଜ ପରିବାର ସହିତ ଭାଇବନ୍ଧୁ କୁଟୁମ୍ବକୁ ନେଇ ବଢେ । ଜୀବନର ଏହି ନୀତିଦିନିଆ ଗତାନୁଗତିକ ରାସ୍ତାରେ ଚାଲିବାର ଶପଥ ନେଇଥିଲେ ମଧ୍ୟ ଅନେକ ସମୟରେ ଅନ୍ୟମନସ୍କ ହୋଇଯାଏ । ନିତିଦିନିଆ ଜୀବନ ଯାତ୍ରାର ସ୍ୱଚ୍ଛନ୍ଦ ଗତି ବିଚ୍ଛନ୍ଦ ହୋଇଯାଏ । ଜୀବନ ଜୀଇଂବାର ଚିନ୍ତାଧାରା ହଠାତ୍ ବଦଳିଯାଏ । ବେସୁରା ହୋଇଯାଏ ଜୀବନର ସଂଗୀତ ମନ ଭିତରେ ହଠାତ୍ ଅଭୂଲା ଖିଆଲ ପଶିଯାଏ । ଫଳତଃ ନିଜକୁ ସେ ଖୋଜି ବସେ ମୁଁ କିଏ ? କାହିଁକି ଏ ପୃଥିବୀରେ ଜନ୍ମ ନେଇଛି ? କଣ କରୁଛି ? ଏହିପରି ଅନେକ ପ୍ରଶ୍ନର ସମ୍ମୁଖିନ ହୁଏ । ଜୀବନ ସାରା ଯେଉଁ ପାର୍ଥିବ ଜଗତ ପଛରେ ଧାଇଁଥାଏ ସେଗୁଡାକୁ ମୁଲ୍ୟହୀନ ମନେକରେ । ତା ଚାରିପାଖେ ଘେରି ରହିଥିବା ମଣିଷକୁ ସନ୍ଦେହ ଚକ୍ଷୁରେ ଦେଖେ । ଏହିଭଳି ଅଦ୍ଭୁତ ଖିଆଲକୁ ନେଇ ବୁଥିବା ମଣିଷଟା ପୁଣି ପାର୍ଥିବ ଜଗତକୁ ଫେରିଆସେ – ନାଟ୍ୟକାର କହିଛନ୍ତି ମୁହୂର୍ତ୍ତେ ପାଇଁ ମଣିଷ ଭିତରେ ଲୋମଶ ଜନ୍ତୁଟିଏ ଦିଶିଯାଏ । ନଖ-ଦାନ୍ତର ଜାନୁଆର ଜୀବନର ଅର୍ଥ ସେହି ମୁହୂର୍ତ୍ତଟି ପାଇଁ ଅର୍ଥହୀନ ହୋଇଯାଏ । କିନ୍ତୁ ପର ମୁହୂର୍ତ୍ତରେ ସେ ଦୁଃସ୍ୱପ୍ନ କଟିଯାଏ । ବେସୁରା ରାଗିଣୀ ପୁଣିଥରେ ଛନ୍ଦ ଭିତରକୁ ଫେରିଆସେ । ସବୁ ପୁଣି ଥରେ ନିଜ ସ୍ଥିତିକୁ ଆସିଯାଇ ସହଜ ହୋଇଯାଏ । ମନ ଭିତରେ ପଶି ଯାଇଥିବା ଭୂତ ଆପେ ଆପେ ଛାଡି ପଳାଏ । ଜୀବନ ପୁଣିଥରେ ଗଡିଚାଲେ , ଛନ୍ଦ ଭଂଗର ଏହିପରି ମୁହୂର୍ତ୍ତଟିଏ "ବନ୍ଦ ଘଠାର ସମୟ" ।

ଅଜୟ ଦାସ- ମଧ୍ୟବିଥ ପରିବାର ଭିତରେ ଜୀବନ ଜୀଉଥିବା ଦର୍ଶନଶାସ୍ତ୍ରର ଧ୍ୟାପକଟିଏ । ଦର୍ଶନଶାସ୍ତ୍ରକୁ ପେଶା ଓ ନିଶା କରିଥିବା ଅଜୟ ଦାସଙ୍କ ମନରେ ହଠାତ୍ ଭାବାନ୍ତର ସୃଷ୍ଟି ହୋଇଛି । ପୂର୍ବ ଗତାନୂଗତିକ ଜୀବନଧାରାକୁ ନେଇ ବଞ୍ଚିବାକୁ ଭଲ ପାଉଥିବା ଅଜୟ ଦାସଙ୍କ ଚତୁଃପାର୍ଶ୍ୱରେ ଘେରି ରହିଥିବା ମଣିଷ ମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଛି । ତେଣୁ ସେ କହିଛନ୍ତି – "ସବୁ ଗୋଟେ ଗୋଟେ ହିପୋକ୍ରେଟ ପ୍ରତ୍ୟେକ କିଛି ନା କିଛି ମତଲବରେ ଅଛନ୍ତି । ସମସ୍ତଙ୍କ ମୁହଁରେ ଛଳନାର ଗୋଟିଏ ଗୋଟିଏ ମୁଖା । ଘ ଘ ଘ ଘ ତମେ ସମସ୍ତେ ମୋତେ ବନ୍ଦୀକରି

ରଖିଛ । ବଜାରରେ ବିକ୍ରୀ ପସରା ଉପରେ ଗାଲିସି ଟେକି ଧକାଉଥିବା ମାଛଟିଏ ମୁଁ, ଶୀକାରୀର ପଞ୍ଜୁରୀ ଭିତରେ ଜୁଲୁଜୁଲୁ ରହିଁଥିବା ଚଢ଼େଇଟିଏ ମୁଁ , ତମେ ସମସ୍ତେ ଗୋଟେ ଗୋଟ ବାଣୁଆ, ଜଣେ ଜଣେ କେଉଟ ।" (ବନ୍ଦଘଠାର ସମୟ) ସତ୍ୟ- ପରମ ସତ୍ୟ, ବାସ୍ତବ- ଅତିବାସ୍ତବ, ଗୋଟିଏ ପାର୍ଥିବ ଆଉ ଗୋଟିଏ ଅପାର୍ଥିବ ଜଗତ । ଆଜି ଆମେ ଯେଉଁ ପାର୍ଥିବ ଜଗତରେ ବଞ୍ଚୁଛୁ, ଚର୍ମ ଚକ୍ଷୁରେ ଏ ଜଗତ ସତ୍ୟ ଓ ବାସ୍ତବ । ମାତ୍ର ଭାବ ଚକ୍ଷୁରେ ଏହା ସତ୍ୟ ଓ ବାସ୍ତବ ନୁହେଁ । କାରଣ ସତ୍ୟ ଓ ବାସ୍ତବ ଜଗତର ଆରପାରିରେ ପରମ ସତ୍ୟ ଓ ଅତିବାସ୍ତବ ଜଗତ ରହିଛି । ପାର୍ଥିବ ଜଗତରେଞ୍ଚୁଥିବା ଓ ବଞ୍ଚିବାକୁ ଭଲ ପାଉଥିବା ଦର୍ଶନଶାସ୍ତ୍ର ଅ୍ଧାପକ ଅଜୟ ଦାସ ପରମ ସତ୍ୟ ଓ ଅତି ବାସ୍ତବ ଜଗତକୁ ଭେଟିବାପାଇଁ ଆତୁର ହୋଇ ଉଠିଛନ୍ତି । ଫଳତଃ ସୁନ୍ଦରୀ ସ୍ତ୍ରୀ ପିଲାମାନେ, ଭାଇବନ୍ଧୁ କୁଟୁମ୍ବଙ୍କୁ ପରିତ୍ୟାଗ କରିଛନ୍ତି ଅଜୟ ଦାସ । ତାଙ୍କ ମନ ଗହନରେ ନିଛାଟିଆ ଅରଣ୍ୟକୁ ଏକା ଏକା ପାରି ହେବାକୁ ମନସ୍ଥ କରିଛି । ପତ୍ନୀ – ପୁତ୍ର ପରିବାର ଘନିଷ୍ଠତମ ବନ୍ଧନୀ ସତ୍ୱେ ଅଜୟ ଦାସ ନିତ୍ୟାନ୍ତ ଏକୁଟିଆ ହୋଇଯାଇଛନ୍ତି । ସମସ୍ତ ସମ୍ପର୍କର ଅନ୍ତରାଳରେ ଜୀବନ ଜିଇଁବା ବେଳେ ସ୍ୱାର୍ଥ ଓ ପାଇବାର ଲାଳସାକୁ ଭେଟୁଛନ୍ତି । ତେଣୁ ସେ ଘୋଷଣା କରି କହୁଛନ୍ତି – "କିଛି ହେବ ନାହିଁ ! କିଛି କୋଉଠି ହୁଏନାହିଁ ଖାଲି ହେବାର ପ୍ରତିଶ୍ରୁତି, ଛଳନା, ସୁନାପକ୍ଷୀ ନିରୋଳା ତାରା ଉପରୁ ଡେଣା ଝାଡିଦିଏ । ଶେଷ ଉଡାଟାରେ ଜାଲ ଫିଙ୍ଗିଦେଇ ଶିକାରୀ ତାକୁ ଧରି ଓହଳି ପଡେ । ଜାଲ ଭିତରେ ପୁଳାଏ ପବନ, ନାଃ ! ମୁଁ ଏପରି ପଡିକୁ ଗ୍ରହଣ କରିନେଇ ପାରିବି ନାହିଁ । ମୁଁ ଏ ଛଳନାରୁ ମୁକ୍ତ ହେବାକୁ ଚାହେଁ । ପାର୍ଥିବ ଜଗତର ସମସ୍ତ ସମ୍ପର୍କକୁ ତୁଟାଇ ମୁକ୍ତ ହେବାକୁ ଚାହୁଁଥିବା ଅଜୟ ଦାସ ପୁଣି ଥରେ ଫେରି ଆସିଛନ୍ତି । ଧୂଳିମାଟିର ବାସ୍ତବ ଜଗତକୁ ଜଣେ ଦାୟିତ୍ୱବାନ ଗୃହସ୍ଥ ଭାବେ ଏବଂ ଜଣେ କର୍ତ୍ତବ୍ୟ ସଚେତନ ନାଗରିକ ଭାବେ ବଞ୍ଚିବାକୁ ଚେଷ୍ଟା କରିଛନ୍ତି ସେ । ସାଂସାରିକ ବନ୍ଧନରୁ ପଳାୟନ ନୁହେଁ ବରଂ ତାହାରି ଭିତରେ ବଞ୍ଚିବା ହିଁ ଜୀବନ । ଏହା ପ୍ରମାଣିତ ହୋଇଛି "ବନ୍ଦ ଘଠାର ସମୟ" ନାଟକରେ ।

ପାହାଡ ପର୍ବତ ଓ ମାଳଭୂମିରୁ ସୃଷ୍ଟି ହୋଇଥିବା ନଈଟିଏ ବିଭିନ୍ନ ଅଞ୍ଚଳ ଦେଇ ଗତିଗଲା ବେଳେ ଭିନ୍ନ ଭିନ୍ନ ନାମରେ ନାମିତ ହୋଇ ଅନନ୍ତ ସାଗରରେ ମିଶିଯାଇ ନିଜର ଠିକଣା ହଜାଇ ଦିଏ । ନିଇର ନିର୍ଦ୍ଧିଷ୍ଟ ଠିକଣା ନଥାଏ କାରଣ ନିର୍ଦ୍ଧିଷ୍ଟ ଗୋଟିଏ ଅଞ୍ଚଳରେ ପରିସମାପ୍ତ ନୁହେଁ, କି ବାନ୍ଧି ହେବା ଏହା ତା'ର ଧର୍ମ ନୁହେଁ । ପ ।ନନ ପାତ୍ରଙ୍କ 'ନଈର ଠିକଣା' ନାଟକରେ କାବେରୀ ଦାସ ନଈଟିଏ । ନଈଭଳି କାବେରୀ ଦାସ ନିଜର ପ୍ରକୃତ ଠିକଣାକୁ ଜନ ସମୁଦ୍ର ଭିତରେ ହଜେଇ ଦେଇ ବଞ୍ଚିବାକୁ ଚାହୁଁଛନ୍ତି । ଅନେକ ଆଶା ଆକାଂକ୍ଷା ଆଖିରେ ଆଖିଏ ସ୍ୱପ୍ନ ନେଇ ବଞ୍ଚିବାକୁ ଚାହୁଁଥିବା କାବେରୀ ଦାସଙ୍କ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଇଛି । ଷ୍ଟେଟବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଗୁଖାହାଟୀ ସାଖାର ବ୍ରାଞ୍ଚ୍ ମ୍ୟାନେଜର ବିମଳେନ୍ଦୁ ଦାସଙ୍କୁ ଭଲପାଇ ବିବାହ କରିଥିଲେ କାବେରୀ ଦାସ । ବିବାହାର କେତୋଟି ବର୍ଷ ସୁଖରେ କଟିଗଲା । ଜନ୍ମ ନେଲା ପରିବାରର ନୂଆ ସଦସ୍ୟ "ଜୁଲି" (ପ୍ରଣତୀ) । ମାତ୍ର ତେଲ ଲୁଣ ସଂସାର ବେଶି ଦିନ ରହିଲା ନାହିଁ । ବିମଳ ଦାସ ଅସତ ଉପାୟରେ ବ୍ୟାଙ୍କ୍‌ରୁ ଗୁଡାଏ ଟଙ୍କା ଆତ୍ମସାତ କରି ଧରାପଡିଲେ । ଯେଉଁ ଚରିଜଣ ବ୍ୟବସାୟୀଙ୍କ ସହିତ ମିଶି ଏ ଜାଲିଆତି କରି ସଫଳ ହେଲେ, କୌଣସି କାରଣରୁ ସେଇମାନେ ତାକୁ ଧରା ପକାଇ ଦେଲେ । ବିମଳେନ୍ଦୁ ଆରେଷ୍ଟ ହୋଇ ହାଜତକୁ ଗଲେ – (ନଈର ଠିକଣା) । ଦଶବର୍ଷ ଜେଲ୍ ଗଲା । ବିମଳ ଦାସଙ୍କୁ ଯେଉଁ ଦିନ ଦଶବର୍ଷ ପୁରିଲା ଠିକ୍ ସେହି ଦିନ କାବେରୀ ଦେଇ ଫାଟକକୁ ଯାଇଥିଲେ ତାଙ୍କ ସ୍ୱାମୀଙ୍କୁ ଆଣିବା ପାଇଁ ମାତ୍ର ସ୍ୱାମୀ ବିମଳେନ୍ଦୁ ବହୁଆଗରୁ ଜେଲରୁ ବାହାରି କେଉଁଆଡେ ଚାଲିଗଲେ ଯାହାର ଠିକଣା ପାଇପାରିଲେ ନାହିଁ କାବେରୀ ଦାସ । ନିର୍ବାକ ନିଷ୍ପନ୍ଦ ହୋଇଗଲେ କାବେରୀ । ଥଳକୂଳ ଦିଶିଲା ନାହିଁ । ଅନେକ ଖୋଜିଲେ ମାତ୍ର ସେ ତାଙ୍କ ସ୍ୱାମୀଙ୍କୁ ପାଇଲେ ନାହିଁ । ଅସହାୟ ହୋଇ ପଡିଲେ । ଏକମାତ୍ର ଝିଅ ଜୁଲିକୁ ନେଇ ବଞ୍ଚିବେ କିପରି ? ଶେଷରେ କାବେରୀର ଅନ୍ତରଙ୍ଗ ବାନ୍ଧବୀ ସବିତା ହାତରେ ଜୁଲିକୁ ଟେକି ଦେଇ ନିଜର ପରିଚୟ ହଜେଇ ଦେଲେ ସବୁଦିନ ପାଇଁ । ନାଟକରେ ଲେଖା ଅଛି- ଯେଉଁ ଚିଠିଟିଏ ତାଙ୍କ ବାନ୍ଧବୀକୁ ଦେଇଥିଲେ ବା ଛାଡିଯାଇଥିଲେ ସ୍ନେହର କବିତା, ଏ ଚିଠିକୁ ପାଇଲା ବେଳକୁ ମୁଁ ତୋଠାରୁ ବହୁ ଦୂରରେ ଥିବି । ମୋ ପାଇଁ ପଥ ନାହିଁ କି ପୃଥିବି ନାହିଁ । ଜୁଲି ମୋତେ ମମ୍ମି ଆଉ ତତେ ମା ଡାକୁଥିଲା ଆଉ ପ୍ରଭଞ୍ଜନକୁ ଡାକୁଥିଲା ବାବା । ସବୁଦିନ ପାଇଁ ତମେ ଦିଜଣ ତାର ବାବା-ମା । ସେ ତୁମରି ଝିଅ । ତା'ର ଆଉ କୌଣସି ପରିଚୟ ନାହିଁ କି ନଥିଲା । ମୋତେ ଖୋଜିବ ନାହିଁ । ରେଡିଓ, ଟିଭି, ଖବର କାଗଜରେ ବିଜ୍ଞାପନ ଦେବ ନାହିଁ । କାବେରୀ ତ ନଈଟିଏ , ବହିଯିବା ତା'ର ଧର୍ମ, ତା'ର ଆଉ କିଛି ପରିଚୟ ନାହିଁ କି ଠିକଣା ନାହିଁ ।" (ନଈର ଠିକଣା) ଜୀବନ ଜୀଇଂବାର ସଂଗ୍ରାମରେ ଭାରତୀୟ ନାରୀ କେବେ ହାରିଯାଏ ନାହିଁ । ଏହାର ପ୍ରମାଣିକତା ହେଉଛନ୍ତି କାବେରୀ ଦାସ । ସମସ୍ତ ସ୍ୱପ୍ନ ଭାଙ୍ଗିଯାଇଥିଲେ ମଧ୍ୟ ସେ ଆତ୍ମହତ୍ୟା କରି ନାହାନ୍ତି, ବରଂ ଜୀବନ ଜୀଇଁବାର ଶପଥ ନେଇ ନିଜ ତରିକାରେ ବ ଞ୍ଚଛନ୍ତି ।

ବିବର୍ଥନ ପ୍ରକ୍ରିୟାରୁ ସୃଷ୍ଟି ହୋଇଥିବା ସମସ୍ତ ଜୀବଜଗତ ମ୍ଧରୁ ଶ୍ରେଷ୍ଠ ଜୀବ ହେଉଛି ମାନବ । ମାନବ ସମସ୍ତ ଜୀବଜଗତ ଠାରୁ ଏକ ସ୍ୱତନ୍ତ୍ର ପରିଚୟ ନେଇ ବଞ୍ଚିଛି । ତା'ର ଚିନ୍ତାଶକ୍ତି, ପ୍ରକାଶିତ ଅଭିବ୍ୟକ୍ତି ଅନ୍ୟ ଜୀବଜଗତ ଠାରୁ ଭିନ୍ନ ନିଶ୍ଚୟ କାରଣ ସେ ମାନବ । ପୁରୁଷ ହେଉ ଅଥବା ନାରୀ ହେଉ ତାର ମନ ଅଛି, ଇଚ୍ଛାଶକ୍ତି ଅଛି । ସେ ସ୍ୱପ୍ନ ଦେଖେ, ନିଜ ତରିକାରେ ବଞ୍ଚିବାକୁ ଚାହେଁ । ତେଣୁ ସେ ଅନେକ ସମୟରେ ସାମାଜିକ ଓ ପାରିବାରିକ ଜୀବନରେ ଥିବା ନୀତିନିୟମର ନିର୍ଦ୍ଦିଷ୍ଟ ଲକ୍ଷ୍ମଣ ରେଖାକୁ ଡେଉଁଥାଏ । ଏଥିପାଇଁ ତାକୁ ଅନେକ ଦୁଃଖ ଯନ୍ତ୍ରଣା ସହିବାକୁ ପଡେ । ଏକୁଟିଆ ହୋଇଯାଏ । ହୋଇଯାଏ ଅସହାୟ । ତଥାପି ସେ ବଂଚେ କାରଣ ସେ ଜାଣିଥାଏ ଯେ ଦୁଃଖ ଯନ୍ତ୍ରଣା ଓ ସମସ୍ତ ବିପର୍ଯ୍ୟୟ ଭିତରେ ବଞ୍ଚିବା ହିଁ ଜୀବନ । ଏହାର ସତ୍ୟତା ପ୍ରକାଶ ପାଇଛି ଡଃ ପାତ୍ରଙ୍କ "ଶୁକ-ଶାରୀ-ସଂବାଦ" ନାଟକରେ । କିଛି ସଜଡା ଆଉ କିଛି ଅସଜଡା । ମଣିଷ ଜୀବନର କାହାଣୀ ହେଉଛି ଏ ନାଟକ । ସଜଡା ମଣିଷ ନୀତିନିୟମର ପ୍ରାଚୀନ ବିଶ୍ୱାସ ବୋଧ ଉପରେ ନିର୍ଭର କରି ବଞ୍ଚୁଥିଲା ବେଳେ ଅସଜଡା ମଣିଷ ଏହାକୁ ପାଦରେ ଆଡେଇ ଦେଇ ନିଜ ବିଶ୍ୱାସ ବଞ୍ଚିବାକୁ ଚାହିଁଥିଲେ । ବିକ୍ରମ ଚୌଧୁରୀ ଓ ସରିତା ଅସଜଡା ମଣିଷର ଜ୍ୱଳନ୍ତ ଉଦାହରଣ । ଏମାନେ କାମ ପ୍ରବୃତ୍ତି ଜନିତ ଅଜ୍ଞାତ ପ୍ରେରଣାର ସତତ ଜଡିତ । ଏଥିପାଇଁ ନାଟ୍ୟକାର ଡଃ ପାତ୍ର ଏହି ଦୁଇ ଚରିତ୍ରଙ୍କ ବାହାର ମନର ଶାନ୍ତ ଭ୍ରାନ୍ତ ଆବରଣ ତଳେ ଥିବା ଭିତର ମନର ଆବେଗ, ଉତ୍କଣ୍ଠା, କାମନା ଓ ଦୈହିକ ଭୋଗ ଲିପ୍‌ସାର ଜଟିଳତାକୁ ପ୍ରକାଶ କରିବାରେ କୁଣ୍ଠା ପ୍ରକାଶ କରିନାହାନ୍ତି । ସୁବ୍ରତ ସହିତ ସରିତାର ମିଳାମିଶା ସୁବ୍ରତର ଲିଖିତ କବିତାକୁ ସରିତା ଭଲ ପାଇବା, ଡାକ୍ତର ବସ୍ତି ଅ ଳକୁ ଗଲାବେଳେ ସରିତା ସାଙ୍ଗରେ ଯିବା, ଗୋଟିଏ ସନ୍ତାନର ପିତା ଚାକର ରଘୁ ବିବାହିତ । ଚାକରାଣୀ ରାଣୀକୁ ବିବାହ ପ୍ରସ୍ତାବ ଦେବା, ରାଣୀ ପାଖେ ପାଖେ ରହିବା, ତା' ସହିତ ଅନେକ ସମୟ ଧରି ଗପିବା ପ୍ରଭୃତି ଘଟଣା ଭିତରେ ବ୍ୟକ୍ତି ଜୀବନର ପେଟା ଦିଗକୁ ଦେଖାଇ ଏହାହିଁ 'ଜୀବନ' ବୋଲି ପ୍ରମାଣ କରାଯାଇଛି ।

ସଂପ୍ରତି ଭାରତର ଅଧିକୃତ କାଶ୍ମିର ଓ ସ୍ୱାଧିନ କାଶ୍ମିର ସୀମାନ୍ତରେ ଘଟୁଥିବା ଘଟଣାର ଏକ ବାସ୍ତବ ଚିତ୍ ହେଉଛି ଡଃ ପାତ୍ରଙ୍କ ଆଉ ଏକ ନାଟକ "ଈଶ୍ୱର ଶୋଇଛନ୍ତି" । ଭାରତ ସ୍ୱାଧିନ ହେବା ପରଠାରୁ କାଶ୍ମିର ଏଯାବତ ଏକ ସମସ୍ୟା ହୋଇ ରହିପାରିଛି । ସମସ୍ୟାର ସମାଧାନ ନ ଖୋଜି ବାକ୍‌ବିତଣ୍ଡା ଓ ରାଜନୈତିକ କାରଣ ଭିତରେ ଅଣବିଶ୍ୱାସୀ ହୋଇ ପଡୁଥିବା କାଶ୍ମିରବାସୀ ବଞ୍ଚିବାକୁ ଚାହୁଁଛନ୍ତି । ଏଥିପାଇଁ ସୀମାନ୍ତର ଆରପଟୁ ଗୁଳିଗୋଳାର ଭୟ ପାଇଁ କିଛି ମଣିଷ ଦୂର ଦୁରାନ୍ତକୁ ଚାଲିଯାଉଛନ୍ତି ତ ଆଉ କିଛି ମଣିଷ ଅଘୋଷିତ ଯୁଦ୍ଧକୁ ଉପ୍ନ୍ନ କରି ମାଟିକାମୁଡି ଜୀବନ ଜୀଉଁଛନ୍ତି । ଅଲିବାବା, ଅହମ୍ମଦ୍ ଓ ତାଙ୍କ ସ୍ତ୍ରୀ ମର୍ଜିନା ବେଗମ୍ ଏହାର ବଳିଷ୍ଠ ପ୍ରମାଣିକତା । ଏମାନେ କାଶ୍ମିର ମାଟିରେ ବଞ୍ଚିବାର ଆଶାନେଇ ସମସ୍ତ ଅନ୍ୟାୟ ଓ ଅତ୍ୟାଚାରକୁ ଆଦରି ନେଇଛନ୍ତି । ଏ ହେଉଛି ଭୟ ମଣ୍ଡିତ ନୂଆ ଆଶା ସମ୍ଭାବନାର ଜୀବନ ।

ସ୍ୱର୍ଗତଃ ଡଃ ପଞ୍ଚାନନ ପାତ୍ର ଉଥର ଆଧୁନିକ କାଳର ଜଣେ ସର୍ବଶ୍ରେଷ୍ଠ ନାଟ୍ୟକାର । ସେ ବଡ ନାଟକ ଛୋଟ ନାଟକ ଓ ବେତାର ନାଟକ ଲେଖି ଖୁବ୍ କମ ସମୟ ଭିତରେ ନିଜର ପ୍ରତିଷ୍ଠା ଅର୍ଜନ କରିପାରିଥିଲେ । ବିଷୁବ ପୁରସ୍କାର ସହିତ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ଓ ପୁରସ୍କୃତ ହୋଇ ବହୁ ପ୍ରଶଂସିତ ହୋଇ ପାରିଥିବା ଡଃ ପାତ୍ର ସତରେ ଜଣେ ପ୍ରଚଣ୍ଡ ପ୍ରତିଭାଧାରୀ ନାଟ୍ୟକାର । ନାଟ୍ୟକାର ନାଟ୍ୟ କଳାର କୋଣାର୍କ ନିର୍ମାଣ କରାଇବାରେ ହେଲେ ପ୍ରକୃତ ଧରମା ।

ବିଜ୍ଞାନ-ଶିଳ୍ପ-ବାଣିଜ୍ୟ, ରାଜନୀତି ଓ ସମାଜର ବିଭିନ୍ନ ଦିଗକୁ ଦୃଷ୍ଟିପାଦ କରି ସେ ସୃଷ୍ଟିକରି ଯାଇଛନ୍ତି ଅନେକ ନାଟକ । ତାଙ୍କ ନାଟକ ଗୁଡିକରେ ବୌଦ୍ଧିକ ଚେତନା ସହ ମାନବବାଦୀ ଚିନ୍ତାଧାରା ଯେ ପ୍ରତିଫଳିତ ହୋଇଛି ଏହା ନିଃସନ୍ଦେହ ।

ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

# ଶକ୍ତିସ୍ୱରପିଣୀ ମାଆ

- ଶ୍ରୀ କୁଞ୍ଜ ବିହାରୀ ସାହୁ

ବ୍ରହ୍ମାଣ୍ଡର ଆଧାର ହେଉଛନ୍ତି ମାଆ ଜଗତଜନନୀ । ସେ ବିଶ୍ୱକୁ ସୃଷ୍ଟି କରିଛନ୍ତି ଓ ଧାରଣ କରିଛନ୍ତି । 'ପଂଚଦେବତା ଗଣେ ନାରାୟଣ ରୁଦ୍ରେ ଅମ୍ବିକେ ଭାସ୍କର ଯଥା..' ଶ୍ଳୋକରେ ଜଣେ ନାରୀ ଯେ କି ଶକ୍ତିମୟୀ ତାଙ୍କୁ ଉପାସନା କରାଯାଇଥାଏ । ମାଆ ସର୍ବସଂହା ସୃଷ୍ଟିର ଅନୁପମ କୃତି । ସଂସାରର ସର୍ବଶ୍ରେଷ୍ଠ ଆଧାର ହେଉଛି ମାଆ । ବିପଦ-ଆପଦରେ ଆହାଃ କହିଦେଇ ସନ୍ତାନକୁ ପଣତ କାନିରେ ଘୋଡ଼େଇ ରଖେ । ମାଟିରୁ ଆକାଶଯାଏ ଲମ୍ବିଛି ତାର ପଣତକାନି । ନିଜ ସନ୍ତାନକୁ ବିପଦମୁଖରୁ ଘୋଡ଼େଇ ରଖେ । ଆକାଶ ପରି ବିଶାଳ ହୃଦୟ । ସାଗର ପରି ଗଭୀର ଆନ୍ତରିକତା । ସେ ସବୁ କିଛି ଅଜାଡ଼ିଦିଏ ବାତ୍ସଲ୍ୟମମତାରେ । ନିଜ ଶକ୍ତିରେ ଶକ୍ତିବାନ କରିଦିଏ ଆତ୍ମଜକୁ । ମାଆ ହିଁ ପ୍ରଥମ ଗୁରୁ । ସେଥିପାଇଁ କୁହାଯାଏ- 'ମାତା ପୂର୍ବା ଗୁରୁ ମହାନି..।' ମାଆର ଶରଣାପନ୍ନ ହେଲେ ସମସ୍ତ ପ୍ରକାର ଲୌକିକ ସଫଳତା ତଥା ଅଲୌକିକ ସିଦ୍ଧି ପ୍ରାପ୍ତି ହୋଇଥାଏ ।

ଲୋକକ୍ତି ରହିଛି ଯେ- ଆଠ, ନଅ, ଦଶ
ତୁନି ହୋଇକି ବସ
ହେଲେ ପୂନେଇଁ ଦେବି ଅନେଇ
ସ୍ୱର୍ଗ ଦୁଆରେ ଖସ ।

ଅର୍ଥାତ୍ ଜନ୍ମ ଅଷ୍ଟମୀ ( ଶ୍ରୀକୃଷ୍ଣ ଜନ୍ମ ), ରାମ ନବମୀ ( ଶ୍ରୀ ରାମ ଜନ୍ମ), ଦଶହରା (ଶ୍ରୀ ଦୁର୍ଗା ଜନ୍ମ)କୁ ଆଠ, ନଅ ଓ ଦଶ ଏବଂ ଶେଷରେ କାଳୀ ପୂଜା(ଦୀପାବଳି)ରେ ପରଲୋକଗତଙ୍କୁ ସମ୍ମାନ ଜଣାଯାଏ ।

ଭୁମି, ମାତୃଭୂମି ବା ଜନ୍ମଭୂମି ହିଁ ଆମର ଦ୍ୱିତୀୟ ମାଆ । ପଲ୍ଲୀରୁ ଆରମ୍ଭ କରି ସହର ସବୁଠି ପୃଥିବୀମାତା ଶକ୍ତିସ୍ୱରପିଣୀ ରୂପେ ବିରାଜିତ । ସେଥିପାଇଁ ତ ଆମ ଶରୀର, ମନ ଓ ଆତ୍ମା ମହୀଆନ । ସେ ମାତା ହିଁ ଆମ ସଂସାରକୁ ପରିପୂର୍ଣ୍ଣ କରିପାରିଛି । ସବୁ ଦୁଃଖ ସହିଛି । ତା'ରି ଛାତିରେ ଆମେ ଖେଳୁଛୁ, ବୁଲୁଛୁ, ନାଚୁଛୁ, ପାଦ ପକେଇ ଆଗକୁ ଯାଇପାରୁଛୁ । ତେଣୁ ସେ ସର୍ବଂସହା ଜନନୀ । ନିଜ ସ୍ୱାର୍ଥକୁ ପରିହାର କରି ଆମ ଜୀବନକୁ ସୁରକ୍ଷିତ କରିପାରୁଛି । ତେଣୁ ସେହି ମାଆର ଶକ୍ତି ଆମପାଇଁ ପ୍ରେରଣାର ଉତ୍ସ ।

ବିଶ୍ୱ ମାତାକୁ ବି କୁହାଯାଇପାରେ ଶକ୍ତିମୟୀ । ସେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ପରିଚାଳିକା । ସୃଷ୍ଟି, ପାଳନ ଓ ସଂହାରର ସୁନ୍ଦର ଉଦାହରଣଟିଏ । ସେ ଅଦୃଶ୍ୟ, ଅନନ୍ତ, ଅସୀମ, ଅପରିମେୟ ମହାଶକ୍ତି । ସେହି ମାଆର ଛାତି ଉପରେ ସମଗ୍ର ପ୍ରକୃତି ଭରାଦେଇ ଦଣ୍ଡାୟମାନ । ତା'ରି ଶକ୍ତିରେ ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର ଆତଯାତ । ସେ ହିଁ ଅନ୍ନ, ସେ ହିଁ ଧନସଂପତି, ସେ ହିଁ ସମସ୍ତଙ୍କର ପ୍ରାଣଶକ୍ତି । ସେ ପୁଣି ଧରିରଖିଚି ସ୍ନେହ,ପ୍ରେମ, ମାୟା, ମମତା, ବିବେକବନ୍ତ ମାନବିକତା । ଝଲସିଉଠେ ଅମୃତମୟ ସ୍ୱର୍ଗର ଦୀପ୍ତି । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଦଶଦିଗପାଳ, କୋଟିକୋଟି ଦେବତାଗଣଙ୍କର ଜନ୍ମଦାତ୍ରୀ ସେ । ବିଦ୍ୟାଦାତ୍ରୀ ସେ ଏବଂ ଅସାଧାରଣ କର୍ମଶକ୍ତିର ଅଧିକାରିଣୀ । ସେ ହିଁ ସ୍ଥିତି,ପ୍ରଗତି, ମୁକ୍ତିଦାତ୍ରୀ । ବେଳେବେଳେ ଦଶ, ଶତ, ସହସ୍ରଭୁଜା ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ । ସେ ଚାହେଁ ନିଜ ସନ୍ତାନର କାମନା, ବାସନା, କ୍ଷୁଧା,ପିପାସା ଦୂର ହେଉ । ମନରେ ବିରାଜ କରୁ ଆଶା, ଆକାଂକ୍ଷା ଓ ଆତ୍ମିୟତା ।

ବିଶ୍ୱବ୍ରହ୍ମାଣ୍ଡକୁ ବ୍ୟାପ୍ତ କରି ରହିଥିବାରୁ ମା ଦୁର୍ଗା ହିଁ ନିତ୍ୟ ସ୍ୱରୂପା । ବିଭିନ୍ନତା ମଧ୍ୟରେ ଏକ ଶକ୍ତି ହିଁ ସଂଚରିଥାଏ ମାଆର ହୃଦୟରେ । ସେହି ଶକ୍ତି ହିଁ ଦୁଃଖ-ଶୋକ ନାଶ କରେ ଶ୍ରଦ୍ଧାଳୁର ଏକାଗ୍ରତା ଓ ନିଷ୍ଠାରେ । ଭକ୍ତିମନସ୍କ ହୋଇ ଖୋଜିବୁଲେ ମାଆର ଉପସ୍ଥିତିକୁ । ସେଥିପାଇଁ ଆଶ୍ୱିନର ଏହି ମହାର୍ଘ ମହୋତ୍ସବରେ ମାତୃଶକ୍ତିର ପରିକଳ୍ପନା କରି ମାଆ ଶକ୍ତିମୟୀଙ୍କର ପବିତ୍ର ଆରାଧନା ଚାଲେ ପୂଜା ମଣ୍ଡପରେ । ମାଆ ହିଁ ଜୀବନର ସବୁ କିଛି । ମାଆ ଯେଉଁ ରୂପ ଧାରଣ କରିଥିଲେ ବି ସେ ସନ୍ତାନର ମଙ୍ଗଳ କାମନା କରି ଆଶୀର୍ବାଦ ଦେଇଥାଏ । ଦୁଃଖ ବିନାଶିନୀ ମାଆ ଦୁର୍ଗା ଦଶ ପ୍ରହରଣ ଧାରଣ କରିଥିଲେ । କୋଟିକୋଟି ଦେବତାଙ୍କୁ ଏବଂ ଦେବତାଙ୍କୁ ଉଦ୍ଧାର କରିବା ସହ ପୃଥିବୀର ସମସ୍ତ ପ୍ରାଣୀମାନଙ୍କୁ ଆଶ୍ରୟ ଦେଇପାରିଥିଲେ । ଦୁର୍ଗେ ଦୁର୍ଗତି ନାଶିନୀ । ତେଣୁ - ଯା ଦେବୀ ସର୍ବଭୁତେଷୁ ଶକ୍ତିରୂପେଣ ସଂସ୍ଥିତା

ନମସ୍ତସେ ନମସ୍ତସେ ନମସ୍ତସେ ନମୋନମଃ ।

ଶରତ ଋତୁ ଧରାପୃଷ୍ଠରେ ପାଦ ଥାପିଲେ ନଈ-ପଠା ଓ ବିଲ-ପାଟରେ କାଶତଣ୍ଡୀ ମୁହଁ ଦେଖାଏ । ଧୋବ 'ର'ର ଚଅଁର ସୁଲୁସୁଲିଆ ପବନରେ ଦୋଳାୟିତ ହୁଏ । ନୀଳରଙ୍ଗର ଅପରାଜିତା

ଫୁଲ ଶୋଭା ବିମଣ୍ଡିତ କରେ ବାଡ଼ିବଗିଚାକୁ । ନଈ-ପୋଖରୀର ପାଣି କାଚକେନ୍ଦୁ ପାଲଟିଯାଏ । ସତେ ଯେମିତି ଦର୍ପଣରେ ମୁହଁ ଦେଖିଲାପରି ମନେହୁଏ । କୁମୁଦର ଢଳଢଳ ପାଖୁଡ଼ା ଦୃଷ୍ଟି ଆକର୍ଷଣ କରେ । ମୃଦୁ-ମଧୁର ପବନ ଦେହକୁ ଶିହରାଇ ଦିଏ । ପାର୍ବଣର ଋତୁରେ ଶାରଦୀୟ ମହୋତ୍ସବ ଆରମ୍ଭ ହୁଏ । ଆଶ୍ୱିନର ମୂଳାଷ୍ଟମୀଠାରୁ ଆଶ୍ୱିନର ମହାଷ୍ଟମୀ ପର୍ଯ୍ୟନ୍ତ ଦୁର୍ଗାପୂଜା ଅନୁଷ୍ଠିତ ହୁଏ ପୁରପଲ୍ଲୀ ଓ ସହରରେ । ଭକ୍ତିପୂତ ମାର୍ଗରେ ଆବାଳ-ବୃଦ୍ଧ-ବନିତା ପୂଜାପୀଠରେ ସମାବେଶ ହୋଇ ମାଆଙ୍କୁ ମୁଣ୍ଡିଆ ମାରନ୍ତି ଓ କରୁଣା ଭିକ୍ଷା କରନ୍ତି । ମାଆ ହିଁ ଶକ୍ତିମୟୀ-ଦୁର୍ଗା ।

ସୃଷ୍ଟିର ଆଦିଶକ୍ତି ହେଉଛନ୍ତି ଦୁର୍ଗା । ସେ ନବସ୍ୱରୂପ ଧାରଣ କରୁଥିବାରୁ ନଅ ଦିନରେ ଉପରୋକ୍ତ ସ୍ୱରୂପରେ ଭକ୍ତମାନେ ଭକ୍ତିପୂତ ଭାବରେ ମା ଦୁର୍ଗାଙ୍କ ଉପାସନା କରିଥାନ୍ତି । ଶ୍ରୀ ଶ୍ରୀ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣନା କରାଯାଇଛି-

ପ୍ରଥମଂ ଶୈଳପୁତ୍ରୀତି ଦ୍ୱିତୀୟଂ ବ୍ରହ୍ମଚାରିଣୀ
ତୃତୀୟଂ ଚନ୍ଦ୍ରଘଂଟେତି କୁଷ୍ମାଣ୍ଡେତି ଚତୁର୍ଥଂ
ପଂଚମଂ ସ୍କନ୍ଦମାତେ ତି ଷଷ୍ଠଂ କାତ୍ୟାୟନୀ ତଥା
ସପ୍ତମଂ କାଳରାତ୍ରିତି ମହାଗୌରୀତି ଚାଷ୍ଟମଂ
ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗାଃ ପ୍ରକୀର୍ତିତାଃ

ମାଟି, ପାଣି, ନଦୀ, ଝରଣା, ପାହାଡ-ପର୍ବତ, ଗଛ-ଲତାକୁ ଆପଣେଇ ନେଇଥିବା ପାହାଡ଼ି ମଣିଷଟି ନିଜ ଗ୍ରାମଦେବୀଙ୍କୁ ମା ଶକ୍ତିମୟୀ ରୂପେ ପୂଜା କରିଥାଏ । ଗାଁ ଦେବୀମାନଙ୍କୁ ସୁଖ-ଦୁଃଖରେ ଲୋଡ଼ି ଜୀବନକୁ ରସାଣିତ କରେ । ଆନ୍ତରିକ କୃତଜ୍ଞତା ପ୍ରକାଶ କରେ । ସେ ଜାଣେ ମାତୃଶକ୍ତି ହିଁ ସର୍ବଶ୍ରେଷ୍ଠ ଶକ୍ତି । ତେଣୁ ଦଶହରାରେ ଆଦିବାସୀ ଅଧ୍ୟୁଷିତ ଅଂଚଳମାନଙ୍କରେ ଗ୍ରାମଦେବୀଙ୍କର ପୂଜା ଆରାଧନା ଶକ୍ତି ଓ ମାତୃପୂଜାର ଏକ ଚରମ ନିଦର୍ଶନ ରୂପେ ବିବେଚିତ ହୋଇଥାଏ । ପୂଜା ପଦ୍ଧତି ଭିନ୍ନ ଏବଂ ଗ୍ରାମଦେବୀ ଭିନ୍ନ ହେଲେ ମଧ୍ୟ ଦେବୀ ହିଁ ଦୁର୍ଗା-ଦୁର୍ଗତିନାଶିନୀ । ସକଳ ଶକ୍ତିର ଆଧାର । ଶ୍ରଦ୍ଧାଳୁ ଭକ୍ତଙ୍କର ଅନାବିଳ ଭକ୍ତି ନିବେଦନ ପ୍ରକୃତିକୁ ଛୁଇଁଥାଏ । ଦେବୀପୀଠରେ ମାଆ ଦୁର୍ଗା ପୂଜା ପାଉଥିବାବେଳେ ପଥପାର୍ଶ୍ୱରେ ଛୋଟଛୋଟ ମୃଣ୍ମୟ ମୂର୍ତ୍ତୀ ପୂଜା ପାଉଥାନ୍ତି । ଭକ୍ତିପୂର୍ଣ୍ଣ ଭାବରେ ମାଆକୁ ଡାକିଲେ ଓଃ କରନ୍ତି ସେ । ଶକ୍ତି ପ୍ରଦାନ ପୂର୍ବକ ଦୁଃଖ ମୋଚନ କରିଥାନ୍ତି । ସେଥିପାଇଁ ଗ୍ରାମଦେବୀମାନେ ଗ୍ରାମୀଣ ମଣିଷର ସର୍ବଶକ୍ତିମୟୀ ମାଆ ।

ଏମିତି ଏକ ପାର୍ବଣ ଋତୁରେ ଆମେ ସଭିଏଁ ଏକଜୁଟ ହେବା ଓ ଶକ୍ତିମୟୀ ମାଆଙ୍କ ଆବହନ କରି ଦୁଃଖ ମୋଚନ କରିବା ।

ଏଲ.ଆଇ.ଜି -୧୫, ନୟାପଲ୍ଲି ବ୍ରିଟ୍ କଲୋନୀ,
ଭୁବନେଶ୍ୱର ୭୫୧୦୧୨



# ଲଜ୍ଜା

*- ପ୍ରେମ ସମ୍ରାଟ ଲକ୍ଷ୍ମଣ କୁମାର ବେହେରା (ଯତି)*

ଅନୀତା ସକାଳୁ ସକାଳୁ ଗାଆଁ ପୋଖରୀରେ ଗାଧୋଇ ସାରି ଘରକୁ ଫେରି ଦେଖିଲା ତା'ର ସ୍ୱାମୀ କନ୍ଦର୍ପ ଖଟ ଉପରେ ଶୋଇ ରହି ଚଳଚିତ୍ର ଦେଖିବାରେ ବ୍ୟସ୍ତ ଅଛି । ଏହା ଦେଖି ସେ ନିଜର କ୍ରୋଧ ସମ୍ଭାଳି ନପାରି ହାତରେ ଧରିଥିବା ଲୁଗା ବାଲ୍ଟି ଟିକୁ ଦୁଆର ସାମ୍ନାରେ ଫୋପାଡି ଦେଇ କହିଲା, ମୁଁ ତୁମକୁ ଯେତେବେଳେ ତ ଦେଖୁଛି ତୁମେ ସେଇ ଫୋନ୍ ଟାକୁ ଜାବୁଡି ଧରି ବସିଛ । ଖାଇବା, ଶୋଇବା ସବୁ ଭୁଲିଯାଇ ଚବିଶ୍ ଘଣ୍ଟା ଘସି ହେଉଛ । କ'ଣ ମିଳୁଛି ସେଇଠୁ ?

ବୋଧେ କଉ ଝିଅ କି ମାଇପି ତା' ଜାଲରେ ତମକୁ ପକାଇ ସାରିଲାଣି । ମୋତେ ତ ସନ୍ଦେହ ହେଲାଣି ତୁମ ଚରିତ୍ର ଉପରେ ।

(କନ୍ଦର୍ପ କହିଲା) ଛି ! ଛି ! ମୁହଁ ସେମିତି ନୁହେଁ । ମୋତେ ଆଶ୍ଚର୍ଯ୍ୟ ଲାଗୁଛି, ତୁମେ ମୋ ଚରିତ୍ରକୁ କେମିତ ସନ୍ଦେହ କରି ପାରୁଛ ?

(ଅନିତା କହିଲେ) ସନ୍ଦେହ କାହିଁକି କରିବିନି ? ତୁମେତ ସବୁବେଳେ ନଷ୍ଟ ଛବି ଦେଖୁଛ, ଅଶ୍ଲୀଳ କଥା କହୁଛ, କଥା କଥାରେ ମୋତେ ରାଗୁଛ, ପିଟୁଛ, ମୋ ଭଉଣୀକୁ ରଖିବ ବୋଲି କହୁଛ... ।

ଫେସବୁକ୍‌ରେ ମୁଁ ତୁମକୁ ଅନେକ ଥର ତ ଦେଖିଛି ତୁମେ ସେଇଠି ଲାଇକ ଆଉ କମେଂଟ୍ କରିଥାଅ ଯେଉଁଠାରେ ତରୁଣୀଟିଏ ସ୍ନୋ, ପାଉଡର ମୁହଁରେ ବୋଲି ନଗ୍ନ ଅଶ୍ଲୀଳ ଛବିଟିଏ ଛାଡିଥାଏ ।

କୌଣସି ଭଲ ଲେଖା କି ନୀତିବାଣି ଉପରେ ନିଜର ମତ କେବେ ତ ବ୍ୟକ୍ତ କରିନ କି ଲଇକ୍ ଟିଏ କରିନ ଆଜିଯାଏଁ ? ଝିଅମାନଙ୍କ ଛବି ପଛରେ ପଡ଼ି ଫୋନ୍ ନମ୍ବର ମାଗି କଥା ହୁଅ । ତେବେ ଦୁଷ୍ଟ ପ୍ରକୃତିର ତୁମେ ? ବାହାଘର ଛଅବର୍ଷ ହୋଇଗଲା ପରେ ବି ତୁମେ ଜମା ବଦଳୁନ । ତୁମର ବାହାରଟା ଚିକ୍କଣ ହେଲେ ଭିତରଟା ପାପ-ପଙ୍କରେ ଭର୍ତ୍ତି । ମୁଁ କ'ଣ ତୁମକୁ ଚିହ୍ନିନି ?

ଚଳଚିତ୍ର ଅଭିନେତୀ ହେଉ ସୁନ୍ଦରୀ ତରୁଣୀ, ସେମାନଙ୍କ ନଗ୍ନଛବି ଦେଖିଲେ ତୁମେ ପରା ନାଚିଉଠ । ସେ ସବୁରୁ ତୁମେ କ'ଣ ପାଅ, କେଜାଣି ? ବିଧାତା ଜାଣୁଥିବେ । ମୋ ସହ ପଦେ କଥା ହେଲେ ରାଗ ଲାଗେ । ଆଉ କେଉ ଝିଅପିଲା ଯଦିତୁମ ରାତି ଅଧରେ ଫୋନ୍ କଲା, ତାହା ସହ ଘଣ୍ଟା ଘଣ୍ଟା ଧରି ହସି ହସି କଥା ହୁଅ । ତୁମ କେତେ ରସିକିଆ ମୁଁ  କ'ଣ ଜାଣିନାହିଁ ?

ଯେତେବେଳେ ତ ଦେଖୁଛି ରାଘବର ଭେଣେଇ ମଦନ ସାଙ୍ଗରେ ସାହି ମଣ୍ଡପରେ ବସି ମଦ ପଉଛ, ତା'-ତାସ ପତି ଖେଳୁଛ । ମଦନ ତ'ଗୋଟିଏ ବାଜେ ଚରିତ୍ରର ଲୋକ । ପର ଝିଅ ବୋହୂ ଉପରେ ସବୁବେଳେ ତାର ନଜର । ସେମିତି କୁତ୍ସିତ ଚରିତ୍ର ଲୋକ ସହିତ ତୁମେ କେମିତି ସାଙ୍ଗ ହେଉଛ ? ତା'ସାଙ୍ଗରେ ମିଶି ତୁମେ ପୁରା ବରବାଦ ହୋଇସାରିଲଣି । ଜାଣି ପାରୁନକି ?

ପୋଖରୀରେ ଆଜି ଗାଧୋଇଲା ବେଳେ ତୁମର ସେ ସାଙ୍ଗ ମଦନ ଆମ୍ବଗଛ ମୂଳେ ଲୁଛି ରହି ରତନାର ମାଆ, ମଧୁ ମାଉସି, ମମତା ଅପାଙ୍କୁ ଦେଖିଲା । ଯେତେବେଳେ ମୋତେ ଦେଖିଲା ସେ ଦୌଡ଼ିକି ପଳାଇଲା । ମମତା ଅପା କହିଲେ ତେ ବର ବି ଗତ ମଙ୍ଗଳବାର ଆ ସାଙ୍ଗରେ ମିଶି ଆମକୁ ଲୁଚି ଲୁଚି ଦେଖିଲା । ନିଜ ବରକୁ ଆଗେ ସମ୍ଭାଳ । ନହେଲେ ଦିନେ ପସ୍ତେଇବୁ ବୋଲି ମୋତେ କହିଲେ ।

ଏ କଥା ଶୁଣି ଲଜ୍ଜାରେ ମୋ ମୁଣ୍ଡ ତଳକୁ ନହିଁଗଲା । ତୁମେ ଜାଣିନକି ସେମାନେ ସମସ୍ତେ ବିଧାବା ବୋଲି ? ସବୁଜାଣିଶୁଣି ତୁମ ଇଜ୍ଜତ୍‌ରେ କଳଙ୍କ କାହିଁକି ଲଗାଉଛ । ତୁମକୁ ନିଜର ବର ବୋଲି କହିବାକୁ ମୋତେ ଘୃଣା ଲାଗୁଛି । ସେଦିନ କନ୍ଦର୍ପ ସହିତ ଏତିକି କଳି ଝଗଡ଼ା ହୋଇ କାନ୍ଦୁଥାଏ ଅନିତା ।

ଛଅ ବର୍ଷ ହୋଇଗଲା ଛୁଆଟିଏ ଦେଇପାରୁନି ବୋଲି ତୁମ ଘର ଲୋକେ ଏଣେତେଣ କଥା ମୋତେ ଶୁଣାଉଛନ୍ତି । ତୁମ ମାଆ ମୋତେ ଶୁଣାଇ କରି ଗତ କାଲି କହିଲେ ବାପାଘରେ ଭଙ୍ଗେଇ ଥିବ, ସେଥି ଲାଗି ଛୁଆ ହେଉନି । ମାମୁଁ ଘର, ମାଉସି

ଘର, ଅପା ଘର ବୁଲି ବୁଲି ନୂଆ ନୂଆ ତୁଣ ସବୁ ଖାଇଥିବେ । ଯାହାକୁ ପାରି ତାହାକୁ ଖୁଆଇଥିବ, ନହେଲେ; ଛୁଆ ନାହିଁ ହୋଇତା ।

ଶାଶୁ ମାଆଙ୍କଠାରୁ ଏମିତି ଅସଭ୍ୟ କଥା ଶୁଣି ମୋ ମୁହଁ ତଳକୁ ହୋଇଗଲା । ଜଣେ ନାରୀ ଆଉ ଜଣେ ନାରୀକୁ ଏମିତି ବାଧିଲା ଭଳି କଥା କହିପାରେ ? ମୁଁ କେବେବି ଏମିତି ଶୁଣିବି ବୋଲି ଜୀବନରେ ଭାବିନଥିଲି । ଆଜି ମୁଁ ବହୁତ ପୀଡ଼ା ଅନୁଭବ କରୁଛି ।

ଗାଁ ଲୋକଙ୍କଠାରୁ ଆଉ ଶାଶୁ ମାଆଙ୍କଠାରୁ ଏଭଳି କଥା ଶୁଣି ମୋତେ ଆଉ ଜମା ଭଲ ଲାଗୁନି । ଏ ପରିବାର ପ୍ରତି ମୋର ଯେଉଁ ଭଲପାଇବା ଅଛି, ସମ୍ମାନ ଅଛି ମୁଁ ତାକୁ କେବେ ମଧ୍ୟ କ୍ଷୁର୍ଣ୍ଣ ହେବାକୁ ଦେଇନି କି ଦେବିନି । ମୁଁ ସରଳ ବିଶ୍ୱାସୀ ବୋଲି ତୁମ ମାୟା ଜାଲରେ ପଡ଼ି ତୁମକୁ ବିବାହ  କଲି । ମୋ ସଂସ୍କାର ଏତେ ନିଚ୍ଚ ନୁହେଁ । ତୁମେ ଏତେ ତଳକୁ ଖସି ଯିବ ମୁଁ କେବେ ସ୍ୱପ୍ନରେ ସୁଧା ଭାବି ନଥିଲି । ତୁମ ପାଇଁ ମୁଁ ଲଜ୍ଜିତ ।

ତୁମେ ଏତେ ପାଠଶାଠ ପଢ଼ିଛ, ତୁମ ବନ୍ଧୁ ରାଘବ ସହ ମିଶି ଚାକିରୀଟିଏ ପାଇଁ ଚେଷ୍ଟା କରୁନ । ତୁମେ ଚାକିରୀ କଲେ ଘରଟା  ହେଲେ ଟିକେ ଭଲରେ ଚଳନ୍ତା ।


ଲଜ୍ଜାରେ ଆଉ ପଦେ ବି କଥା କନ୍ଦର୍ପ କହିନପାରି ଏକ ମୁହାଁ ହୋଇ ରାଘବ ପାଖକୁ ଗଲା । କଥା ବାର୍ତ୍ତା ହୋଇ ଦୁହେଁ ଚାକିରୀ ପାଇଁ ବାଙ୍ଗାଲୋର ଚାଲିଗଲେ ।

ବାଙ୍ଗାଲୋରରେ ରାଘବ ଓ କନ୍ଦର୍ପ ଏକ ନାମିଦାମୀ କମ୍ପାନୀରେ ଉଚ୍ଚପଦବିରେ ଚାକିରୀ ପାଇଲେ ।

ମାତ୍ର ପନ୍ଦର ଦିନ କମ୍ପାନୀରେ କାମ କରି ନିଜଘରକୁ ଫେରିଆସିଲା କନ୍ଦର୍ପ । ଘରକୁ ଫେରିଲା ବେଳେ ନିଜ ଫୋସ୍‌ବୁକ୍ ବାନ୍ଧବି ଏଲୀନା ସାହୁକୁ ଧରି ପଳାଇ ଆସିଲା । ଗାଁରେ ସମସ୍ତେ କନ୍ଦର୍ପ, ଅନିତା ଆଉ ଏଲୀନାର ହୀନ ଚର୍ଚ୍ଚା କଲେ, ନିନ୍ଦା ପାଞ୍ଚିଲେ, ଛଅକୁ ନଅ- ନଅକୁ ଛଅ କରି ମୁହଁରେ କହିଲେ ।

ଲୋକ ଲଜ୍ଜା ସହିନ ପାରି ଅନୀତା ଶେଷରେ ଆତ୍ମହତ୍ୟା କଲା ।

କବିକୁଟୀର, ଦଣ୍ଡାସିହା, ବାରକୋଟ,
ଦେବଗଡ଼ (ଓଡ଼ିଶା)



# ନିରଶ

- ଲିଳାବତୀ ମହାପାତ୍ର

ହଠାତ୍ ମଟର ସାଇକେଲଟିଏ ତା ସମ୍ମୁଖରେ ରହିବାରୁ ଭାବନୀ ପ୍ରକୃତିସ୍ଥ ହେଲା । ଦୁର୍ଦ୍ଦିନରେ ସହାୟତାର ହାତ ବଢ଼ାଇ ମଟର ସାଇକେଲ ବାବୁ ଜଣକ କହିଲେ ରହ ମୁଁ ଗାଡ଼ି ବନ୍ଦୋବସ୍ତ କରିଦେଉଛି ।

ଦୀର୍ଘନିଶ୍ୱାସଟିଏ ମାରି କାନ୍ଧରେ ବୋହି ଥିବା ଭାରଟିକୁ ରଖି ଭବାନୀ ବସିବାକୁ ଚାହିଁଲା । ଏହା ଦେଖି ବାବୁ ଜଣକ କହିଲେ ରହ ରହ ତୁମର ଫଟୋ ଉଠାହେବ । ଭାରଟିକୁ କାନ୍ଧରେ ରଖ, ନିଷ୍କପଟ ଭବାନୀ ବାବୁ କହିବା ଅନୁସାରେ ଛିଡ଼ା ହେଉଛି । କେତେ ପ୍ରକାର ତାର ଫଟୋ ଉଠା ଚାଲିଛି । ଏସବୁ ପ୍ରତି ଭବାନୀର ସ୍ପୃହା ନାହିଁ । ସେ ତା ଭାବନା ରାଜ୍ୟରେ ବିଚରଣ କରିବାକୁ ଲାଗିଲା ।

ବାରବର୍ଷ ହୋଇଗଲା କନ୍ଧ ପିଲେ ହାତକୁ ଦୁଇ ହାତ ହୋଇଯାଆନ୍ତି । ସଂସାର ଚଳାଇବାକୁ ସକ୍ଷମ ବୋଲି ଭାବିନିଅନ୍ତି । ବାର ବର୍ଷର ଭବାନୀ ନଅ ବର୍ଷର ଭଉଁରୀର ହାତ ଧରି ସଂସାର କରିବାକୁ ଆରମ୍ଭ କରିଥିଲା । ସଂସାରଟା ଏପରି ଫଟା ଯେ ପାଖେ ସିଇଁଲେ ପାଖେ ଚିରି ଯାଉଥିବା ସେ କଥା ଭବାନୀକୁ ଜଣା ନଥିଲା ।

ଭବାନୀ ଜଙ୍ଗଲରୁ ଆଣିଥିବା କୁରେଇ ଫୁଲରେ ଭଉଁରୀର ଗଭା ସଜେଇ ଦେଇ ଦୁଇ ହାତରେ ତା ମୁହଁକୁ ଟୋଳି ଧରି ଘଡିଏ ଦେଖିନିଏ । ତା'ପରେ ଭଉଁରୀର ହାତ ଧରି ନଦୀ ପଠାକୁ ଟାଣିନେଇ ନଦୀଜଳରେ ଭଉଁରୀର ସୌନ୍ଦର୍ଯ୍ୟଦାକୁ ମନଭରି ନିରୀକ୍ଷଣ କରିବା ସମୟରେ ଫିକ୍‌କିନା ଲାଜମିଶା ହସଟେ ହସି ଭଉଁରୀ ଚାଲି ଆସେ ତା ପତ୍ରକୁଡ଼ିଆକୁ ଭିତରକୁ ।

ମଲ୍ଲୀଫୁଲରେ ସେଜଇ ଦିଏ ଘଟଟିକୁ । କଳସୀ ଜଳରେ ମଲ୍ଲୀଫୁଲ ପକାଇ ରଖେ । ମଲ୍ଲୀଫୁଲିଆ ବାସ୍ନାରେ ପର୍ଣ୍ଣକୁଟୀରଟି ଇନ୍ଦ୍ରଭବନ ହୋଇଯାଏ । ଜୀବନଟି ଐଶ୍ୱର୍ଯ୍ୟମୟ ହୋଇ ଉଠେ । ଏହି ପ୍ରେମମୟ ସଂସାରର ଶୋଭା ବର୍ଦ୍ଧନ କରି ଆସିଲା ଏମାନଙ୍କ ପ୍ରଥମ ସନ୍ତାନ ଦିନେଶ । ପୁତ୍ର ଆଗମନ ଖୁସିରେ ଭଉଁରୀ ମଦମତ୍ତ ହୋଇ ପାରିଲା ନାହିଁ । ଅନୁଢ଼ା କିଶୋରୀ ମାତୃତ୍ୱଲାଭ କଲେ ଯାହା ହୁଏ । ତା'ଜୀବନରେ ସେୟା ଘଟିଲା ।

ଶିକ୍ଷାଦୀକ୍ଷା ଅଭାବରୁ ଦାମ୍ପତ୍ୟ ସୁଖ ଉପଭୋଗରେ ଏମାନେ ଏପରି ଦଳିନ ହୋଇ ଉଠିଥିଲେ ଯେ ଗୋଟିଏ ପରେ ଗୋଟିଏ ସନ୍ତାନ ପୃଥିବୀର ଆଲୋକ ଦେଖିବା ପୂର୍ବରୁ ଆରପାରିକୁ ଚାଲି ଯାଉଥିଲେ । ତତ୍ ସଙ୍ଗେ ସଙ୍ଗେ ଭଉଁରୀର ଶରୀର ଦିନକୁ ଦିନ ଦୁର୍ବଳ ହୋଇଯାଉଥିଲା । ସେମାନଙ୍କ ଜାତିରେ ଏସବୁ ଦେହସୁହା । ଭଉଁରୀ ପରି କେତେ ଯେ ଝିଅ ଏ ଅବୟସରୁ ବିବାହ କରି କୋଡିଏଟି ଫଗୁଣ ହେଉ ନ ହେଉଣୁ ମୃତ୍ୟୁମୁଖରେ ପଡ଼ନ୍ତି ସତେକି ସେମାନେ ଏ ସଭ୍ୟ ସମାଜର ବହୁ ଦୂରରେ ଭିନ୍ନ ଏକ ପୃଥିବୀରେ ବାସ କରୁଛନ୍ତି । ଅତି ନିରଶ ଲୋକଗୁଡ଼ାକ ।

ଭଉଁରୀ ତା'ର ଏ ସନ୍ତାନକୁ ଯେପରି ହେଉ ରକ୍ଷା କରିବ । ତାଙ୍କ ଗ୍ରାମକୁ ଆସିଥିବା ସମାଜ ସେବିକା ସରୋଜବାଳା ଦେଇଙ୍କ ସଙ୍ଗତର ପରିଣତି ସ୍ୱରୂପ ଭଉଁରୀ ଡାକ୍ତରଖାନା ବିଷୟରେ ଅବଗତ ଥିଲା ।

ନଈ, ନାଳ, ବଣ ପଥ ଏପରି ଏପରି ପ୍ରାୟ ଚାରି କିଲୋମିଟର ଅତିକ୍ରାନ୍ତ କରି ଭବାନୀ ଭଉଁରୀ ସହରର ଜଟିଳତାକୁ ପାର କରି ଡାକ୍ତରଙ୍କ ପାଖରେ ପହଞ୍ଚି ପାରି ନଥିଲା । ସେହି ହସ୍‌ପିଟାଲ ବାରଣ୍ଡାରେ ସୁନ୍ଦର କନ୍ୟା ସନ୍ତାନଟିକୁ ଜନ୍ମ ଦେଇ ଭଉଁରୀ ଆରପାରିକୁ ଚାଲିଯାଇଥିଲା । ଭବାନୀ ଖୁବ୍ ଯୋରରେ

ରଡ଼ି ଛାଡ଼ି ବାହୁନି ବାହୁନି କାନ୍ଦି ନିଜ ଶିଶୁ କନ୍ୟାଟିର ଜୀବନ ଭିକ୍ଷା କରିଥିଲା । କିନ୍ତୁ ଡାକ୍ତରଙ୍କ ପାଖରେ ପହଞ୍ଚିବା ପୂର୍ବରୁ କନ୍ୟା ସନ୍ତାନଟିକୁ ମଧ୍ୟ ସବୁଦିନ ପାଇଁ ହରାଇ ଦେଲା ଭବାନୀ ।

ଶବ ଦୁଇଟିକୁ ତା'ଗାଁ ଯାଏ ନେବାକୁ ପଡ଼ିବା ଅଗତ୍ୟା ଆମ୍ବୁଲେନ୍ସ୍ ଡ୍ରାଇଭରକୁ ତା ପକେଟରେ ଥିବା ପଚାଶଟି ଟଙ୍କା ଯାଚିଥିଲା । ଏତେ କମ୍ ପଇସାରେ ପୋଷାଇବ ନାହିଁ କହି ଆମ୍ବୁଲେନସ୍ ଡ୍ରାଇଭର ମୁହଁ ଫେରାଇ ନେଇଥିଲେ । ଭବାନୀ ବହୁ ନେହୁରା ହୋଇଥିଲା । କିନ୍ତୁ କିଏ ଶୁଣି ନଥିଲେ । ଭାଇରେ ମା' ଝିଅଙ୍କ ଶବ ରଖି ସେ ତା ଗ୍ରାମ ଅଭିମୁଖେ ଚାଲିବାକୁ ଲାଗିଲା ।

ଠିକ୍ ଅଛି ଏଥର ଦେଲା ପୁରା ପ୍ରରଫେକ୍ଟ କାଲି ନ୍ୟୁଜ୍‌ଚେନାଲଟି କଭରରେ ଶବ ହେଡ଼ ଲାଇନରେ ସରଗରମ ହୋଇ ଉଠିବ । ବାବୁ ଜଣଙ୍କ ଭବାନୀକୁ ହଲାଇ ଦେଇ କହିଲେ ଗଲ ଗାଡ଼ିରେ ବସ ତମକୁ ନେଇ ଆମେ ତମ ଗ୍ରାମରେ ଛାଡ଼ି ଆସିବୁ । ଭବାନୀ ପ୍ରକୃସ୍ଥିତ ହୋଇ ଗାଡ଼ିରେ ଯାଇ ବସିଲା ।

ତା'ପରେଦିନ ସତକୁ ସତ ତା ଜୀବନର ବହୁତ କିଛି ପରିବର୍ତ୍ତନ ଆଣି ଦେଇଥିଲା । ଚାରିଆଡୁ ଟଙ୍କା ବର୍ଷା ହେଲା ପରି ତା'ପାଖକୁ ବିଭିନ୍ନ ଅନୁଷ୍ଠାନ, ଦେଶ, ବିଦେଶରୁ ଟଙ୍କା ଆସିଲା । ଭବାନୀ ଭାବିଲା– ଭଉଁରୀଟା ସହର ଯିବ ଯିବ ହେଉଥିଲା । ସହରକୁ ଗଲା ଯେ ଆଉ ଫେରିଲା ନାହିଁ । ତା'ବଳଦରେ ଅଜସ୍ର ସମ୍ପଦ ହୋଇଗଲା ସତରେ ସେ କ'ଣ ଅନ୍ନପୂର୍ଣ୍ଣ ।

*ରଙ୍ଗିଲା ଛକ, ସୁନ୍ଦରଗଡ଼*




# ଅକଲ, ମକଲ, ଟକଲ

- ବନଲତା ସିଂ

ତା'ର ହାତ ଟେକା କ୍ଷୁଦ କଣିକାଏ ଚାହିଁ ଥିବି କାଳ କାଳକୁ । ମୁଁ ଆସିଛି ଦେଖି ମୋ କଳା ବଦନକୁ ।
ଜୟ ଜଗନ୍ନାଥ

ବିଲେଇ ଏକ ଗୃହପାଳିତ ପଶୁ, ସେ ଦେଖିବାକୁ ଆକାରରେ ଛୋଟ ହେଲେ ବି ବାଘର ଅବିକଳ ଚେହେରା । ଯେ କହିବ ବାଘର ଛୁଆ, କିନ୍ତୁ ଭାରି ସ୍ନେହି । ସବୁବେଳେ ମଣିଷ ପରିବାର ସହିତ ତା'ର ପରିବାର ଧରି ରହିବାକୁ ଭାରି ଭଲପାଏ । ସେ ମଣିଷ ପରିବାରର ଯାହାକୁ ଦେଖିବ ଶ୍ରଦ୍ଧାରେ ତା ଦେହରେ ଘଷି ହୋଇ ଘୁତୁ ଘୁତୁ ହୋଇ କ'ଣ କହୁଥିବ । ମ୍ୟାଉଁ ମ୍ୟାଉଁ ହେଉଥିବା ତେବେ ସ୍ନେହ ଶ୍ରଦ୍ଧା, ପ୍ରେମ ଏତେ ଭଗବାନଙ୍କ ସୃଷ୍ଟି ସେ ସଚରାଚର ଜୀବଜନ୍ତୁ କୀଟ ପତଙ୍ଗ ସମସ୍ତଙ୍କ ପାଇଁ ଭରି ଦେଇଛନ୍ତି ସେ ଅମୃତର ଧାରା, କେବଳ ଜଡ଼କୁ ଛାଡ଼ି ଦେଲେ ଆଉ ସବୁଠି ଭରପୁର ।

ଗୋଟିଏ ଧନୀ ପରିବାର ରହୁଥିଲେ । ସେ ତାଙ୍କ ପରିବାର ସହିତ ବଲେଇ କୁକୁର, ଶୁଆ-ଶାରୀ, ପାରା, ମୟୁର ଯେଉଁ ମାନେ ପୋଷା ମାନିବେ । ସେମାନଙ୍କୁ ଅତି ଶ୍ରଦ୍ଧାରେ ରଖିଥିଲେ । ତାମଧ୍ୟରେ ତିନୋଟି ବଲେଇ ଥିଲେ । ଦୁଇଟି ତାଙ୍କର ପୋଷା ଆଉ ଗୋଟିଏ ବାହାରୁ ଆସି ସାଙ୍ଗ ହୁଏ । ପୁଣି ଚାଲିଯାଏ । ଏ ଯେଉଁ ଦୁଇଟି ବିଲେଇ ଏମାନେ ହେଲେ ଗୋରି ମାନେ ଶଙ୍ଖ ବିଲେଇ, ତାଙ୍କ ନାମ ଅକଲ, ମକଲ ଯେଉଁ ବିଲେଇ ପଦାରୁ ଆସେ ସେ ହେଲା କାଳି, ତା'ନାଁ ଟକଲ, ସେ ଭାରି କଳିହୁଡ଼ି । ଟାଉକି, ରାଗି, ନାରଦ ପରି କରି କଳିଆ କରିବା ହେଲା ତାର କାମ । ଚେରିରେ ରେକର୍ଡ କରିଛି । ଆଉ ଏଦୁଇ ବିଲେଇ ଭାରି ଶାନ୍ତ, ଭଦ୍ର ଦୁଇ ଭଉଣୀ ପରି ଚଳନ୍ତି । ମାଲିକର ସୁଖ ଦୁଃଖର ସାଥୀ ହୋଇ ଚଳନ୍ତି ।

ଟକଳ ସାଥୀରେ ଅକଲ ମକଲଙ୍କର ପଡ଼େନା, ଟକଲ ଆସିଲେ ଏମାନେ ଅନ୍ୟ ଆଡ଼କୁ ଚାଲି ଯାଆନ୍ତି । ଦିନେ ଟକଲ ଆସି କହିଲା ଆଲୋ ଅକଲ ନାନି କ'ଣ ଝଡ଼ି ଗଲୁଣି, ଖାଇବା ପିଇବା ଶୋଇବା କ'ଣ ଠିକ୍ ହେଉନିକି ? ସେମାନେ ଦୁହିଁକୁ ଦୁହେଁ ଚାହାଁ ଚାହିଁ ହୋଇ ଚୁପ୍ ଚାପ୍ ହୋଇ ଆଖି ବୁଝି ଶୋଇବାର ଛଳନା କଲେ । ଟକଲ କି ଛାଡ଼ିବା ପିଲା । ସେ କହିଲା ହେଇଟି, ବୁଢ଼ୀ ଶୋଇ ଘୁଙ୍ଗିଡି ମାରୁଛି । ତା' ଶିକାରରେ କ୍ଷୀର ହାଣ୍ଡିଟା ମେଲା ରଖିଛି । ମୁଁ ଚେଷ୍ଟା କଲି ହେଲାନି, ଆମେ ତିନି ଜଣ ମିଶି ଚେଷ୍ଟା କଲେ କ୍ଷୀର ହାଣ୍ଡିଟା ତଳେ ପଡ଼ିଯିବ । ଆମେ ଖୁସିରେ ପେଟେ ଖାଇବା ।

ଏକଥା ଶୁଣି ଅକଲ ମକଲ ରାଗଗଲେ । କହିଲେ ତୁ କେମିତିକା ବିଲେଇଟା । ଦେଖୁଛୁ ମାଲିକିଆଣି କାମ କରି କରି ଶୋଇ ପଡ଼ିଛି, କ୍ଲାନ୍ତ ହୋଇ । ତା'ର ମନେ ବୋଧେ ନାହିଁ କ୍ଷୀର ହାଣ୍ଡି ଘୋଡ଼ାଇବାକୁ । ତୁ ଏଇ ମଉକାରେ କହୁଛୁ ହାଣ୍ଡି ଉପର ଦେବାକୁ । ତୁ ଗଲୁ ତୋ ବୁଦ୍ଧି ଆମର ଦରକାର ନାହିଁ କହି ଦୁଇଜଣ ଉଠି ପଳାଇ ଗଲେ । ଟକଲ ମୁହଁ ମୋଡ଼ି ଦେଇ କହିଲା, ହଉ ହଉ କେତେ ସଚ୍ଚୋଟ ରହି ମାଲିକ ସେବା କରିବୁ ମୁଁ ଦେଖିବି । ଏମିତି ସବୁଥର ଆସି କିଛି କହେ, ଆଉ ଅପମାନ ପାଇ ଫେରିଯାଏ । ମଉକା ଦେଖି ଚୋରି କରି କ'ଣ ଖାଇଦେଇ ଯାଏ । ଦିନେ ଭାବିଲା ମୁଁ ଏ ଦୁଇଜଣଙ୍କ ପରି ମୋର ପ୍ରକୃତି ବଦଳାଇ ଦେଇ ତାଙ୍କ ନିକଟରେ ହେବି ଏବଂ ମଉକା ଦେଖି ଚଉକା ମାରିବି । ଏମିତି ଯାଉଁ ଯାଉଁ ବାଟରେ ବିଲୁଆ ନନା ସହିତ ଦେଖା ହେଲା । ବିଲୁଆ ନନା ପଚାରିଲା କିଲୋ ଟକଲ ଆଜି କ'ଣ ତୋର ମୁହଁ ଶୁଖିଯାଇଛି । କ'ଣ ମାଡ଼ ଫାଡ ହୋଇଛିକି ?

ଟକଲ ଫୁଟାଣି ଦେଖାଇ କହିଲା, ଆରେ ହେ...... ମୋତେ କିଏ ମରିବ । ମୋ ନାଁ କ'ଣ ତୁ ଜାଣିଛୁଟି ? ଟକଲ ... ଟକଲ କାହାର ସାହସ ନାହିଁ ମୋତେ କିଛି କହିଦେବ । ଆରେ... ମୋତେ କ'ଣ କରି ପାଇଲୁକି ?

ବିଲୁଆ ନନା କହିଲା .... ତୁ ରାଗୁଚୁ କାହିଁକି ମୁଁ ତୋତେ ଥଟାରେ କହୁଥିଲି ନା ଆଚ୍ଛା କହିଲୁ ତୋର ସେ ସାଙ୍ଗ ଦୁଇଟା କିପରି ଅଛନ୍ତି ? ଭାରି ସୁନ୍ଦରୀ ହୋଇଛନ୍ତି । ଆମ ଜାତିଟା ଅଲଗା ନହେଲେ....

କାହିଁକି ଆଜି କାଲି ଜାତି କ'ଣ, ତୁ ବାହା ହୋଇଯାଉନୁ । ଟକଲ କହିଲା ।

ବିଲୁଆ – ହେଃ ତୁ ଖାଲି ଥଟ୍ଟା କରି ଯାଣିଛୁ । କାହାର କେଉଁ କାମ କରିଛୁ ? ହେଉ ଆଉ କ'ଣ କହ ।

ଟକଲ କହିଲା – ଆରେ ବିଲୁଆ ନନା ତୋର କାହିଁକି ଦେହ ଟା ଏମିତି ଝଡ଼ି ଗଲାଣି । ତୁ ଆଉ ଆଗପରି ସୁନ୍ଦର ଦେଖାଯାଉନୁ । ଆଗେ କେଡ଼େ ସୁନ୍ଦର ଥିଲୁ । ମୋର ପରା ମନେ ହେଉ ଥିଲା ତେତେ ବାହା ହେବାକୁ ।

ବିଲୁଆ କହିଲା– 'ଚୁପ୍' କାଳି ଅସନି, ମୁଁ ଯାଉଥିଲି ତେତେ ବାହାହେବାକୁ ହଁ କ'ଣ କହୁଥିଲି ମୁଁ କାହିଁକି ଝଡ଼ି ଯାଇଛି । ଆଉ କ'ଣ କରିବି, ଦେଖୁନ ଖାଇବାକୁ ଆଉ କିଛି ପାଉନି, ମୂଷା, ଚୁଚୁନ୍ଦ୍ରା ଓ ଝିଟିପିଟି ଆଉ କେହି ଗାଁରେ ରହୁ ନାହାନ୍ତି । ସହରକୁ ଚାଲି ଗଲେଣି । ଆଉ ମଣିଷ ଗୁଡ଼ା ଭଲ ମନ୍ଦ ଖାଇ ପଡ଼ିଆ ବିଲ ହୁଡ଼ା କେଉଁ ଗଛ ମୂଳରେ ଦୁଇ କାମ କରୁଥିଲେ । ଶୁଖିଗଲେ ଆମର ପୋଡ଼ ପିଠା ପରି କାମ ଚାଲୁଥିଲା । ଏବେ ତାହାବି ନାହିଁ, ସେମାନ ନିଜ ଘର ଭିତରେ ଡବାରେ ପୁରାଇ ମୁହଁ ଢ଼ାଙ୍କଣା ଦେଉଛନ୍ତି । ଆଉ ଆମେ ଏଠି ଛଟପଟ ହେଉଛୁ, କ'ଣ କରିବୁ ।

ଟକଲ କହିଲା– ଆରେ ନନା ଡବାରେ ପୁରାଇ ଢ଼ାଙ୍କଣା କ'ଣ ଦେଉଛନ୍ତି କିରେ ? ବିଲୁଆ କହିଲା, ଆଲୋ ସେ ସିମେଣ୍ଟର ଗୋଟିଏ ଡବା କରିଛନ୍ତି ସବୁ ତାଭିତରେ ରଖି ଢ଼ାଙ୍କଣା ଦେଉଛନ୍ତି । ବୁଝିଲୁ, ତୁତ ବୋକିଟା ।

ଟକଲ କହିଲା– ତେତେ ଗୋଟିଏ କଥା ପଚାରିବି ମୋତେ ଟିକେ ବୁଦ୍ଧି ଦେବୁ ?

ବିଲୁଆ କହିଲା କହୁନୁ । ବୁଦ୍ଧି ବାଣ୍ଟିବା ହେଲା ମୋର କାମ, କହ ଡରନା, ଟକଲ କହିଲା ଅକଲ ଆଉ ମକଲ ମୋତେ ଜମା ଭଲ ପାଉନାହାଁନ୍ତି । ତେଣୁ ମୁଁ ଘରେ ରହିପାରୁନି । କ'ଣ କଲେ ସେ ଦୁଇକଣ ମୋତେ ଭଲ ପାଇବେ । ବିଲୁଆ କହିଲା ଏଇ କଥା, ଏ ମୋ ବାମ ହାତର ଚୁଟୁକି କଥା । ଆଲୋ ଶୁଣ ତୁ ତ ଖଳନାୟିକା ଦେଖିନୁ ଟି.ଭି. ସିନେମାରେ କିମିତି ଖଳନାୟକ ମାନେ କାମ ହାସଲ ପାଇଁ ତାଙ୍କ ଚରିତ୍ର ବଦଳାଇ ଦିଅନ୍ତି । ମଉକା ଦେଖି ଚଉକା ମାରନ୍ତି ତୁ ସେମିତି ତେ ପ୍ରକୃତି ବଦଳାଇଦେ । ତାଙ୍କ ସାଙ୍ଗରେ ମିଶିଯା, ଆଉ ଝଗଡ଼ା କରନା, ଆଚ୍ଛା ମୁଁ ତେତେ ବୁଦ୍ଧି ଦେଲି ତୁ ମୋତେ କ'ଣ ଦେବୁ ?

ଟକଲ କହିଲା– କ'ଣ ଦେବି କହୁନୁ...

ବିଲୁଆ କହିଲା – ତୋର ଯାହା ଲାଭ ହେବ ତୋର ଅଧା ଆଉ ମୋର ଅଧା ହେଉ ବୋଲି କହି ଟକଲ ଗଲା ଶୋଇବାକୁ । ସକାଳ ହେଲାରୁ ନିଜକୁ ବଦଳାଇ ଶ୍ରଦ୍ଧାରେ ମ୍ୟାଉଁ ମ୍ୟାଉଁ କହି ଘରକୁ ଗଲା । କିନ୍ତୁ ତାଙ୍କ କୁକୁରଟା ଗୋଡ଼ାଇ ବାହର କରିଦେଲା ।

ମାଲିକ ଘର ପ୍ରାୟ ଶହେକି ଦେଢ଼ଶ ହେବ କୁକୁଡ଼ା ଛୁଆ ଘରକୁ ଆଣିଲେ । ତା ସହିତ କେତେ ଗୁଡ଼ିଏ ପାରା ମଧ୍ୟ ଆଣିଲେ । ନିର୍ଭୟରେ ସେମାନଙ୍କୁ ଅଗଣାରେ ଛାଡ଼ି ଦେଲେ । କାରଣ ସେ ଜାଣିଛନ୍ତି ତାଙ୍କ ପଶୁ ପକ୍ଷୀମାନେ ଭାରି ସଙ୍କୋଚ ସେ କିଛି କରିବେନି ବରଂ ଆମକୁ ଜଣାଇ ଦେବେ । ରାତି ହେଲେ ଜାଲି ଘରେ ରଖିଦେବେ । କୁକୁଡ଼ା ଛୁଆ ଉଲେନ୍ ବଲ ପରି କି ସୁନ୍ଦର ଖେଳନ୍ତି । ପାରା ମଧ୍ୟ ଉଡା ଉଡ଼ି କରି ଖେଳନ୍ତି । ପାଖରେ ଅକଲ ମକଲ ଶୋଇ ଶୋଇ ଲାଙ୍ଗୁଳ ହଲାଉଥାନ୍ତି । ତାଙ୍କୁ ବିକଳ କରି ରସଗୋଲା ପରି ଦେଖାଯାଆନ୍ତି । ପାଟିରେ ପାଣି ଆସେ । କିନ୍ତୁ କ'ଣ କରିବେ ମାଲିକ ପାଖରେ ବେଇମାନ କରିବେନି । ସେ ପଟେ ପାରା, ଯେମିତି ଗୋଲାପ ଜାମୁ, ଛାଡ଼ ଭାଗ୍ୟରେ ନାହିଁ । କହି ଶୋଇ ପଡ଼ନ୍ତି ।

ଶୁଆଶାରୀ ସବୁ ଦେଖନ୍ତି । ସାବାସ କରନ୍ତି, ତା'ପରେ ଦିନେ ଟକଲ ଆସି ଏଦୃଶ୍ୟ ଦେଖି ତାର ମନ ଆନନ୍ଦରେ ନାଚିଗଲା । ସେ ଗେହ୍ଲେଇ ହୋଇ ଅକଲକୁ କହିଲା ନାନିଲୋ ତୁ ଆଉ ରାଗେନା, ମୁଁ ପୁରା ବଦଳି ଯାଇଛି, ଆମେ ସାଥୀ ହୋଇ ଏହି ଘରେ ରହିବା । ଅକଲ ମକଲ ଜାଣି ଗଲେ ଏ ଆସିଛି ଗୋଟେ ଚାଲକରି, ତେବେ କିଛି କହିଲେନି, ଶୁଆ ଶାରୀ ଦେଖି ଭାବିଲେ ଏ ଦୁଇଟା କେତେ ବୋକା ନିଆଁକୁ ଆଣି ଅଣ୍ଟିରେ ପୁରାଇଛନ୍ତି । ଗୋଟିଏ ଦିନ ଗଲା, କୁକୁଡ଼ା ଛୁଆକୁ ଦେଖି ତା'ର ମୁଣ୍ଡ ଖରାପ ହୋଇଗଲା । ସେ ମଉକା ଦେଖି ଆଉ ଲୋଭ ସମ୍ଭାଳି ପାରିଲାନି ଗୋଟିଏ ଛୁଆକୁ ପାଟିରେ ନେଇ ବାଡ଼ିକୁ ଚାଲିଗଲା । ବିଲୁଆ ବସିଥିଲା ତାକୁ ଡାକି ଦେଇ ଦେଲା ଆଉ କହିଲା ତୁ ପଳା ତୋତେ ଦେଖିଲେ ତୋତେ ମାରିବେ ମୋତେ ମାରିବେ । ତା'ପରେ ଆସି ଆଉ ଗୋଟିଏ ମଉକା ଖୋଜି ନେଇ ଖାଇଦେଇ ଭଦ୍ର ମହିଳା ପରି ଶୋଇ ପଡ଼ିଲା ।

ଏମିତି କୁକୁଡ଼ା ଆଉ ପାରାର ସଂଖ୍ୟା କମିବାକୁ ଲାଗିଲା ।

ମାଲିକ ଦିନେ ଦେଖି ଚମକି ପଡ଼ିଲା । ସେ ଭାବିଲା ଏ ଅକଲ ମକଲ ଖାଉଛନ୍ତି । ନିସ୍ତୁକ ମାଡ଼ ଦେଲେ, ମାଡ଼ ଖାଇ ସେମାନେ ଛଟପଟ ହେଲେ । କାନ୍ଦି ଲୁଚି କରି ସବୁ ଦେଖୁଥାଏ, ମଜା କରୁଥାଏ ଠିକ୍ ହୋଇଛି ସତୀ ସାବିତ୍ରୀ ହୋଇଛନ୍ତି, ଖା, ଆଉ ମାଡ଼ ଖା, ମାଡ଼ ଖାଇ ଖାଇ ଏଘର ଛାଡ଼ି ଦେଲେ ତେବେ ବିଲୁଆ ନନା ବାହାହେବ, ମୋତେ ମଧସ୍ଥି ଶାଢ଼ି ମିଳିବ । ଏ କଥା ଦେଖି ଶୁଆ-ଶାରୀ କୁକୁର ମୟୁର ଗୋଟିଏ ସଭା କଲେ । କ'ଣ କଲେ ସେ କାଳି ବିଲେଇ କୁକୁଡ଼ା ପାଖକୁ ଯିବ ଆମେ ଜୋର ବୋବେଇବା । ଆମ ପାଟିରେ ସମସ୍ତେ ଉଠି ଯିବେ । ସେଇଆ ହେଲା, ଖରାବେଳେ ସମୟ ସମସ୍ତେ ବିଶ୍ରାମ ନେଉଛନ୍ତି । କାଳି ତା'ର କାମ ଆରମ୍ଭ କରିବାକୁ ଯେମିତି ଯାଇଛି, ଶୁଆ-ଶାରୀ ମୟୁର ଏକାବେଳେ ବେବେଇ ଉଠିଲେ ସମସ୍ତେ ଉଠିପଡ଼ିଲେ ଦେଖିଲେ ଏବେ କାଳି ବିଲେଇ କାମ, କୁକୁର ଦଉଡ଼ି ଆସି ତାକୁ କାମୁଡ଼ି ଝୁଣି ଦେଲା, ସେ ରକ୍ତାକ୍ତ ହୋଇ ଛଟପଟ ହେଲା । ସେପଟେ ବିଲୁଆକୁ ଭୋକ ହେଲାଣି, ସେ ଯେମିତି ହୁକେ ହୋ କହି ଉଠିଛି କୁକୁର ତାର ସାଙ୍ଗ ସାଥିକୁ ଧରି ତାକୁ ଗୋଡାଇ ଗୋଡାଇ ଧରି ପକାଇଲେ । ଚାରିଆଡୁ ତାକୁ ଘେରି କାମୁଡ଼ି ମାରିଦେଲେ । ଟକଲ କାଳି ବିଲେଇ ଛଟପଟ ହେଉଥିଲା ଅକଲ ମକଲ ଦୁଃଖରେ ତାକୁ ଚାହିଁ ରହିଥିଲେ । ମାଲିକାଣି ଆସି ଶ୍ରଦ୍ଧାରେ ସେ ଦୁହିଁକୁ ବିନା ଦୋଷରେ ବାଢ଼େଇଛନ୍ତି ବୋଲି ଅନୁତାପ କରି ତାଙ୍କୁ କ୍ଷୀରଭାତ ଖାଇବାକୁ ଦେଲେ । ଏସବୁ ଟକଲ ଦେଖି କହିଲା, ଯେ ପାଞ୍ଚେ ପରର ମନ୍ଦ, ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ । ଭଲକୁ ସବୁବେଳେ ଆଦର । ଦୁର୍ଜନଙ୍କୁ ଦୁରୁ ଜୁହାର । କହି ସବୁଦିନ ପାଇଁ ଆଖି ବୁଜି ଦେଲା ସେହି ଦିନଠାରୁ ସେହି ଘରେ ଆଉ ହିଂସାର ପ୍ରଶ୍ନ ରହିଲାନି । ସମସ୍ତେ ଅହିଂସାରେ ଆନନ୍ଦରେ ରହିଲେ ।

ଗଣ୍ଡରପୁର ,କଟକ


# POWER HOUSE

**DISTRIBUTOR**

**LUMINOUS, EXIDE, AMCO**

**MADHUPATNA, SAMRAT HALL, CUTTACK**
**RAM MANDIR ROAD, PHULBANI**
**MAIN ROAD, NAYAGARH**
**MOB. : 94371 24943**



# ପବିତ୍ର ଅକ୍ଷୟ ତୃତୀୟା

- ଅଧ୍ୟାପକ ପବିତ୍ର ମୋହନ ବାରିକ

ଓଡ଼ିଶା ତା'ର ସାଂସ୍କୃତିକ ବିଭବ ପାଇଁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଓଡ଼ିଶାରେ ପ୍ରଚଳିତ ଯାନି-ଯାତ୍ରା, ଉତ୍ସବ-ମହୋତ୍ସବ, ଓଷା, ବ୍ରତ, ପର୍ବପର୍ବାଣୀ ପ୍ରତ୍ୟେକରେ ସ୍ୱତନ୍ତ୍ରତା ରହିଛି । ଏହି ସାଂସ୍କୃତିକ ବିଭବ ମାଧ୍ୟମରେ ଆମର ସାମାଜିକ ପ୍ରଥା, ବିଶ୍ୱାସ, ଭାବନା, ଚିନ୍ତାଧାରା ଚଳନିର ପ୍ରତିଫଳନ ହୋଇଥାଏ । ଆମ ପ୍ରିୟ ଜନ୍ମଭୂମି ଓଡ଼ିଶାରେ ପ୍ରଚଳିତ ଏହି ପାରମ୍ପରିକ, ସାଂସ୍କୃତିକ ବିଭବ ଆମ ଧାର୍ମିକ, ଆଧ୍ୟାତ୍ମିକ, ମୂଲ୍ୟ ବୋଧ ଭିତ୍ତିକ ଓ ସାମାଜିକ ବ୍ୟବସ୍ଥାକୁ ଓ ଜୀବନ ଚର୍ଯ୍ୟାର ଆଭାସ ମିଳିଥାଏ । ପର୍ବ-ପର୍ବାଣୀ ମାଧ୍ୟମରେ ଜାତିର ସମୁଜ୍ଜ୍ୱଳ ଅତୀତର ଅବତରଣ କରାଯାଇଥାଏ । ସାମାଜିକ ଜୀବନକୁ ଶକ୍ତିଶାଳୀ କରିବା ଦିଗରେ ପର୍ବ-ପର୍ବାଣି ମାନଙ୍କର ଯଥେଷ୍ଟ ଗୁରୁତ୍ୱ ରହିଛି । ଜୀବନ-ଜୀବିକାକୁ ଆଧାର କରି ଅନେକ ଧାର୍ମିକ ବ୍ୟବସ୍ଥା ଆମ ସମାଜରେ କାହିଁ କେଉଁ ଆବାହନ କାଳରୁ ପ୍ରଚଳିତ ହୋଇ ଆସୁଅଛି । ଭାରତ ବର୍ଷ ତଥା ଓଡ଼ିଶାର ଅର୍ଥନୈତିକ ବ୍ୟବସ୍ଥାର ମୁଖ୍ୟ ମାନଦଣ୍ଡ କୃଷି । କୃଷି ଆମ ଜୀବନ ଜୀବିକାକୁ ପ୍ରଭାବିତ ଓ ଅନୁପ୍ରାଣୀତ କରିଥାଏ । ଜୀବନ ଧାରଣର ସର୍ବଶ୍ରେଷ୍ଠ ଆଧାର କୃଷିକୁ କେନ୍ଦ୍ର କରି ପର୍ଯ୍ୟବେସିତ । ନଦୀ ଅବବାହିକା ଅଞ୍ଚଳରେ କୃଷିକୁ ଭିତ୍ତି କରି ପ୍ରାଚୀନ ନଦୀ ଉପତ୍ୟକା ସଭ୍ୟତାର ବିକାଶ ଲାଭ କରିଥିବାର ଐତିହାସିକ ମାନେ ମତ ବ୍ୟକ୍ତ କରନ୍ତି । ପ୍ରାଚୀନ ସମୟରୁ କୃଷି ମାନବ ଜାତିର ଧାର୍ମିକ ଜୀବନ ସହିତ ଅଙ୍ଗାଙ୍ଗି ଭାବେ ଜଡିତ । ଓଡ଼ିଶା ପରିପେକ୍ଷୀରେ ବିଚାରକୁ ନେଲେ ରଜ, ଚିତାଲାଗି ଅମାବାସ୍ୟା, ଗହ୍ମାପୂର୍ଣ୍ଣମୀ ଓ ନୂଆଖାଇ ପ୍ରଭୃତି କୃଷି ସଂମ୍ପର୍କୀୟ ପର୍ବ । ଆମ ସଂସ୍କୃତି କୃଷି ପ୍ରଧାନ । କୃଷିକୁ ପ୍ରାଧାନ୍ୟ ଦେଉଥିବା ଓଷା, ବତ୍ର, ଉପାସନା ମଧ୍ୟରେ ଅକ୍ଷୟ ତୃତୀୟା ଅନ୍ୟତମ । ଓଡ଼ିଶାର ଗୌରବମୟ ସାଂସ୍କୃତିକ ଜୀବନକୁ ଅନୁପ୍ରାଣିତ କରିଥିବା ପର୍ବପର୍ବାଣୀ ମଧ୍ୟରେ ଅକ୍ଷୟ ତୃତିୟା ଅନ୍ୟତମ । ପବିତ୍ର ମାସମାନଙ୍କ ମଧ୍ୟରେ ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ତିଥିରେ ଅକ୍ଷୟ ତୃତୀୟା ପର୍ବ ପାଳନ କରାଯାଏ । ବେଦ, ବେଦାନ୍ତ, ପୁରାଣ, ଜ୍ୟୋତିଷ ଶାସ୍ତ୍ର ଓ ଅନ୍ୟାନ ଧର୍ମଗ୍ରନ୍ଥ ମାନଙ୍କରେ ଅକ୍ଷୟ ତୃତୀୟାର ମାହାତ୍ମ୍ୟ ଦେଖିବାକୁ ମିଳେ । ପୁରାଣ ଶାସ୍ତ୍ର ମାନଙ୍କରେ ଅକ୍ଷୟ ତୃତୀୟାର ମହତ୍ୱ ସଂପର୍କରେ ଉଲ୍ଲେଖ ଅଛି । ଅକ୍ଷୟ ତୃତୀୟା ଅନନ୍ତ, ଅକ୍ଷୟ, ଅକ୍ଷୁର୍ଣ୍ଣ ଫଳ ପ୍ରାପ୍ତିରେ ସହାୟକ ହୁଏ ବୋଲି ବିଶ୍ୱାସ ଅଛି । ଏହି ଦିନ ସୂର୍ଯ୍ୟ ଓ ଚନ୍ଦ୍ର ନିଜ-ନିଜ ଉଚ୍ଚ ରାଶିରେ ଓ ଗୁରୁସହିତ ରହିଥାନ୍ତି । ସୂର୍ଯ୍ୟ ମେଷ ରାଶିରେ ଗୁରୁବି ରହିଥାନ୍ତି । ତେଣୁ ଏହିଦିନ ଅତ୍ୟନ୍ତ ଶୁଭଙ୍କର, ମଙ୍ଗଳମୟ ଅଟେ । ଏହି ପବିତ୍ର ଦିବସରେ ବ୍ୟକ୍ତି ବିଶେଷ ସାମାଜିକ, ଅର୍ଥନୈତିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟର ଶୁଭାରମ୍ଭ କରିଥାନ୍ତି । ଅକ୍ଷୟ ତୃତୀୟା ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ, ବିଭବ, ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ଅଟେ । ଅକ୍ଷୟ ତୃତୀୟା ଦିବସର ଅନ୍ୟ ଏକ ମହତ୍ତ୍ୱ ଅନୁଚିନ୍ତା ଯେ ଏହିଦିନ ମହାଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଆରାଧନା କରାଯାଏ । ବ୍ରହ୍ମପୁରାଣରେ ଏହି ତିଥିରେ ଚନ୍ଦନ ଦାନ କରିବାର ଉଲ୍ଲେଖ ଥିବାବେଳେ ଅଗ୍ନିପୁରାଣରେ ଛତା, ଯୋତା, ଜଳପାତ୍ର ଦାନ କରିବାର ବର୍ଣ୍ଣନା ରହିଛି । ସାମ୍ୟ ପୁରାଣର ବର୍ଣ୍ଣନା ଅନୁଯାୟୀ ଏହି ତିଥିରେ ଭଗବାନ ବିଷ୍ଣୁ ଯବଶସ୍ୟ ଉତ୍ପାଦାନ କରିଥିଲେ କଥିତ ଅଛି । ଏହି ଦିନଠାରୁ ସତ୍ୟଯୁଗ ଆରମ୍ଭ ହୋଇଥିଲା ଓ ସ୍ୱର୍ଗ ଲୋକ ତ୍ରିପଥ ଗାମିନୀ ଗଙ୍ଗାଙ୍କୁ ମର୍ତ୍ତ୍ୟ ପୃଷ୍ଠକୁ ଅବତୀର୍ଣ୍ଣ କରାଯାଇଥିଲା । ଭବିଷ୍ୟ ପୁରାଣରେ ଉଲ୍ଲେଖ ଅଛି ଏହି ଦିନ ଦାନ କଲେ ତାହା ଅକ୍ଷୟ ପୂନ୍ୟ ପ୍ରଦାନ କରିଥାଏ । ତେଣୁ ଏହାର ନାମ ଅକ୍ଷୟ ତୃତୀୟା ।ଏହି ପବିତ୍ର ତୃତୀୟା ଦାନ, ଧର୍ମ, କର୍ମ, ସ୍ନାନ, ଶ୍ରାଦ୍ଧ, ଜପ ତପ ଆଦି କଲେ ତାହା ଅକ୍ଷୟ ହୋଇଯାଇଥାଏ । ପଦ୍ମ ପୁରାଣରେ ଉଲ୍ଲେଖ ଅଛି ଏହି ଦିନ ତ୍ରେତୟା ଯୁଗର ଉତ୍ପତ୍ତି ଲାଭ କରିଛି । ଅକ୍ଷୟ ତୃତୀୟା ଭଗବାନ ବିଷ୍ଣୁଙ୍କୁ ଯବଶସ୍ୟ ଦ୍ୱାର ପୂଜାର୍ଚ୍ଚନା କରାଯାଏ । କଥିତ ଅଛି ଅକ୍ଷୟ ତୃତୀୟା ଦିନ ନର ନାରାୟଣ, ପରଶୁରାମ ଓ ହୟଗ୍ରୀବ ଭଗବାନ ବିଷ୍ଣୁଙ୍କର ଏହି ତିନି ଅବତାର ଜନ୍ମଗ୍ରହଣ କରିଥିଲେ । ପବିତ୍ର ଅକ୍ଷୟ ତୃତୀୟାର ଅନ୍ୟ ଏକ ଗୁରୁତ୍ୱ ପୂର୍ଣ୍ଣ ବିଶେଷତ୍ୱ ହେଲା ଏହି ଦିନ କୁଳ ବଧୂ ମାନେ ନିଜ ସନ୍ତାନ -ସନ୍ତତି ମାନଙ୍କ ମଙ୍ଗଳ ବିଧନ ନିମନ୍ତେ ମା'ଷଷ୍ଠୀ ଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ରମଣୀ ମାନେ ପ୍ରାତକାଳରେ ସ୍ନାନ ସାରି ଘରେ ଚିତା ଓ ଝୋଟି ପକାଇଥାଆନ୍ତି । ଏହା ପରେ ସେମାନେ ଛୋଟ ମାଟିଘଡି ଓ ପଥୁଳିରେ ଚୁଡା

ଭଜା, ଖଇ, ନଡିଆ ଫଳ ଓ ମିଠା ରଖି ଷଷ୍ଠୀ ଦେବୀଙ୍କୁ ପୂଜା କରିଥାନ୍ତି । ଏହା ପରେ ପିଲାମାନେ ଘରେ ଘରେ ବୁଲି ମା ଘଡି ଦିଅ ବୋଲି ମାଗନ୍ତି । ଘରର କୁଳ ବଧୂ ମାନେ ପୂଜା ପାଇଥିବା ଘଡିକୁ ପିଲାମାନଙ୍କ ମଧ୍ୟରେ ବାଣ୍ଟି ଦିଅନ୍ତି । ବହୁଦିନରୁ ବିଶ୍ୱାସ ଅଛି ପିଲାମାନଙ୍କୁ ବାଣ୍ଟିଲେ ଷଷ୍ଠୀ ଦେବୀ ଆନନ୍ଦିତ ହେବେ ଓ ନିଜ ପରିବାରର ପିଲାମାନଙ୍କର ସର୍ବ କୁଶଳ କରିବେ । ଏହି ଦିନର ଅନ୍ୟ ଗୁରୁତ୍ୱ ପୂର୍ଣ୍ଣ ମହତ୍ୱ ହେଲା – ଲକ୍ଷ୍ମୀନାରାୟଣଙ୍କ ଯୁଗଳ ମୂର୍ତ୍ତୀଙ୍କୁ ପୂଜା କରାଯାଏ । ବିଶେଷ ଲକ୍ଷ୍ମୀ ଦେବୀଙ୍କୁ ଏହି ଦିନ ପୂଜା କରାଯାଉଥିବାର ଦେଖାଯାଏ । କଥିତ ଅଛି ଅକ୍ଷୟ ତୃତୀୟାରେ ସୁନା, ରୂପା ଓ ଅଳଙ୍କାର କିଣିଆଣିଲେ ଲକ୍ଷ୍ମୀଦେବୀ ସନ୍ତୁଷ୍ଟ ହୋଇଥାନ୍ତି ଓ ଧନ, ଧାନ୍ୟ ପ୍ରଦାନ କରିଥାନ୍ତି । ଅକ୍ଷୟ ତୃତୀୟା ଠାରୁ ପାଞ୍ଚ ଦିନ ପର୍ଯ୍ୟନ୍ତ ଲକ୍ଷ୍ମୀନାରାୟଣଙ୍କର ଯୁଗଳ ମୂର୍ତ୍ତୀ ପୂଜା କରାଯାଏ । ଧାର୍ମିକ ଗୁରୁତ୍ୱ ରଖାଯାଇଥିବା ପବିତ୍ର ଅକ୍ଷୟ ତୃତୀୟା ଦିନ ବଳଦେବ ଜୀଉଙ୍କର ବିବାହ ଉତ୍ସବ ମହାସମାବେଶରେ ପାଳିତ ହୁଏ । କୃଷି ଭିତ୍ତିକ ଅକ୍ଷୟ ତୃତୀୟାରେ କୃଷିର ଦେବତା ଶ୍ରୀ ବଳଦେବ ଜୀଉ ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାରେ ଠାକୁରାଣୀ ରେବତୀ ଦେବୀଙ୍କର ପାଣି ଗ୍ରହଣ କରନ୍ତି । ଉତ୍କଳ ବୈଷ୍ଣବ ପରମ୍ପରାର ସାର୍ଥକ ଭକ୍ତ କବି ଯୋଗଜନ୍ମା ମହାପୁରୁଷ ଜୟଦେବ ଦ୍ୱାଦଶ ଶତାବ୍ଦୀରେ ପ୍ରାଚୀ ଅବବାହିକାରେ କେନ୍ଦୁଲି ବା କେନ୍ଦୁବିଲ୍ୱରେ ଭୂମିଷ୍ଠ ହୋଇଥିଲେ । ତାଙ୍କ କାଳଜୟୀ କୃତି "ଗୀତ ଗୋବିନ୍ଦ" ଆଦି ବିଶ୍ୱ ପ୍ରସିଦ୍ଧ । ଏହି ଦିନ ଜୟଦେବଙ୍କ ଜୟନ୍ତି ଶ୍ରଦ୍ଧା, ଭକ୍ତି ଓ ସମ୍ମାନର ସହିତ ଓଡ଼ିଶାର କୋଣ ଅନୁକୋଣରେ ପାଳନ କରାଯାଏ । ମନ୍ଦିର ମାଳିନୀ ଭୁବନେଶ୍ୱରର ବିନ୍ଦୁ ସରୋବର ସମ୍ମୁଖରେ ଥିବା ପ୍ରସିଦ୍ଧ ବାସୁଦେବ ମନ୍ଦିର ଏକ ସଂକ୍ରୀତନ ଦଳ ଜୟଦେବଙ୍କ ଜନ୍ମ ସ୍ଥାନ କେନ୍ଦୁଲି ଗ୍ରାମକୁ ଯାତ୍ରା କରନ୍ତି । ସେଠାରୁ ସେମାନେ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଅକ୍ଷୟ ତୃତୀୟାରେ ପତିତପାବନୀ ଗଙ୍ଗାରେ ସ୍ନାନ କଲେ ମହା ପୁନ୍ୟ ମିଳିଥାଏ । ଏହି ଦିନରେ ପରଲୋକ ଗତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଜଳପାତ୍ର, ସଙ୍ଖା, ପାଦୁକା, ପ୍ରଭୃତି ଦ୍ରବ୍ୟ ଓ ଭୋଜନ ନିମନ୍ତେ ଛତୁଆ, କାକୁଡି, ତରଭୁଜ, କଦଳୀ ଓ ନଡିଆ ପ୍ରଭୃତି ଅର୍ପଣ କରିଥାନ୍ତି । ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ସହିତ କୃତିକା ବା ରୋହଣୀ ନକ୍ଷତ୍ର ଯୁକ୍ତ ହେଲେ ଅନେକ ସୁଫଳ ମିଳିଥାଏ । ଏହିଦିନ ବ୍ରତ ଧରାଯାଏ । ବ୍ରତୀମାନେ ଶୁଭ ଲଗ୍ନରେ ବ୍ରତ ଧାରଣ କରି ୮ ବର୍ଷରେ ଉଦ୍‌ଯାପନ କରନ୍ତି ।

ଉତ୍କଳୀୟ ଆଧ୍ୟତ୍ମିକ ପରମ୍ପରାରେ ପବିତ୍ର ଅକ୍ଷୟ ତୃତୀୟା ଏକ କୃଷି ଭିତ୍ତିକ ପର୍ବ । ଅକ୍ଷୟ ତୃତୀୟା କୃଷି କର୍ମର ଶୁଭାରମ୍ଭ ଦିବସ ରୂପେ ଗ୍ରହଣ କରାଯାଏ । ଅନ୍ନର ମୁଖ୍ୟ ଉପାଦାନ ଧାନ ବୋଲି କୁହାଯାଇଛି । ତେଣୁ ଧାନ ଅକ୍ଷୟ ବୀଜ ରୂପେ ବିବେଚିତ । ଅକ୍ଷୟ ତୃତୀୟା ତିଥିରେ କୃଷିର ଆଦ୍ୟ ପର୍ବ ଧାନ ବୁଣିବା କାର୍ଯ୍ୟର ଅନୁକୂଳ କରାଯାଏ । ଧାନ କୋଠି ନିକଟରେ ଲକ୍ଷ୍ମୀ ଦେବୀଙ୍କୁ ବ୍ରହ୍ମ ମୂହୁର୍ତ୍ତରେ ପୂଜା କରାଯାଏ । ହଳଦି, ଚନ୍ଦନ ଓ ସିନ୍ଦୁରରେ ଝୋଟି ପକାଯାଇଥିବା ଗଉଣୀରେ କୃଷକ କୋଠିରୁ ଧାନ ବାହାର କରିଥାଏ । ଘରର ଦ୍ୱାର ଦେଶରେ ଶୁଭ କଳସ ସ୍ଥାପନ ପୂର୍ବକ କୃଷକ ଏକ ନୂତନ ଟୋକେଇରେ ଅଭିନ୍ନ ପୂଜା ସାମଗ୍ରୀ ସହିତ କ୍ଷେତକୁ ଯାଇଥାଏ । କୃଷି କ୍ଷେତ୍ରରେ ଐଶାନ କୋଣରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଧୂପ, ଦୀପ, ପୁଷ୍ପ ଇତ୍ୟାଦି ଅର୍ପଣ କରି କୃଷକ ପୂଜା କରିଥାଏ । ସେ ଦୁଗ୍ଧ ଓ ଅରୁଆ ଚାଉଳ ଭୋଗ ଲଗାଇଥାଏ । ଉକ୍ତ ନୈବେଦ୍ୟକୁ ଐଶାନ କୋଣରେ ପୋତି ହଳ ବୁଲାଇଥାଏ । ଶୁଭମୁହୂର୍ତ୍ତରେ ବିହନ ବୁଣିଥାଏ । ଏହାକୁ ଅଖିମୁଠି ଅନୁକୂଳ କୁହାଯାଏ । ଅଖିମୁଠି ଅନୁକୂଳ କରିବା ସମୟରେ କୃଷକ ଲକ୍ଷ୍ମୀ ଦେବୀଙ୍କୁ ନିଜର ଶସ୍ୟ କ୍ଷେୟ ନ ହେବା ପାଇଁ ପ୍ରାର୍ଥନା କରେ । ତେଣୁ ଏହାକୁ ଅକ୍ଷୟ ତୃତୀୟା ବୋଲି ନାମିତ କରାଯାଇଅଛି । କୃଷି ପର୍ବର ଆଦ୍ୟରେ ପବିତ୍ର ଅକ୍ଷୟ ତୃତୀୟାରେ ମାଟି ମା' ଙ୍କୁ ଭକ୍ତ ନୈବେଦ୍ୟ ଅର୍ପଣ କରିବା ଉତ୍କଳୀୟ ପରମ୍ପରାର ଏକ ବୈଶିଷ୍ଟ ଅଟେ । କୃଷକ ପରିବାରରେ ଏହି ଦିନ ହବିଷ୍ୟ ଭୋଜନ କରାଯାଏ । ଏହି ଦିନ କୃଷି ଶ୍ରମିକ ମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ ପୂର୍ବକ କୃଷିର ଦାୟୀତ୍ୱ ଅର୍ପଣ କରାଯାଇଥାଏ । ଓଡ଼ିଶାର କୃଷକ ପରିବାରରେ ଏହି ପାରମ୍ପାରିକ କୃଷି ଭିତ୍ତିକ ପର୍ବ ଶତାବ୍ଦୀ-ଶତାବ୍ଦୀ ବ୍ୟାପି ପାଳିତ ହୋଇ ଆସୁଅଛି । ଶ୍ରୀ ଜଗନ୍ନାଥ ସଂସ୍କୃତି ରେ ଅକ୍ଷୟ ତୃତୀୟା ପର୍ବର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ।

ଶ୍ରୀ ମନ୍ଦିର ସ୍ୱତ୍ୱ ଲିପିରେ ଅକ୍ଷୟ ତୃତୀୟା ପର୍ବର ବିଶଦ ବିବରଣୀ ଲିପିବଦ୍ଧ ହୋଇଅଛି । ଅକ୍ଷୟ ତୃତୀୟା ପର୍ବର ଶ୍ରୀ ଜଗନ୍ନାଥ ସଂସ୍କୃତିର ଯଥେଷ୍ଟ ଗୁରୁତ୍ୱ ରହିଛି । ଏହି ଦିନ ଶ୍ରୀ ବିଗ୍ରହ ମାନେ ନୂତନ ବସ୍ତ୍ର ପରିଧାନ କଲାପରେ ଦ୍ୱିପ୍ରହର ଧୂପ ଓ ଦ୍ୱାଦଶୀ ଯାତ୍ରା ବନ୍ଦାପନା କରାଯାଏ । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ରଥକାର୍ଯ୍ୟ ଅନୁକୂଳ ପାଇଁ ଆଜ୍ଞା ମାଳ ବିଜେ କରାଯାଏ । ଚନ୍ଦନ ଯାତ୍ରା ପାଇଁ ଚଳନ୍ତି ପ୍ରତିମା ମଦନ ମୋହନଙ୍କ ସହିତ ଭୂଦେବୀ ଓ ଶ୍ରୀ ଦେବୀ ବିମାନକୁ ବିଜେ କରନ୍ତି । ତିନୋଟି ରଥ ପାଇଁ ତିନୋଟି ଆଜ୍ଞାମାଳ ପୂଜା ପଣ୍ଡା ସେବକ ବିଜେ କରାଇଥାନ୍ତି । ଶ୍ରୀ ମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଏକ ଚାଳିଆ କରାଯାଇ ସେଥିରେ ତିନୋଟି ରଥର କାଠ ରଖାଯାଇଥାଏ । ଆଜ୍ଞାମାଳ ଆଗେ ଆଗେ ଆସୁଥାଏ ଏବଂ ପଛରେ ଠାକୁରମାନେ ଆସୁଥାନ୍ତି । ଚାଳିଆ ନିକଟରେ ଠାକୁର ପହଞ୍ଚିଲା ପରେ ଆଜ୍ଞାମାଳ ଲାଗି ହୁଏ । ଦେଉଳ କରଣ ମହାରଣା ଓ ଭୋଇଙ୍କୁ ଶାଢ଼ୀ ବନ୍ଧାନ୍ତି । ସେଠାରେ ପୂଜାପାଠ କରାଯାଏ ।

ମଦନ ମୋହନଙ୍କ ଉପସ୍ଥିତରେ ରଥକାଠରେ ଛେଦ ପଡେ, ଅର୍ଥାତ ପାରମ୍ପାରିକ ରୀତିରେ ବିଧିବଦ୍ଧି ଭାବରେ ରଥ କାମର ଅନୁକୂଳ କରାଯାଏ । ଠାକୁର ଏଠାରେ ପଂକ୍ତି ଭୋଗ ଭୋଜନ କରନ୍ତି ।

ଅକ୍ଷୟ ତୃତୀୟା ଠାରୁ ଗ୍ରୀଷ୍ମ ପ୍ରବାହ ପ୍ରଚଣ୍ଡ ଓ ପ୍ରଖର ହୋଇଥାଏ । ଏହି ଦିନ ଠାରୁ ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୋଇଥାଏ । "କାଳସାର" "ଯାତ୍ରା ଭାଗବତ" ଓ ନିଳାଦ୍ରି ମହୋଦୟଃ ପ୍ରଭୃତି ଉତ୍କଳୀୟ ଧର୍ମ ଗ୍ରନ୍ଥମାନଙ୍କରେ ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରାର ମହତ୍ୱ ସମ୍ବନ୍ଧରେ ଜଣାଯାଏ । ଓଡ଼ିଶାରେ ଅନ୍ୟତ୍ର ୨୧ ଦିନ ଧରି ଏହି ଯାତ୍ରା ଆୟୋଜିତ ହେଉଥିବା ବେଳେ ଶ୍ରୀ ମନ୍ଦିରରେ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ କରି ଜ୍ୟେଷ୍ଠ ଶୁକ୍ଳ ଚର୍ତୁଦଶୀ ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଦୀର୍ଘ ୪୨ ଦିନ ଧରି ପାଳିତ ହୁଏ । ପ୍ରଥମ ୨୧ ଦିନ ଯାତ୍ରାକୁ ବାହାର ଚଳନ ଯାତ୍ରା ଓ ଅନ୍ୟ ୨୧ ଦିନ ଯାତ୍ରାକୁ ଭିତର ଚନ୍ଦନ ଯାତ୍ରା ବୋଲି କୁହାଯାଏ । ସ୍କନ୍ଦ ପୁରାଣର ବର୍ଣ୍ଣିତ ଅନୁଯାୟୀ ବୈଶାଖ ମାସର ପ୍ରଚଣ୍ଡ ରୌଦ୍ର ତାପରୁ ରକ୍ଷା ପାଇଁ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଶୀତଳ ଜଳରେ ସ୍ନାନ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ତେଣୁ ଶ୍ରୀ ଜଗନ୍ନାଥଙ୍କୁ ୨୧ ଦିନ ଧରି ନରେନ୍ଦ୍ର କୋପସ୍ଥିତ ଚନ୍ଦନ ପୁଷ୍କରିଣୀର ଶୀତଳ ଜଳରେ ଚାପ ଖେଳାଯାଏ । ବିଧି ବିଧାନ ପାଳନ ପୂର୍ବକ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଚଳନ୍ତି ପ୍ରତିମା ମଦନମୋହନଙ୍କୁ ମହାସମାରୋହରେ ପାଲିଙ୍କିରେ ବସାଇ ନରେନ୍ଦ୍ର ପୋଖରୀ ନିଆଯାଏ । ସେଠାରେ ଦୁଇଗୋଟି ସୁସଜ୍ଜିତ ନୌକାରେ ଚାପ କରାଯାଇ ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୁଏ । ପବିତ୍ର ବୈଶାଖ ଶୁକ୍ଳ ତୃତୀୟା ତଥା ଅକ୍ଷୟ ତୃତୀୟାରେ ଏକାମ୍ର କ୍ଷେତ୍ରରେ ବିନ୍ଦୁସରୋବରରେ ଚନ୍ଦନଯାତ୍ରା ଆୟୋଜିତ ହୋଇଥାଏ । ୨୧ ଦିନ ଏହି ଚନ୍ଦନ ଯାତ୍ରାରେ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ଚଳନ୍ତି ପ୍ରତିମା ଶ୍ରୀ ଚନ୍ଦ୍ରଶେଖର, ଶ୍ରୀ କପିଳେଶ୍ୱର, ପାର୍ବତୀ ଓ ଦୁର୍ଗା ନିଜ ନିଜ ବିମାନରେ ଯାତ୍ରା କରି ବିନ୍ଦୁ ସାଗରରେ ଜଳ କ୍ରୀଡା କରିଥାନ୍ତି । ଚନ୍ଦନଯାତ୍ରା ସମୟରେ ଯେଉଁ ନୈବେଦ୍ୟ ଠାକୁରଙ୍କୁ ଅର୍ପଣ କରାଯାଏ ତାକୁ ଶଙ୍କରାଚାର୍ଯ୍ୟ ମଠ ଯୋଗାଇ ଦେଇଥାନ୍ତି । ସବୁ ସାହିରେ ପଂକ୍ତି ଭୋଗ ବା ଦ୍ୱାରୀ ଭୋଗ ଖାଇ ଠାକୁର ମାନେ ବାଣବାଜାର ରୋଷଣୀରେ ପ୍ରତ୍ୟାବର୍ତ୍ତନ କରନ୍ତି । ଅକ୍ଷୟ ତୃତୀୟାର ତାତ୍ପର୍ଯ୍ୟ ଅତି ଚମତ୍କାର ଓ ଆମ ଉତ୍କଳୀୟ ସାମାଜିକ ଓ ଆଧ୍ୟାତ୍ମିକ ଜୀବନର ପରିପ୍ରକାଶ ମାତ୍ର । ଏହି ପବିତ୍ର ଦିବସ ଅତି ଶୁଭଙ୍କର ହୋଇଥିବାରୁ ସମସ୍ତ ମାଙ୍ଗଳିକ କାର୍ଯ୍ୟ ବିବାହ, ବ୍ରତ, ଗୃହ ପ୍ରବେଶ ଇତ୍ୟାଦି ଅନୁଷ୍ଠିତ ହୁଏ । ସାମାଜିକ ଓ ଧାର୍ମିକ ଦୃଷ୍ଟିକୋଣରୁ ଏହି ଦିନ ଯଥେଷ୍ଟ ଗୁରୁତ୍ୱ ରହିଛି । ଅକ୍ଷୟ ତୃତୀୟା ଏ ଜାତିର ସାଂସ୍କୃତିକ ବିଭବର ମହାନ ନିଦର୍ଶନ । ମାଟି ମା' ପାଇଁ ସମର୍ପିତ ଏକ ଦିନ । ଉତ୍କଳିୟ ନର-ନାରୀ କୀର୍ତ୍ତି ବିମଣ୍ଡିତ ଏହି ଦିବସର ତାତ୍ପର୍ଯ୍ୟକୁ ଅନୁଭବ କରି ଅତିଶ୍ରଦ୍ଧାର ସହିତ ପାଳନ କରିଥାନ୍ତି । ଆମ ପରିଚୟ, ସମ୍ମାନ ଓ ଯୋଗଦାନ କୌଣସି ଗୁଣରେ କମ୍ ନୁହେଁ । ଅକ୍ଷୟ ତୃତୀୟାର ଗୌରବମୟ ଉତ୍କଳୀୟ ସଂସ୍କୃତିର ଏକ ପ୍ରବାହ ମାନ ଧାରା । ଯାହା ଆମ ଜାତୀୟ ଏକତା, ସଂହତି ଓ ଭାବ ଧାରାକୁ ମହିମା-ମଣ୍ଡିତ କରିବା ସହିତ ଭାଇଚାରାରେ ବାତାବରଣ ସୃଷ୍ଟିରେ ସହାୟକ ହେବ ଏହା ନିଃସନ୍ଦେହ । ମାଟି ମା' ପ୍ରତି ଶ୍ରଦ୍ଧା, ସମ୍ମାନ ଓ ଅନୁରାଗ ଏହି ମହାନ ପର୍ବର ଶ୍ରେଷ୍ଠ ନିଦର୍ଶନ ଅଟେ । ଅକ୍ଷୟ ତୃତୀୟା ଅମୂଲ୍ୟ ସମ୍ପଦ ରୂପେ ଆମ ସଂସ୍କୃତିକୁ କାଳଜୟୀ କରିବା ଦିଗରେ ସମର୍ଥ ହୋଇଛି ।

ଇତିହାସ ବିଭାଗ,ସନାତନ ହରିଚନ୍ଦନ ମହାବିଦ୍ୟାଳୟ,
ମଦନପୁର, ଖୋର୍ଦ୍ଧା

# ଲକ୍ଷ୍ମୀ ମା'

ପୁରୁଷୋତ୍ତମ କ୍ଷେତ୍ର, ଶ୍ରୀମନ୍ଦିରର ଅନତି ଦୂରରେ ନରେନ୍ଦ୍ର ପୋଖରୀରେ ପ୍ରଭୁ ମଦନ ମୋହନ ଚାପ ଖେଳ ବା ନାବ କେଳି କରିବାକୁ ଆସନ୍ତି । ଚନ୍ଦନ ଯାତ୍ରା ସମୟରେ ସେ ସ୍ଥାନଟି ଚଳ ଚଞ୍ଚଳ ହୋଇଉଠେ । ଅବଶ୍ୟ ସେତେବେଳେ ଏତେ ଯାତ୍ରି ନଥିଲେ । ତଥାପି କିଛିନା କିଛି ଭକ୍ତ ଚାଲି ଚାଲି ଆସନ୍ତି ଚନ୍ଦନ ଯାତ୍ରା ଦେଖିବାକୁ କାରଣ ଯାନ ବାହାନର ସୁବିଧା ନଥିଲା । ଲୋକେ କାଁ ଭାଁ ଶଗଡ଼ ଗାଡ଼ିରେ ଆସନ୍ତି ନଚେତ ଚୁଡ଼ା ଚାଉଳ ଧରି ଚାଲି ଚାଲି ଆସନ୍ତି ପ୍ରଭୁଙ୍କୁ ଦର୍ଶନ କରିବାକୁ । କଥାରେ ଅଛି-

ବିନୋଦ ବିହାରୀ ଚାଚିରି
ସଦେଇ ଚରଣ ପାଚିରି
ଆଳି ଝୁଲଣ
ଅସୁରେଶ୍ୱର ରାମ ନବମୀ
ପୁରୀ ଚନ୍ଦନ ।

- ବନଲତା ସିଂ

# ଦହନର ଅନ୍ୟ ନାଁ...

- ଶ୍ରୀ ରାଜେଶ ପୂଜାରୀ

କେହି ଜାଣନ୍ତିନି ପ୍ରାଚୀ ପାଗଳୀ କାହିଁକି ହୋଇଗଲା ! ତା'ର ରହସ୍ୟ କ'ଣ ? ସେ ତ ଆଗ ଠିକ୍‌ଠାକ୍ ଥିଲା, ସରଳ ଥିଲା, ହଠାତ୍ ଏମିତି ! କିଏ ରାଜ ! ତା' ସହ ପ୍ରାଚୀର କି ସଂପର୍କ ! ସେ ରାଜ୍ ରାଜ୍ ବୋଲି ଚିଲ୍ଲାଉଛି କାହିଁକି ? ସବୁବେଳେ ଅଚଳ ମୋବାଇଲ୍ ଟିଏ ଧରି କ'ଣ ସବୁ ପୁଟୁପୁଟୁ ହେଉଥାଏ । ଏମିତି ଅନେକ ପ୍ରଶ୍ନ ଫିଙ୍ଗି ହୋଇଯାଏ ଅନେକ ମନରୁ । ଉତ୍ତର ପାଆନ୍ତିନି କେହି । ସେ ସବୁର ଉତ୍ତର ଅଭି ପାଖରେ । ଯେଉଁ ରାଜ୍‌କୁ ସମସ୍ତେ ଦିନରାତି ଏକ କରି ଖୋଜିବାର ବ୍ୟସ୍ତ ସେ ହେଉଛି ଅଭି ନିଜେ । କାହାକୁ କିଛି କହିପାରେନି କି' ପ୍ରାଚୀର ଦୁଃଖ ଦେଖି ସହି ପାରେନି । ତା' ଅସହାୟତାକୁ ଦେଖିବା, ଯୋଖିବା ଛଡ଼ା ଦ୍ୱିତୀୟ ବିକଳ୍ପ ନାହିଁ କିଛି ତା' ପାଖରେ । ବେଳେବେଳେ ଚିନ୍ତା କରେ ସଂପର୍କ, ସମାଜ ଆଦିକୁ ଖାତିର ନକରି ସଭିଙ୍କୁ ସବୁ କହିଦିଅନ୍ତା କି ! ଅତନ୍ତଃ ପ୍ରାଚୀ ପାଇଁ କଥାଟା ଖୁବ୍ ଅପ୍ରିୟ ଓ ଅଗ୍ରହଣୀୟ ହେଲେ ହେଁ ସ୍ୱାଭାବିକ ଅବସ୍ଥାକୁ ହୁଏତ ସେ ଫେରି ଆସନ୍ତା । କିନ୍ତୁ ପାରେନି ତାକୁ ତା' ବିବେକ ବାଧା ଦିଏ । ନିଜକୁ ନିଜେ ନିଜ ସହ ସାଲିସ କରିବାକୁ ପଡ଼େ । ସବୁ ଦେଖୁଥାଏ । ଶୁଣୁଥାଏ । କିଂକର୍ତ୍ତବ୍ୟବିମୂଢ଼ ପଣରେ ଦଶରା ଧାନ ବିହୁଡ଼ା ପରି କସ୍ତୁରୀ ମୃଗର ବାସ୍ନା ଅନ୍ୱେଷଣ ପରି, ଜହ୍ନର ଜ୍ୟୋସ୍ନା ଖୋଜା ପରି ବାକିମାନଙ୍କ ସହ ମିଶି 'ରାଜ'କୁ ଖୋଜିବାର ଅଭିନୟ କରେ । ବଲିଉଡ୍ ଷ୍ଟାର୍ ଅକ୍ଷୟ କୁମାରଙ୍କ ଫିଲ୍ମ 'ଆକ୍ସନ୍ ରିପ୍ଲେ' ଭଳି ବାସ୍ତବତାରେ ଯଦି କୌଣସି ମେସିନ୍‌ରେ ଅତୀତକୁ ଫେରି ହେଉଥାନ୍ତା ସେ ସବୁକିଛି ଠିକ୍‌ଠାକ୍ କରି ପୁଣି ଲେଉଟି ଆସନ୍ତା ବର୍ତ୍ତମାନକୁ । ଅଭିର ସ୍ୱପ୍ନଜୀବି ମନ ଶିହରି ଯାଏ ଯେବେ ତାକୁ କବଳିତ କରନ୍ତି ଏମିତିକା ଅନିଶ୍ଚିତ ଭାବନାମାନେ । କିନ୍ତୁ ସମୟ ପାଖରେ ଫେରାଦୀ ହେବାକୁ କାର ଯୁ' ବା ଅବକାଶ କାହିଁ ! ତାକୁ ଲାଗେ କିଏ ଜଣେ ତାକୁ ମହାକାଶକୁ ନେଇ ଟପ୍‌କିନା ଛାଡ଼ିଦେଲା ଯେମିତି । ତା'ପାଖ ଛାଡ଼ିବାକୁ ନାରାଜ ହେଉଥିବା ସେ ବିଷାଦ ସ୍ମୃତି ସବୁର ତୀକ୍ଷ୍ଣ ଚେଙ୍କ ପାଇ । ଯାହା ତାକୁ ଅଣନିଶ୍ୱାସୀ କରିପକାଏ ।

ଅଭି ଗୋଟିଏ ମଧ୍ୟବିତ୍ତ ପରିବାରର ପିଲା । ସେତେବେଳେ ତାଙ୍କର ଅର୍ଥାବସ୍ଥା ସେତେଟା ମାତ୍ରାରେ ସ୍ୱଚ୍ଛଳ ନଥିଲା । ବାପା ଗାଁ ସ୍କୁଲରେ ସହକାରୀ ଶିକ୍ଷକ ଥିଲେ । ଅଭି ଭଲ ପଢୁଥିଲା ମୂଳରୁ । ତା' ବାପାଙ୍କ ସ୍ୱପ୍ନ ଥିଲା ଅଭି ଗାଁ ପାଖ ହାଇସ୍କୁଲକୁ ପ୍ରଧାନଶିକ୍ଷକ ହୋଇକି ଆସୁ । ସେଥିପାଇଁ ତାକୁ ଗ୍ରାଜୁଏସନ୍ ପରେ ବି.ଏଡ୍. କରିବାକୁ ପଠେଇଥିଲେ ଭୁବନେଶ୍ୱରକୁ । ଅଭି ତା' ବାପାକୁ ଖୁବ୍ ସମ୍ମାନ ଦିଏ । ତାଙ୍କ କଥା ଅମାନ୍ୟ କରେନି । ବାପାଙ୍କ ଖର୍ଚ୍ଚ ବୋଝ କମେଇବାକୁ କେତୋଟି ଇଂରାଜୀ ମିଡିୟମ୍ ସ୍କୁଲ୍ ଛୁଆଙ୍କୁ ଟିଉସନ୍ କରୁଥିଲା । ମାପିଯୋଖି ଚଳୁଥିଲା । ହେଲେ ହଠାତ୍ ଏମିତି କିଛି ତା ସାଙ୍ଗରେ ଘଟିଲା ଯେ ସେ ଖୁବ୍ ଅସାଧାରଣ ହୋଇ ପଡ଼ିଲା । ସେ ସବୁ ଜାଣିବାକୁ ପାଇଲା ଯାହା ସେ ଜାଣିନଥିଲା । ସେ ସବୁ କରି ବସିଲା ଯାହା ସେ କରୁନଥିଲା ।

ସେଦିନ ସକାଳୁ ଘରକଥା ଖୁବ୍ ମନେ ପଡୁଥିଲା ତା'ର । ସେଇଥି ପାଇଁ ଘର ଆଡ଼କୁ ଟିକେ ଫୋନ୍ ଲଗେଇବାକୁ ୬୦ ଟଙ୍କାର ରିଚାର୍ଜ କରେଇଥିଲା । କିନ୍ତୁ ରାତି ହେବାକୁ ବସିଥିଲା ଜାଣି ରିଚାର୍ଜ ହୋଇନଥିଲା । ଅଲଗା ଥର ତ ସଡନ୍ ରିଚାର୍ଜ ମେସେଜ୍ ଚାଲିଆସେ । ଦୋକାନୀ ରିର୍ଚାଜ କରିବାକୁ ଭୁଲି ଗଲାକି ! ନା... ନା... ତା' ସାମ୍ନାରେ ତ ରିଚାର୍ଜ କରିଦେଲା । ସେ ରୁମ୍‌ରେ ମୋବାଇଲ୍ ଛାଡ଼ି ଯାଇଥିଲା । ନହେଲେ ସେଇକ୍ଷଣି ଦେଖି ନେଇଥାଆନ୍ତା । କାଲି ଟେଷ୍ଟ ଏକ୍‌ଜାମ୍ । ଗୁଡ଼ାଏ ରିଭିଜନ୍ ବାକି ଅଛି । ରନ୍ଧାବଢ଼ା ଏଯାଏଁ ସରିନି । ଏମିତି ଅନେକ କିଛି ଭାବୁ ଭାବୁ ବ୍ୟସ୍ତ ହୋଇ ପଡୁଥାଏ । ତା'ମୋବାଇଲ୍ ରିଙ୍ଗ୍‌ଟୋନ୍ ଶବ୍ଦରେ ସେ ପ୍ରକୃତିସ୍ଥ ହେଲା । ତା' ଘରୁ ଫୋନ । ତା' ମୁହଁରେ ଭିନ୍ନ ଏକ ଉଜ୍ଜ୍ୱଳତାରେ ଝଲ୍‌ସି ଗଲା । ଅଭି ଅଧଘଣ୍ଟା ଧରି ମାଆବାପା ଓ ଭଉଣୀମାନଙ୍କ ସହ କଥାବାର୍ତ୍ତା ହେବା ପରେ ଟିକିଏ ଆଶ୍ୱସ୍ତି ହେଲା । କିଛି ସମୟ ପାଇଁ ରିଚାର୍ଜ ବିଷୟକୁ ଏଡ଼ାଇ ଦେଇ ରୋଷେଇରେ ବ୍ୟସ୍ତ ରହିଲା । ଖାଇସାରି କିଛି ସମୟପରେ ପଢ଼ାପଢ଼ି କରି ଘରକଥା ଭାବୁଭାବୁ ଶୋଇପଡ଼ିଲା ।

ଆରଦିନ ପରୀକ୍ଷା ଭଲରେ ଗଲା । ମଧ୍ୟାହ୍ନରେ ଘରକୁ ଫେରି ଖାଇସାରି ପିଲାଙ୍କୁ ପଢ଼ାଇବାକୁ ବସିଗଲା । ତା' ମନ ମୁଣ୍ଡ ପୁଣି ରିଚାର୍ଜ ବିଷୟରେ ଘାଣ୍ଟି ଚକଟି ହେଲେ । ତା' ଅନ୍ୟମନସ୍କତା ଯୋଗୁଁ ପିଲାଙ୍କୁ ଟିକିଏ ଜଲ୍‌ଦି ଛାଡ଼ିଦେଲା, ଦେହ ଭଲ ନଥିବା ବାହାନା କରି । ଭାବୁଥାଏ କଷ୍ଟମର କେୟାରଠୁ ବୁଝାବୁଝି କରିବ । କିନ୍ତୁ ସିମ୍‌ଟା ବିନା ଡକ୍ୟୁମେଣ୍ଟରେ କିଣା ହୋଇଥିଲା । କମ୍ ବାଲାନ୍ସ କଟୁଥିଲା । ଏ ନମ୍ବର ସେ କାହାକୁ ଦେଇନି, ଏମିତି କିଣୁକିଣୁ କିଣିଆଣି ରଖିଦେଇଥିଲା ଖାଲି । ତା' ସିମ୍‌ର ବାଲାନ୍ସ ବେଶୀବେଶୀ କଟୁଥିଲା । ସେଇଥି ପାଇଁ ତା ବିନା ଡକ୍ୟୁମେଣ୍ଟ ସିମ୍‌କୁ ଚଲେଇବାକୁ ସ୍ଥିର କରିଥିଲା । ସିମ୍‌ଟା ବ୍ଲକ୍ ହୋଇଯିବା ଭୟରେ କଷ୍ଟମର କେୟାରକୁ ଫୋନ୍ କଲାନି । ଦୋକାନୀ ପାଖକୁ ଯାଇ ଜାଣିଲା ସେ ନିଜ ଭୁଲରେ ତା' ନମ୍ବର ଶେଷ ଡିଜିଟ୍

'ଛଅ' ଜାଗାରେ 'ପାଞ୍ଚ' ଟିପି ଦେଇଛି । ସେଇଥିପାଇଁ ରିଚାର୍ଜ ଅନ୍ୟ ନମ୍ବରରେ ହୋଇଯାଇଛି । ଡକ୍ୟୁମେଣ୍ଟ ବାଲା ସିମ୍‌ରେ ପାୱାର୍‌ପ୍ଲସ୍ ଓ ଆଉ ଗୋଟିକରେ ରିଚାର୍ଜ କରି ରୁମ୍‌କୁ ଫେରି ଆସିଲା ।

ସେ ଗୁମ୍‌ସୁମ୍ ହୋଇ ବସିଥାଏ । ୬୦ ଟଙ୍କା ବିଷୟରେ ଭାବିଲା ବେଳକୁ ତା' ମୁଣ୍ଡ ଫ୍ୟୁଜ୍ ହୋଇଯାଉଥାଏ । ସେତିକିରେ ସେ ସପ୍ତାହେ ଖଣ୍ଡେ ଚଳିଯାଇଥାନ୍ତା । ରୋଷେଇ କରିବାକୁ ଇଚ୍ଛା ହେଉନଥିଲା ତା'ର । ପରେ ତା' ମନକୁ ଗୋଟିଏ ଉପାୟ ଜୁଟିଲା । ଯାହା ନମ୍ବରରେ ରିଚାର୍ଜ ହୋଇଯାଇଛି ତାକୁ ଅନୁରୋଧ କଲେ ହୁଏତ ଫେରେଇ ଦେବ, ଯଦି ଭଲ ଲୋକ ହୋଇଥିବ । ଆଉ ଯଦି କ୍ରେକ୍ ମାଇଣ୍ଡଟିଏ ହେଲେ... ! ଯେ ଚେଷ୍ଟା କରିବାରେ କ'ଣ ଯାଉଛି । ଅନ୍ତତଃ ତାକୁ ଟିକିଏ ଫ୍ରି ତ ଲାଗିବ ।

ସେ' ବାଥ୍‌ରୁମ୍‌କୁ ପଶି ଆଂଶିକ ଭୟ ଆଉ ଆଶଙ୍କାରେ ମୁହଁରେ ଗାମୁଛା ଘୋଡ଼ାଇ ନମ୍ବର ଡାଏଲ୍ କଲା ।

– ହେଲୋ .. !! କିଏ କହୁଥିଲେ, କାହାକୁ ଖୋଜୁଛନ୍ତି, କ'ଣ କିଛି କାମ ଥିଲା କି ?

ଅଭି ଭାବିଲା, ଟୋକିଟିଏ । ପୁଣି ଚଢ଼ା ମିଜାଜିଆ ଜଣା ପଡୁଛି । ଲଗେଇବା ଠିକ୍ ହେଲାନି କି ! ଯେମିତି ହେଲେ କଥା ଲାଗିବାକୁ ପଡ଼ିବ । ଝିଅଟିକୁ ଅସଲ ପରିଚୟ ଜଣେଇବା ନିରାପଦ ନୁହେଁ ଭାବିକି ବୁଲେଇ ଦେବାକୁ ସ୍ଥିର କଲା ।

– ହାଏ, ମୁଁ ରାଜ । ଭବାନୀପାଟଣାରେ ଏମ୍.ଏ.କରୁଛି । ଆଉ ଆପଣ ?

ଝିଅଟି ମନେ ମନେ ଭାବିଲା, ହୁଏତ ପିଲାଟା ଟାଇମ୍‌ପାସ୍ କରିବାକୁ ଫୋନ୍ କରିଛି । କାରଣ ଆଜିକାଲି ଅନେକ ଦୁଷ୍ଟ ପିଲା ଏମିତି କରିଥାନ୍ତି । ଯାହାକୁ ଯେମିତି ରୁଢ଼ିର ପ୍ରାଧାନ୍ୟ ଦେଇ ଏମିତି ଅଚିହ୍ନା ଅଜଣା ଯୁବକ ଜଣକୁ ଆପଣା ଅସଲ ନାଁ ଓ ଠିକଣା ଜଣେଇବା ଉଚିତ୍ ନଭାବି ମିଛ ପରିଚୟ ଦେବାକୁ ମନସ୍ଥ କଲା ।

– ମୁଁ ସିମ୍ରନ୍ କେନ୍ଦ୍ରାପଡ଼ା ଓମେନ୍ସ୍‌କଲେଜରେ +୨ କରୁଛି

କିଛି ସମୟ ଔପଚାରିକତା ପୂର୍ଣ୍ଣ କଥାବାର୍ତ୍ତା ପରେ ଅଭି ବିନମ୍ର ହୋଇ କହିଲା, 'କାଲି ସଞ୍ଜ ବେଳେ ମୁଁ ଭୁଲ୍‌ରେ ଆପଣଙ୍କ ନମ୍ବରରେ ୬୦ ଟଙ୍କା ରିଚାର୍ଜ କରିଦେଇଛି । ମୋ ନମ୍ବରକୁ କରୁଥିଲି ଆପଣଙ୍କ ନମ୍ବରରେ ହୋଇଗଲା । ଆପଣଙ୍କ ନମ୍ବରର ଶେଷ ଡିଜିଟ୍ 'ପାଞ୍ଚ' ଆଉ ମୋର 'ଛଅ' । ଆପଣ ଯଦି ସେ ବାଲାନ୍ସ ତକ ଫେରେଇ ଦିଅନ୍ତେ ମୁଁ ଆପଣଙ୍କ ପାଖରେ ଚିରକାଳ କୃତଜ୍ଞ ହୋଇ ରହନ୍ତି ?

ଝିଅଟି ଅଭିର ସ୍ନେହବୋଳା କଥାରେ ଟିକିଏ ଆନ୍ଦୋଳିତ ହୋଇ ଉଠୁଥିଲା । ତାକୁ ଲାଗିଲା, ପିଲାଟି ମୁହଁରୁ ନୁହଁ ହୃଦୟରୁ କହୁଛି ଯେମିତି ! ସେ ମନକୁ ମନ ଭାବିଲା ପିଲାଟା ଜମାରୁ ସେମିତି ନୁହଁ ଯାହା ସେ ଆଶଙ୍କା କରୁଥିଲା । ସେ ଟିକେ ନରମେଇ କହିଲା

– କିନ୍ତୁ ମୁଁ ଟ୍ରାନ୍ସଫର୍ କରି ଜାଣେନି ।

– ମୁଁ ପ୍ରୋସେସ୍ ମେସେଜ୍ କରିଦେଉଛି ।

– ତା'ହେଲେ ମୁଁ ଟ୍ରାନ୍ସଫର୍ କରିଦେବି ।

ଏହା ଶୁଣି ଅଭିର ଚିନ୍ତା କୁଆଡ଼େ ରଫୁଚକ୍କର ହୋଇଗଲା । ଆପଣଙ୍କ ଭଏସ୍ ବହୁତ ମିଠା, ଥ୍ୟାଙ୍କ ୟୁ, ଆପଣଙ୍କ ସହ କଥା ହୋଇ ଭଲ ଲାଗିଲା । ଗୁଡ୍ ନାଇଟ୍, ସୁଇଟ୍ ଡ୍ରିମ୍ ପରି ବାକ୍ୟ କେଇଟାର ସହାୟତାରେ ତାକୁ ପ୍ରଶଂସାର ଫୁଲମାଳଟିଏ ପିନ୍ଧେଇ ଦେବାକୁ ପଛେଇଲାନି । ଝିଅଟି ସେପଟୁ 'ସେମ୍ ଟୁ ୟୁ' କହି ଫୋନ୍ କାଟିଦେଲା ।

ସେଦିନ ରାତିରେ ବହୁତ୍ ବର୍ଷା ହେଲା । କେଜାଣି କେମିତି ଅଭିକୁ ଭିଜିବାକୁ ମନ ହେଲା । ସେ ମନଭରି ଭିଜିଲା ବର୍ଷା ପାଣିରେ । ତାକୁ ଲାଗିଲା ଏ ବର୍ଷା ତା'ଦେହ ଛୁଇଁ ଛୁଇଁ ଯାଉଛି ମନକୁ । ଗୋଟିଏ ନିଆରା ଅନୁରାଗରେ ପୋତି ପକାଉଛି ତାକୁ । ଆଗରୁ ତ କେବେ ଏମିତି ହୋଇନଥିଲା । ଅଚିହ୍ନା ଅଜଣା ଦେଖି ନଥିବା ଝିଅଟିର ମଧୁର କଣ୍ଠସ୍ୱର ତା' କର୍ଣ୍ଣ ପଟଳରେ ମଝିରେ ମଝିରେ ଝଙ୍କୃତ ହୋଇ ତାକୁ ନୂଆଁ ଏକ ଶିହରଣରେ ଆଚ୍ଛନ୍ନ କରି ପକାଉଥିଲା । ଯାହା ମନେ ହେଉଥିଲା – ଗୋଟିଏ ଅବୁଝା ସଂଗୀତ ପରି, ଦୂର ଆମ୍ବବଣରୁ ଭାସି ଆସୁଥିବା ପତଳା କୁହୁତାନ ପରି ।

ସେ ଆଗରୁ ବିଶ୍ୱାସ କରୁନଥିଲା ପ୍ରେମ ବୋଲି କିଛି ଗୋଟାଏ ଥାଏ ବୋଲି । ଜଣଙ୍କ ପାଇଁ ଅନ୍ୟ ଜଣେ ଏତେ ଦୁର୍ବଳ ହୋଇଯାଏ ବୋଲି । ହେଲେ ଧିରେଧିରେ ସେ ଅନୁଭବ କରିପାରିଲା ସେ ଯେଉ ପରିସ୍ଥିତିର ଉପଭୋକ୍ତା ତାହା ହୁଏତ ପ୍ରେମ ନହେଲେ ପ୍ରେମର ସାଦୃଶ୍ୟ ଆଉ କିଛି ବୋଲି ।

ତା'ପରେ ରିଚାର୍ଜ ବାହାନାରେ ପରସ୍ପର କଥା ବାର୍ତ୍ତା ହେବାର ସୁଯୋଗ ଉଣ୍ଡୁଥିଲେ । ଝିଅ ଟ୍ରାନ୍ସଫର କରେନି, କି ଅଭି ବି କିଛି କହେନି । ଯଉଦିନ କଥା ହୁଅନ୍ତିନି ତାଙ୍କ ମନ ଜମାରୁ ଭଲ ଲାଗେନି । ଭୋକ, ଶୋଷ ମରିଯାଏ । ଉଜାଗରରେ ରାତି କଟେ । ଜମା କିଛି କରିବାକୁ ଇଚ୍ଛା ବି ହୁଏନି । ଅଭି ଅନ୍ଦାଜରେ କଳ୍ପନାର ତୂଳୀରେ ଆଙ୍କି ସାରିଥିଲା ଝିଅର ପ୍ରତିମୂର୍ତ୍ତି । ଅପର ପଟରେ ଝିଅଟି ବି ସ୍ୱ-ମାନସ ଆଳୟରେ ସାଇତି ସାରିଥିଲା ଅଭିର କଳ୍ପିତ ଛବି ରାଜ ରୂପରେ । ଅଭି ଖାଉନଥିଲା ଭଲରେ ପଛକେ ରିଚାର୍ଜ କରୁଥିଲା କଥା ହେବା ପାଇଁ । ଝିଅଟିର ଅବସ୍ଥା ବି ସେଇୟା । ତାଙ୍କ ସଂପର୍କ ପ୍ରଥମେ ପ୍ରଥମେ ବନ୍ଧୁତା, ତା'ପରେ ଘନିଷ୍ଠତାର ବାଡ଼ବନ୍ଧା ଡେଇଁଗଲା ଚଗଲି ଝରଣାଟିଏ ପରି । ସବୁବେଳେ କଥା ବାର୍ତ୍ତା ଫୋନ୍‌ରେ । ଚାଟିଙ୍ଗ୍, ମେସେଜିଂ, ହସଖୁସି, ଥଟ୍ଟାମଜା । ଆଉ କିଛିରେ ମନ ଲାଗୁନଥିଲା । ଉଭୟ ଭାସିଯାଇଥିଲେ ସୁଖଦାନୁଭୂତିରେ । ଶୟନେ, ସପନେ, ଭୋଜନେ,

ଗମନେ ଅବା ଜାଗରଣେ ଦୁହେଁ ଦୁହିଁଙ୍କୁ ଭାବୁଥିଲେ । ଦୁହେଁ ମିଶି ଫୁଲର ସହରେ ରୂପା ବଗିଚାରେ ସ୍ୱପ୍ନର କୁଡ଼ିଆଟିଏ ତୋଳିଥିଲେ । ସେଠି ବାକି ଆଉ କେହି ନଥିଲେ । ଥିଲେ ସେ ଦୁହେଁ ଆଉ ପ୍ରେମ ହିଁ ପ୍ରେମ । ଭୂଇଁରୁ ଆକାଶଯାଏ । ପାଣିରୁ ପବନ ଯାଏ । ମିଛର ମୂଳଦୁଆରେ ଗଢ଼ି ଉଠିଥିବା ବାଲିଘରଟା ଯେ ଗୋଟିଏ ସୁନ୍ଦର ତାଜ୍‌ଟିଏ ପାଲଟିଯିବ ତାହା ଦୁହିଁଙ୍କ କଳ୍ପନା ବାହାରେ ଥିଲା । କିନ୍ତୁ କହିଦେଲେ କାଳେ ସଂପର୍କ ତୁଟିଯିବ, ଭୁଲ୍ ବୁଝାମଣା ହେବ ବୋଲି କେହି କାହାକୁ ନିଜର ଅସଲ ପରିଚୟ ବିଷୟରେ କହୁନଥିଲେ । ସେମିତି ଚାଲିଥିଲା । ଫୋନ୍‌ଫୋନ୍‌ରେ ଉଭୟ ଜୀବନ ସାଥୀ ହେବାର ସ୍ୱପ୍ନରେ ବିଭୋର । ଫୋନ୍‌ଫୋନ୍‌ରେ ଚଉଠି, ପିଲା ଛୁଆ ଜନ୍ମ । ତାଙ୍କ ନାଁ ଦିଆ ପାଠ ପଢ଼ା କ୍ୟାରିୟର । ସେମାନଙ୍କ ବୃଦ୍ଧାବସ୍ଥା ପରି ଗୁଡାଏ ଅକୁହା କଥା । ସେତେବେଳେ ଦୁହେଁ ଦୁହିଁଙ୍କୁ ଭେଟିନଥିଲେ । ଦୁହେଁ ସ୍ଥିର କଲେ ସମ୍ବଲପୁରରେ ଭେଟ ହେବାକୁ । ଭେଲେନ୍‌ଷ୍ଟାଇନ୍ ଡେକୁ ଅପେକ୍ଷା କରିଥିଲେ ଚାତକ ପରି । କ୍ୟାଲେଣ୍ଡରରେ ଦିନ ଗଣିଗଣି ।

ଭେଲେନ୍‌ଷ୍ଟାଇନ୍ ଡେ ଆଗଦିନ ରାତିରେ ଅଭି ତପସ୍ୱିନୀ ଏକ୍ସପ୍ରେସ୍ ଧରିବାକୁ ବାହାରୁଥାଏ । ତା' ପିଉସୀ ଝିଅ ପ୍ରାଚୀ ଫୋନ୍‌କରିଥିଲା । ସେମାନେ ଦୁହେଁ କିଛି ସମୟ ସାଧାରଣ କଥାବାର୍ତ୍ତା ପରେ ପ୍ରାଚୀ ଯାହା ସବୁ କହିଲା ତାର ହଂସା ଉଡ଼ିଗଲା ।

ଭାଇ, ଗୋଟିଏ ବିନା ଡକୁମେଣ୍ଟ ସିମ୍‌ର ସଂପର୍କକୁ ନେଇ ମୁଁ ଚିନ୍ତାରେ ଅଛି । ଏବେ ଅବଶ୍ୟ ବାପାଙ୍କ ସିମ୍‌ରୁ କରୁଛି । ସେ' କାଲି ଭେଟିବାକୁ ଆସୁଛନ୍ତି । ଭାବୁଛି ତାଙ୍କୁ ସବୁ ସତକଥା କହିଦେବି । ମୁଁ ତାଙ୍କୁ ଜୀବନଠୁଁ ଅଧିକ ଭଲପାଏ । କହୁନ କ'ଣ କରିବି ? ତମେ ତ ଜାଣ ମୁଁ ତମ ସହିତ ସବୁ ସୁଖଦୁଃଖ ସେୟାର କରେ । ଏଥର ଖାଲି ଭୟରେ କହୁନଥିଲି । ହେଲେ ତୁମକୁ ନକହି ଆଉ କଉ ଉପାୟ ଅଛି ଭାଇ । ତମଛଡ଼ା ମୋ କଥା କିଏ ବା ବୁଝିବ ! ବାପାଙ୍କୁ ଟିକେ ବୁଝେଇବ ଭାଇ । ମୁଁ ଯେତେ ଯାହା ହେଉ ତାଙ୍କୁ ଛାଡ଼ି ବଂଚି ପାରିବିନି । ଏମିତି ଅନେକ କିଛି କହିଗଲା ପ୍ରାଚୀ .....

ଅଭିର ଶୁଣିବାର ଧୈର୍ଯ୍ୟ ଆଉ ନଥିଲା । ସ୍ଥାଣୁ ପାଲଟିଗଲା କ୍ଷଣିକ ପାଇଁ । ମୋବାଇଲ୍ କଚାଡ଼ି ଦେଲା । ସିମ୍ ଡଷ୍ଟବିନ୍‌କୁ ଫିଙ୍ଗିଦେଲା । ସେ ପାଗଳ ପରି ରୁମ୍ ସାରା ଗଡୁଥାଏ, କାନ୍ଦୁଥାଏ । ସେ ଭାବୁଥାଏ ଛି... ଛି... ଶେଷରେ ପିଉସୀ ଝିଅ (ଭଉଣୀ) ସାଙ୍ଗରେ । ତାକୁ ଚଉଦିଗ ଅନ୍ଧାର ଲାଗୁଥାଏ । ତା' ମନର କାନ୍‌ଭାସ୍‌ରୁ ଝରି ପଡୁଥାଏ ମଳା ସ୍ୱପ୍ନ ଗୁଡ଼ିକର ରକ୍ତ କଣିକା ଥପ୍‌ଥପ୍ ହୋଇ । ସୁଖ ଶାନ୍ତିର ପୁଷ୍ପଦ୍ୟାନକୁ କଳା ବଉଦ ଗ୍ରାସି ଦେବା କଥାଟା ତାକୁ ଆଦୌ ଜଣାନଥିଲା । କ'ଣ କରିବ କ'ଣ ହେବ କିଛି ଭାବିବାକୁ ତା' ପକ୍ଷେ ଖୁବ୍ ଜଟିଳ ପାଲଟିଯାଏ । ତା' ହୃଦୟର କାନ୍ଦଣା କିଏ ବା ଶୁଣିବ । ଶ୍ରୋତା ବି ସେ ଉପଭୋକ୍ତା ବି ସେ । ସେ ପ୍ରାଚୀର କଥା ଭାବିଲା ବେଳକୁ ମୁଣ୍ଡରେ ଭୟଙ୍କର ରକ୍ଷସଟିଏ ମାଡ଼ିବସିବା ପରି ମନେ ହେଉଥାଏ । ପ୍ରାଚୀ ଯେଉଁ ଧୋକାର ନିଆଁରେ ଜଳିବ, ତା' ଫୋନ୍‌ଫ୍ରେଣ୍ଡ୍‌କୁ ନପାଇ ଛଟପଟ ହେବ । ସେ ସବୁ ପାଇଁ ନିଜକୁ ଦୋଷୀ ମଣୁଥିଲା ।

ଅଭି ବି.ଏଡ୍. ସାରି ଘରକୁ ଫେରି ପ୍ରଧାନଶିକ୍ଷକ ହେଲା ପାଖ ଗାଁ ସ୍କୁଲ୍‌ରେ । ବାପା, ମାଆ, ଭଉଣୀମାନେ ଖୁବ୍ ଖୁସି । ତାଙ୍କ ଚିର ଇପ୍‌ସିତ ସ୍ୱପ୍ନ ଚରିତାର୍ଥ ହେଲା । ସେ ଆଗରୁ ସଂପୂର୍ଣ୍ଣ ବଦଳିଯାଇଥିଲା । ତାର ହସ, ଚେହେରାର ସତେଜତା ସବୁ ମରି ସାରିଥିଲା । ସେ ପ୍ରାଚୀର ଦୟନୀୟ ଅବସ୍ଥା ଦେଖି ଭିତରେ ଭିତରେ ଜଳୁଥାଏ । ଚୁପ୍‌ଚୁପ୍ କାନ୍ଦୁଥାଏ ।

ପ୍ରାଚୀକୁ ବହୁବାର ବୁଝେଇବାକୁ ଯାଇ ବିଫଳ ହୋଇଛି ଅଭି । କିନ୍ତୁ ସତକଥା କେମିତି କହନ୍ତା ? ଏ ସବୁ କଥା ପ୍ରାଚୀକୁ କହିଦେଲେ ଆଉ ଜୀବନ ସାରା ତା' ମୁହାଁମୁହିଁ ହୋଇପାରିବନି । ସେ ସଂକୋଚରେ ଅଟକି ଯାଏ । ତା' ସହ ସେ ଫୋନ୍‌ରେ ସ୍ୱର ବଦଳାଇ, ନାମ ବଦଳାଇ ବହୁତ ଆଗକୁ ବଢ଼ି ଯାଇଛି । ଏବେ ଫେରିବାକୁ ଚେଷ୍ଟା କରୁଛି । କାରଣ ତାକୁ ସତ ଜଣା । କିନ୍ତୁ ପ୍ରାଚୀ... ! ପ୍ରାଚୀ ଏବେ ରାଜର ପ୍ରେମରେ ବାଉଳି । ସବୁବେଳେ ତା' ନାମ ଘୋଷିହୁଏ । କ'ଣ କ'ଣ ସବୁ ନିଦ ବାଉଳାରେ ବୋବାଏ । ଥରେ ଦି' ଥରେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିସାରିଲାଣି । କ'ଣ ହୋଇଗଲା ବିଚାରୀର ! ଖୁବ୍ ସୁନ୍ଦରୀ ଥିଲା । ଭଲ ବି ପଢୁଥିଲା । କିନ୍ତୁ ସେ ରାଜ୍ ପଛରେ... ଯିଏ ତା' ପାଖରେ ଥାଇ ଅଛି ବହୁତ ଦୂରରେ । ଅଭି ରାଜକୁ ସେଇ ଦିନରୁ ମାରି ଦେଇଛି ଯେଉଁ ଦିନରୁ ଜାଣିଲା ଯେ, ପ୍ରାଚୀ ସିମରନ୍ ବୋଲି । ତା' ଭଲ ପାଇବା, ପ୍ରେମ, ଅଦେଖା ଆକର୍ଷଣ ସବୁ ଫିକା ପଡିଗଲା । ନିଜ ଭିତରେ ନିଜେ ସ୍ୱାର୍ଥପର ପାଲଟିଗଲା ଅଭି ।

ସ୍ୱରୂପ କ୍ରିୟାକଳାପରେ ଧାବମାନ ସମୟଚକ୍ର । ପ୍ରାଚୀର ଅବସ୍ଥାରେ ଆଦୌ ସୁଧାର ନାହିଁ । ଏପଟେ ଅଭି ବାହା ହେଉନାହିଁ । ଘର ଲୋକଙ୍କୁ ଏହା ବ୍ୟାହତ କରି ପକାଉଛି । ଆଉ ମୋବାଇଲ୍ ଧରେନା ଅଭି । ସେ ଭାବେ ଏ ମୋବାଇଲ ହିଁ ଏସବୁର ଦାୟୀ । ତା' ମନକୁ ହାଲକା କରିବାକୁ କେବେ କେମିତି... । କିନ୍ତୁ ଦୋଷ ଦେବାରେ ନିଜକୁ ପଛାଏନି ଜମା । ପୁଣିଥରେ ଆଉ ଜଣକୁ ନେଇ ସ୍ୱପ୍ନ ଦେଖିବାର ସାମର୍ଥ୍ୟ ନାହିଁ । ସେ ନିଜର ବେଶୀ ସମୟ ବିତାଉଛି ପ୍ରାଚୀ ସାଙ୍ଗରେ । ତାର ସେବା କରିବାରେ ।

ଛାତି ପଥର କରି ସବୁ ସହିଯାଏ । ଖାଲି ପୀଡ଼ିତ ହେଉଥାଏ ଅପାଶୋରା ଗ୍ଳାନିର ଋପରେ । ଅଭି ନିଜେ ନିଜକୁ ମନେ କରେ ଦହନର ଗୋଟିଏ ଅନ୍ୟ ନାଁ ଭାବରେ ଯାହା ବର୍ଣ୍ଣିତ ନୁହେଁ ଏ ଦୁନିଆଁର କୌଣସି ଶବ୍ଦକୋଷରେ ।

***- ପୋ.-କପିଳାପୁର, ଜି.- ଝାରସୁଗୁଡ଼ା***

# କନ୍ୟାଦାନ

- ସୁଧାଂଶୁ ଶେଖର ଦ୍ୱିବେଦୀ

ସୁଚିତ୍ରା ଓ ତା ବାପା ନିଜ ସମ୍ପର୍କୀତ ବନ୍ଧୁଙ୍କ ଘରେ ଆୟୋଜନ ହୋଇଥିବା ଗୋଦାନ ସମାରୋହରୁ ଫେରିଥାନ୍ତି । ହଠାତ୍ ସୁଚିତ୍ରା କ'ଣ ଭାବିଲା କେଜାଣି ପଚାରିଲା ବାପା ଗୋଦାନ କ'ଣ ? ତାକୁ କାହିଁକି କରନ୍ତି ?

ବାପା କହିଲେ, ଗୋଦାନ ଲୋକଙ୍କ ଦ୍ୱାରା ସଙ୍କଳ୍ପ କରାହୋଇ ବ୍ରହ୍ମଣମାନଙ୍କୁ ଦାନ କରାଯାଏ । ଯାହାଫଳରେ ଲୋକଙ୍କ ଘଟିଥିବା ପାପରୁ ମୁକ୍ତି ମିଳେ ।

ଆଚ୍ଛା ବାପା, ବ୍ରାହ୍ମଣମାନେ ଗୋରୁଗୁଡ଼ିକ ନେଇ କ'ଣ କରିବେ ? ସୁଚିତ୍ରା ପୁଣି ପଚାରିଲା ।

ତାଙ୍କ ଇଚ୍ଛା, ପାଳନ ନହେଲେ ବିକି ଦେବେ । ବୁଝିଲୁରେ ମା' ଏ ସଂସାରରେ 'ଗୋଦାନ ଓ କନ୍ୟାଦାନ' ଦୁଇଟି ଶ୍ରେଷ୍ଠ ଦାନ, ବାପା ବୁଝାଇ କହିଲେ ।

ତା'ହେଲେ କ'ଣ କନ୍ୟାମାନଙ୍କ ପିତାମାନେ ଅନ୍ୟ କାହାକୁ କନ୍ୟାଦାନ କରିଥାନ୍ତି ଗୋରୁମାନଙ୍କ ପରି ବ୍ୟବହାର କରିବା ଲାଗି ?

'ନାଁରେ ମା, ମଣିଷ ସହ ସେମିତି କିଛି ହୁଏନି । ହଉ ତୁ ଯା– ମୁହଁ ହାତ ଧୋଇ ପାଠ ପଢ଼ିବୁ । ଝିଅର ଧ୍ୟାନରୁ ଏସବୁ କଥାରୁ ହଟେଇବା ପାଇଁ ବାପା ପ୍ରୟାସ କଲେ ।

କିନ୍ତୁ ଜିଦ୍‌ଖୋର ଝିଅ ସୁଚିତ୍ରା ସେହିପରି ପଚାରି ଚାଲିଥାଏ । ହେଲେ ବାପା ଦାନର ଉଦ୍ଦେଶ୍ୟ ଯଦି ଏଇୟା, ତାହେଲେ ଦାନ ନେଉଥିବା ଲୋକ କେମିତି ବ୍ୟବହାର କରିବ କନ୍ୟାମାନଙ୍କୁ ମଧ୍ୟ ସେଇପରି ଚୁପ୍‌ଚାପ୍ ସହିବାକୁ ହେବ ।

ସେବୁ ସାଂସାରିକ ନିୟମରେ ମା'

ଆଚ୍ଛା ବାପା ଆପଣ କ'ଣ ମୋତେ କାହାକୁ ଦାନ କରିଦେବେ ? ବାପାଙ୍କ ପାଖରେ ସୁଚିତ୍ରା ପ୍ରଶ୍ନର ଉତ୍ତର ନଥାଏ ।

ଏଭଳି କନ୍ୟାଦାନର ଉଦ୍ଦେଶ୍ୟ କ'ଣ ବାପା ? ଯେଉଁଠି ପ୍ରତିଦିନ ତାଭରି ପାଇଁ କନ୍ୟାଟେ ଯୋଡ଼ିଯାଏ, ସିଲିଂ ଫେନ୍‌ରେ ଝୁଲିରହେ ତା ମରଶରୀର । ହଠାତ୍ ଗ୍ୟାସ୍ ସିଲିଣ୍ଡର ଫାଟିଯାଏ ନି ।

ସୁଚିତ୍ରା ପ୍ରଶ୍ନ ଶୁଣି ବାପା ଆଉ କିଛି କହିପାରିଲେ ନାହିଁ । ସତରେ ଯେଉଁଠି ହଜାର ହଜାର ନାରୀମାନଙ୍କର ଆର୍ତ୍ତନାଦ ଶୂନ୍ୟରେ ମିଶିଯାଉଛି । ସେଠି କନ୍ୟାଦାନ କରିବା ପ୍ରହସନ ନୁହେଁ'ତ ଆଉ କ'ଣ ? ନିଜକୁ ପ୍ରକୃତିସ୍ଥ କରି ଖୁବ୍ ଧିର କଣ୍ଠରେ ସେ କହିଲେ, ଆଜି ତୁ ମୋ ଆଖି ଖୋଲି ଦେଇଛୁରେ ମା', ମୁଁ ତୋ ପାଖେ ନିୟମ କରି କହୁଛି ତେ ବାହାଘରରେ ମୁଁ ତୋତେ କନ୍ୟାଦାନ କରିବିନି ।

ସଂଭବତଃ ସୁଚିତ୍ରା ତା ବାପାଙ୍କ ଆଖିରେ ସଙ୍କଳ୍ପର ଦୃଢ଼ତାକୁ ଖୋଜୁଥିଲା ।

# "ପରମ୍ପରା"

- ସୁଧାଂଶୁ ଶେଖର ଦ୍ୱିବେଦୀ

ମା' ତୁ ପ୍ରତିଦିନ ଏ ସିନ୍ଦୁକ କ'ଣ ପାଇଁ ଖୋଲୁ ?

ତୋହରି ପାଇଁରେ ମା' ।

ମୋ ପାଇଁ ?....

ତୁ ବୁଝିପାରିବୁନିରେ ମା, ମୁଁ କ'ଣ ପାଇଁ ପ୍ରତିଦିନ ସିନ୍ଦୁକ ଖୋଲେ କହନା ମା'...

ମୁଁ ଯେତେବେଳେ ଛୋଟ ଥିଲି ମୋ ମା' ମଧ୍ୟ ପ୍ରତିଦିନ ସିନ୍ଦୁକ ଖୋଲୁଥିଲା । ସେତେବେଳେ ମୁଁ ବି ଜାଣିନଥିଲି କ'ଣ ପାଇଁ ସିନ୍ଦୁକ ଖୋଲୁଛି ? ମୁଁ ବି ଆଜି ସିନ୍ଦୁକ ଖୋଲି ଦେଖୁଛି ମୋତେ ଯେତିକି ଯୌତୁକ ଦେଇଥିଲା ସେତିକି ମୁଁ ତୋତେ ପାରିବି କି ନା.... !

ଛାଡନା ମା', ମୁଁ ଜମାରୁ ବାହା ହେବିନି ।

ସେତେବେଳେ ମୁଁ ବି ତୋହରିପରି କହୁଥିଲିରେ ମା', ହେଲେ ବିବାହ ଓ ଯୌତୁକ ଗୋଟେ ଅନ୍ୟଟିର ପରିପୂରକ, ସେ ଦୁଇକୁ ଅଲଗା କରିବା ଅସମ୍ଭବ ।

ବସି-୭୪, ସେକ୍ଟର-୧
ସଲଟ୍ ଲେକ୍ କଲିକତା-୬୪

# ଦୀକ୍ଷା

- ଏଲିନା ପଣ୍ଡା

ଓଡ଼ିଶାର ସୀମାନ୍ତ ଅଂଚଳ, ଶିରିଶପଡ଼ା ଗ୍ରାମ । ଚାରିଆଡ଼େ ସବୁଜବଳୟ ଘେରା । ପଶୁପକ୍ଷୀଙ୍କ ଚଳପ୍ରଚଳ ଏବଂ କାକଳି ଧ୍ୱନି । ଅନୁପମ ପରିବେଶ ମଧ୍ୟରେ ଶିରିଶପଡ଼ା ହସି ଉଠୁଥାଏ । ସେଠାରେ ମୃଦୁମଳୟର ସ୍ପର୍ଶ ବାରି ହୋଇପଡୁଥାଏ ।

ଏହି ଅପୂର୍ବ ସମୟରେ ରାମବାବା ଏବଂ ତାଙ୍କର ପ୍ରଧାନ ଶିଷ୍ୟ ଶ୍ୟାମବାବା ଆସି ଶିରିଶପଡ଼ାରେ ପଦାର୍ପଣ କଲେ । ସେଠାକାର ଲୋକେ ବାବାଦ୍ୱୟଙ୍କୁ ସ୍ୱାଗତ ଜଣାଇଲେ । ଶିରିଶପଡ଼ାର ଶିକ୍ଷାଦୀକ୍ଷା, ସଂସ୍କୃତି ଏବଂ ସାଧାରଣ ବ୍ୟବହାର ଖୁବ୍ ଉଚ୍ଚକୋଟୀର ଥିଲା । ଲୋକେ ମଧ୍ୟ ଦୟାଳୁ ଏବଂ ଧାର୍ମିକ ଥିଲେ ।

ପ୍ରଥମ ଦିନ ରହଣିର ସନ୍ଧ୍ୟା ଆରତି ଗାଁ ଭାଗବତ ଟୁଙ୍ଗିରେ ଅନୁଷ୍ଠିତ ହେଲା । ରାମବାବା ଉପସ୍ଥିତ ଗ୍ରାମବାସୀଙ୍କୁ କହିଲେ ଯେ ସେମାନଙ୍କର ଶିକ୍ଷା, ସଂସ୍କୃତି ଦୃଷ୍ଟିରୁ ଗୁରୁଦୀକ୍ଷା ନେବା ଜରୁରୀ ଅଟେ । ଆମେ ଏଠାରେ ଏକ କ୍ଷୁଦ୍ର ଆଶ୍ରମ ପ୍ରତିଷ୍ଠା କରି ଏହି ଗ୍ରାମ ଏବଂ ନିକଟବର୍ତ୍ତୀ ଗ୍ରାମର ଲୋକମାନଙ୍କୁ ଗୁରୁଦୀକ୍ଷା ଦେବା ସହ ଜୀବନ-ମୃତ୍ୟୁ ସମ୍ବନ୍ଧରେ ବ୍ୟାପକ ପ୍ରବଚନ ଦେବା ସହ ସେମାନଙ୍କର ଦୃଷ୍ଟିଭଙ୍ଗୀରେ ବ୍ୟାପକ ପରିବର୍ତ୍ତନ ଆଣିବା ଆମର ଅସଲ ଉଦ୍ଦେଶ୍ୟ ଅଟେ । ରାମବାବାଙ୍କ ଶିଷ୍ୟ ଶ୍ୟାମବାବା ଏହି ପ୍ରସଙ୍ଗ ତଥା ପ୍ରସ୍ତାବକୁ ହୃଦୟର ସହ ଗ୍ରହଣ କରିବାର ସଂକେତ ଦେଲେ । ତତ୍‌ସହ ପୁଣି କହିଲେ ଯେ ଇଚ୍ଛୁକ ବ୍ୟକ୍ତିଙ୍କୁ ଦୀକ୍ଷା ଦେବାପରେ ଏହି ସ୍ଥାନକୁ ପରିତ୍ୟାଗ କରି ଅନ୍ୟତ୍ର ଯିବା ପାଇଁ ଇଚ୍ଛା ପ୍ରକଟ କଲେ ।

ସେହି ସମୟରେ ମହୀୟସୀ ଦୁଇ ଜୈନମୁନି ଆସି ସେଠାରେ ପହଞ୍ଚିଲେ । ସୁ-ସଂସ୍କୃତ ଗ୍ରାମବାସୀମାନେ ମୁନିମାନଙ୍କୁ ଆଦର ସମ୍ମାନ ଜ୍ଞାପନ କଲେ । ସେମାନେ ସେଠାରେ ରାତ୍ରିଯାପନ ପାଇଁ ବାବାଙ୍କ ଅନୁମତି ଲୋଡ଼ନ୍ତେ ବାବା ହସ ହସ ବଦନରେ ସେମାନଙ୍କୁ ରାତ୍ରିଯାପନ ପାଇଁ ବିନମ୍ର ଅନୁରୋଧ ଜଣାଇଲେ ।

ଉଭୟପକ୍ଷ ସନ୍ଧ୍ୟାରେ ମଣିଷର ଜନ୍ମମୃତ୍ୟୁ ରହସ୍ୟ ସମ୍ବନ୍ଧରେ ପ୍ରବଚନ ମାଧ୍ୟମରେ ଆଲୋକପାତ କଲେ । ସେମାନଙ୍କର ବକ୍ତବ୍ୟ ଥିଲା, ମଣିଷ ଜନ୍ମ ନେଲେ ମୃତ୍ୟୁବରଣ କରିବାକୁ ହୁଏ । ଏପରିକି ଦେବତା ହେଲେ ମଧ୍ୟ ଜନ୍ମମୃତ୍ୟୁ ଚକ୍ରରୁ ବାଦ୍ ପଡ଼ନ୍ତି ନାହିଁ, କାରଣ ଶରୀର ହେଉଛି ମାଟିପିଣ୍ଡୁଳା । ଜୀବନ ବା ଆତ୍ମା ହେଉଛି ନିଷ୍କଳଙ୍କ, ସ୍ୱଚ୍ଛ ଏବଂ ଅମର । ଏହାର କଦାପି ବିନାଶ ନାହିଁ ।

ଲୋକମାନେ ସେମାନଙ୍କର ବଳିଷ୍ଠ ଯୁକ୍ତି ସହ ପ୍ରବଚନର ସାରମର୍ମକୁ ଗ୍ରହଣ କଲେ । ବାବା ଏବଂ ମୁନିମାନେ ସେମାନଙ୍କର ପ୍ରବଚନ ମାଧ୍ୟମରେ କହିଲେ ଯେ ଶରୀର କ୍ଷଣସ୍ଥାୟୀ । କିନ୍ତୁ ଏହା ସର୍ବକର୍ମର ମାଧ୍ୟମ, ଏହା ନଷ୍ଟ ହେବାପୂର୍ବରୁ ଯେପରି ଉନ୍ନତ କାର୍ଯ୍ୟରେ ଲାଗେ, ସେଥିପ୍ରତି ଦୃଷ୍ଟିଦେବା କର୍ତ୍ତବ୍ୟ ଅଟେ । ଉନ୍ନତ କାର୍ଯ୍ୟର ଫଳ ଉନ୍ନତ ଅଟେ । ମହାନ୍ କର୍ମର ଇଙ୍ଗିତରେ ମନୁଷ୍ୟ ସମାଜ ପରିଚାଳିତ ହୁଏ । ଏହାର ସୁଫଳ ସମସ୍ତେ ଉପଭୋଗ କରନ୍ତି ।

କିଛିଦିନ ଉତ୍ତାରୁ ସନ୍ଧ୍ୟା ସମୟରେ ଆଖପାଖର ବହୁଲୋକ ରୁଣ୍ଡ ହୋଇଥାନ୍ତି ବାବାଙ୍କ ଅପେକ୍ଷାରେ । ବହୁ ସମୟ କଟିଗଲା । ପରେ ବାବାଙ୍କ ଦର୍ଶନ ମିଳିଲା ନାହିଁ । କାରଣ ଜାଣିବାକୁ ଆଶ୍ରମ ଭିତରକୁ କେହି ଜଣେ ଭକ୍ତ ପ୍ରବେଶ କରିବାରୁ ଦେଖନ୍ତି ତ ବାବାମାନେ କିମ୍ବା ମୁନିମାନେ ଆଶ୍ରମରେ ନ ଥିଲେ । ସେମାନଙ୍କୁ ଏଣେତେଣେ ଖୋଜାଖୋଜି କରି ସଫଳ ହେଲେ ନାହିଁ ।

ସେମାନଙ୍କର ପ୍ରବଚନର ମର୍ମକୁ ସମସ୍ତେ ମନେ ମନେ ହେଜୁଥିଲେ । ମନେ ମନେ ସେମାନଙ୍କୁ ପ୍ରଶଂସା କରିବା ସହିତ ବାବା ଏବଂ ମୁନିଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ନୁଆଁଇଲେ ।

*- ଡାହାଳିଆବାଗ, ଭାଣପୁର, କଟକ*

# ଅସମାହିତ ପ୍ରଶ୍ନ

- କବିଅଂଶୁ ନିତ୍ୟାନନ୍ଦ ତ୍ରିପାଠୀ

ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ । ଅତ୍ୟାଧୁନିକ ବିଜ୍ଞାନର ଯୁଗ । ଜ୍ଞାନର ପରିସ୍ଫୁରଣ ଘଟେ । ବହୁ ନୂତନତତ୍ତ୍ୱର ଆବିଷ୍କାର ବା ଉଦ୍ଭାବନ ହୁଏ । ସମାଜରେ ଅନେକ ପରିବର୍ତ୍ତନ ଆସେ । ମାନବୀୟ ବିଚାରଧାରା ବଦଳେ । ଜୀବନଯାପନ ଶୈଳୀ ଉନ୍ନତ ହୁଏ । ଏସବୁ ସତ୍ତ୍ୱେ ଘନଘନ ଜନବିସ୍ଫୋରଣ, ଖଣିଖାଦନ, କଳକାରଖାନା ଓ ଯାନବାହାନର ଦ୍ରୁତ ସଂଖ୍ୟା ବୃଦ୍ଧି ପରିବେଶକୁ ପ୍ରଦୂଷିତ କରେ । ତରୁଲତା, ଗିରିବନ ଖଣ୍ଡିତ ଲଣ୍ଡିତ ହୁଏ । କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସଭ୍ୟତା ସଂସ୍କୃତି ଅପମିଶ୍ରିତ । ଭାଷା ବହୁଧା ବିଭକ୍ତ । ମାନବୀୟ ମୂଲ୍ୟବୋଧ ଅସନ୍ତୁଳିତ । ଈର୍ଷା, ହିଂସା, ପରଶ୍ରୀକାତରତାର ବୁଢ଼ିଆଣୀ ଜାଲରେ ଛନ୍ଦି ବନ୍ଦୀ ହୋଇ ମାନବ ସମାଜ କଳୁଷିତ ହୁଏ । ତହିଁରେ ଦୁର୍ନୀତି ଓ ଭ୍ରଷ୍ଟାଚାର, କଳାଧନର ବିଷମଞ୍ଜି ବୁଣେ । ଟାଉଟର, ଦଲାଲ, ମାଫିଆ, ମୁନାଫାଖୋର ଓ କଳାବଜାରୀଙ୍କ ସଂଖ୍ୟା ବଢ଼େ । ଅଧୁନା ସ୍ନେହ, ମମତା, ଆଦର, ପ୍ରୀତି, ମୈତ୍ରୀ ସମ୍ମାନ ସବୁ ଯେପରି କୃତ୍ରିମତା ବୋଳା । ସମ୍ପର୍କ ସକଳ ଶିଥିଳ ଓ ଢ଼ିଲା । ପରିବାରର ସଦସ୍ୟମାନଙ୍କ ମନରେ ଅବିଶ୍ୱାସର ବିଷଜ୍ୱାଳା । ପିତାମାତା, ପତି-ପତ୍ନୀ, ଭ୍ରାତା-ଭଗ୍ନୀ ଅଥବା ପୁତ୍ର-କନ୍ୟାଙ୍କ ମଧ୍ୟରେ ଉପଯୁକ୍ତ ଭାବର ଆଦାନପ୍ରଦାନ ହୋଇପାରେ ନାହିଁ । ଆତ୍ମୀୟତାର ଘୋର ଅଭାବ ଘଟେ । ସଭିଏଁ ସ୍ୱାର୍ଥପର ପାଲଟନ୍ତି । ସେଥିପାଇଁ ଆଜି ଚୋରି, ଡକାୟତି, ହତ୍ୟା, ଲୁଣ୍ଠନ, ଧର୍ଷଣ, ବଳାତ୍କାର ପରି ଅସ୍ୱାଭାବିକ ଅସାମାଜିକ କାର୍ଯ୍ୟ କଳାପର ବୃଦ୍ଧି ଘଟେ । ନିପଟ ମଫସଲ ଗାଆଁ ଗହଳିରେ ବାସ କରୁଥିବା ମଣିଷ ଉପରେ ବି ତାର କୁପ୍ରଭାବ ପଡ଼େ । କର୍ପୂର ଉଡ଼ିଯାଇ କନା ଖଣ୍ଡେ ପଡ଼ି ରହିଥିବା ପରି, ଶାସନ ଗାଆଁର ଅତୀତ ରାଜତନ୍ତ୍ର ସୁରକ୍ଷା ତଥା ଜ୍ଞାନୀଗୁଣୀ, ଧନୀ, ମାନୀ, ରଥବଂଶର ଦାୟାଦଗଣ ଅଧୁନା ଦାରିଦ୍ର୍ୟ ସୀମାରେଖା ତଳେ କାଳାତିପାତ କରନ୍ତି । ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ସରକାରୀ ସାହାଯ୍ୟ, ସହଯୋଗ ଓ ପ୍ରୋତ୍ସାହନ ମିଳେ । ସେହି ପରିବାରର ଗେଲବସରର ଝିଅଟିଏ ନର୍ମଦା । ଡଉଲଡାଉଲ ଚେହେରା, ସତେ ଅବା ଗୋଟିଏ ଚାଉଳରେ ଗଢ଼ା । ଧୀର, ସ୍ଥିର, ନମ୍ର, ଭଦ୍ର । ଚାଲିଚଳନ, ଆଚାର ବ୍ୟବହାର ମାର୍ଜିତ, ରୁଚିସମ୍ପନ୍ନ । ଠିକ୍ ନର୍ମଦା ନଦୀ ପରି ଛଳଛଳ ତାର ରାଜହଂସୀ ଚାଲି । ତା' ଚାଲିରେ ସତେ ଅବା ଫୁଟେ କୁମୁଦ କମଳ । ଘୋର ଅନଟନ ଭିତରେ ବୁଡି ରହିବି, ସେ ନିଜ ଉଦ୍ୟମରେ ବି.ଏ. ପାସ୍ କରେ । ଛାତ୍ରାବସ୍ଥାରୁ ପ୍ରଭୁଦତ୍ତ ନାମରେ ଜଣେ ସହପାଠୀ ନର୍ମଦାକୁ ଗଭୀର ଭାବରେ ଭଲପାଏ । ସ୍ନେହ କରେ । କାଳକ୍ରମେ ପରସ୍ପର ମଧ୍ୟରେ ନିବିଡ଼ ସଂପର୍କ ଗଢ଼ିଉଠେ । ଆତ୍ମିକ ପ୍ରେମର ଆଦାନପ୍ରଦାନ ହୁଏ । ପରିବାରର ଅଗୋଚରରେ ଉଭୟଙ୍କର ଯେ କେବଳ ମନର ମିଳନ ଘଟିଛି ତାହା ନୁହେଁ, ବରଂ କେତେଥର ଦୈହିକ ସମ୍ପର୍କ ସ୍ଥାପିତ ହୋଇସାରିଛି ବୋଲି ଜାଣିବା ପରେ ଝିଅର ପିତା ପ୍ରଭୁଦତ୍ତର ପିତାମାତାଙ୍କୁ ସାକ୍ଷାତ କରି ନର୍ମଦାକୁ ବଧୂ କରି ନେବାପାଇଁ ଅନୁରୋଧ କରନ୍ତି । ଅଭାବୀ ପରିବାରରୁ ପ୍ରଚୁର ଯୌତୁକ ଲାଳସା ପରିପୂର୍ଣ୍ଣ ହେବନାହିଁ ଅନୁଭବୀ । ପୁଅ ଆମର ଅଧିକ ପାଠ ପଢ଼ିବ, ଏବେ ବିବାହ କରିବ ନାହିଁ ବୋଲି ପ୍ରଭୁଦତ୍ତର ପିତା ରୋକ୍‌ଠୋକ୍ ଜଣାଇଦେଇ ପ୍ରସ୍ତାବଟିକୁ ଏଡ଼ାଇ ଯାଆନ୍ତି । ଗାଆଁ ଲୋକେ ଫୁସ୍‌ଫାସ୍ ଚୁପ୍‌ଚାପ୍ ହୁଅନ୍ତି । ଗାଆଁ ମୁଣ୍ଡ ବଡ଼ ପୋଖରୀ ତୁଠରେ ସଞ୍ଜ ସକାଳେ ବସୁଥିବା ମାଆ ମାଉସୀଙ୍କ ହାଟରେ କଥାଟା ପ୍ରଘଟ ହେବାର ସମ୍ଭାବନା ଥାଏ । ଝିଅ-ଘିଅ । ଥରେ ବଦନାମ୍ ହେଲେ ହାତକୁ ଦି' ହାତ କରିବା କଷ୍ଟ । ସମୟ ଥାଉଁ ସାବଧାନ ହେବା ଉଚିତ । ଏହିପରି ଭାବି, ଶଙ୍କାକୁଳ ମନରେ ମାଆ ନର୍ମଦାକୁ ନେଇ ନିଜ ବଡ଼ ଭଉଣୀ ଘରେ ରଖି, ତରବରରେ ପଡ଼ୋଶୀ ଥାନା ଅ*ଳର ଏକ ଗାଆଁରେ ମାଟ୍ରିକ୍ ଫେଲ୍ ଅର୍ଦ୍ଧଶିକ୍ଷିତ ଯୁବକ ସାଥିରେ ଝିଅର ବିବାହ ସାରିଦିଅନ୍ତି । ରାତି ପାହିଲାବେଳକୁ ନର୍ମଦା ରୂପସୀ ତନୁପାତଳୀ ନବବଧୂ ସାଜି ଶ୍ୱଶୁରାଳୟକୁ ଗମନ କରେ । ମଥାରେ ସିନ୍ଦୂର ଟୋପା, ଆଖିରେ କଜ୍ଜଳଗାର, ହାତରେ ନାଲି ରଙ୍ଗର ଶଙ୍ଖା ଚୂଡ଼ି ଓ ପାଦରେ ରୁପା ପାଉଁଜି ହଲେ ତାକୁ ବେଶ୍ ମାନେ । ଶାଶୂଘର ଏକ ବହୁକୁଟୁମ୍ବୀ ଯୌଥ ପରିବାର ଅଟେ । ପାରିବାରିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ଅଶିକ୍ଷିତ ପରିବାର ଓ ଅର୍ଦ୍ଧଶିକ୍ଷିତ ସ୍ୱାମୀ ସହିତ ଉଚ୍ଚଶିକ୍ଷିତା ଝିଅଟି ଉପଯୋଜିତ ହୋଇପାରେ ନାହିଁ । ସେଠାରେ ତାର ଆଧୁନିକ ଆଚାର ବ୍ୟବହାର, ଚାଲିଚଳନ, ବୟୋଜ୍ୟେଷ୍ଠମାନଙ୍କର ନାପସନ୍ଦ ହୁଏ । ବଡ଼ ଜାଆ ଓ ଦେଢ଼ଶୁରଗଣ ଅସହିଷ୍ଣୁ ହୋଇଉଠନ୍ତି । ଅକାରଣରେ କଟାକ୍ଷ କରନ୍ତି । ପଦେ ପଦେ ଭୁଲ୍ ବାଛନ୍ତି । ଶାରୀରିକ ଦଣ୍ଡ ବି ଦିଅନ୍ତି । ବାରମ୍ବାର ନର୍ମଦା ନିର୍ଯାତନାର ଶିକାର ହୁଏ, ବାତାବରଣ ତା' ପାଇଁ ପ୍ରତିକୂଳ

ସାଜେ । ତା’ ସହନଶୀଳତାର ବନ୍ଧ ତୁଟେ । ସେ ପ୍ରତ୍ୟୁତ୍ତର କରେ । ପାରିବାରିକ କନ୍ଦଳ ସୃଷ୍ଟି ହୁଏ । ପୁଣି ଆଜିକାଲି ମୋବାଇଲ୍‌ର ଯୁଗ । ପୁରାତନ ପ୍ରେମିକଟି ପ୍ରେୟସୀକୁ ଭୁଲି ନ ପାରି ତାକୁ ବାରମ୍ବାର ଟେଲିଫୋନ୍ କରେ । ହଠାତ୍ ଦିନେ ଯାଇ ତା ଶ୍ୱଶୁର ଘରେ ପହଞ୍ଚେ । ହାବଭାବରୁ ପରିବାର ଲୋକେ ତାକୁ ସନ୍ଦେହ ଚକ୍ଷୁରେ ଦେଖନ୍ତି ।

ଦିନ ଗଡ଼ିଚାଲେ । ସୁଖେଦୁଃଖେ ନର୍ମଦାର ସମୟ ବିତେ । ଦେବଶିଶୁସମ କନ୍ୟାରତ୍ନଟିଏ ତା’ କୋଳମଣ୍ଡନ କରେ । ଦିନେ ସ୍ୱାମୀ ବିଜୟ ସହିତ ନର୍ମଦା ପିତ୍ରାଳୟକୁ ବୁଲିଆସେ । ଅତୀତ ପ୍ରେମିକ ସହିତ ଦୀର୍ଘ କଥୋପକଥନ, ହସଖୁସି, ଥଟ୍ଟାମଜାକୁ ବିଜୟ ସହିପାରନ୍ତି ନାହିଁ । ସେ ଚିଡ଼ିଉଠି ଶାଶୂ ଶ୍ୱଶୁରଙ୍କୁ ପୁଚ୍ଛା କରନ୍ତି ଓ ତାଙ୍କ ଝିଅକୁ ବାସ୍ତବତା ବୁଝାଇ ଦେବାକୁ କହନ୍ତି । ଦୁଇଦିନ ପରେ ପତିପତ୍ନୀ ନିଜ ଘରକୁ ବାହୁଡ଼ି ଯାଆନ୍ତି । କିନ୍ତୁ ସେତେବେଳକୁ ପାରିବାରିକ ସମସ୍ୟା ଏତେ ଉତ୍କଟ ହୋଇସାରିଥାଏ ଯେ ବିଜୟ ଅନନ୍ୟୋପାୟ ହୋଇ ମାଳୀ ରୂପେ ନିଯୁକ୍ତି ହୋଇଥିବା ବିହାର ପ୍ରଦେଶର ରାଞ୍ଚି ଅଞ୍ଚଳକୁ ସପତ୍ନୀକ ପ୍ରସ୍ଥାନ କରନ୍ତି । ବିଜୟର ବଡ଼ ଭାଇ ବି ସେଠାରେ କାମ କରୁଥାନ୍ତି । ସମୟ କାହାକୁ ଅପେକ୍ଷା କରେ ନାହିଁ । ଇତିମଧ୍ୟରେ ସେମାନଙ୍କ ବିବାହର ପା*ବର୍ଷ ପୂରିଗଲାଣି; କିନ୍ତୁ ଅତୀତ ପ୍ରେମିକ ପ୍ରଭୁଦତ୍ତର ସତେଯେପରି ଏଯାବତ୍ ପ୍ରେମତୃଷ୍ଣା ମେଣ୍ଟିନାହିଁ । ବାରମ୍ବାର ନର୍ମଦା ସହିତ ସେ ଟେଲିଫୋନ୍ ରେ କଥା ହୁଏ । ସେଥିପାଇଁ ରାଞ୍ଚିରେ ବି ପତିପତ୍ନୀଙ୍କ ମଧ୍ୟରେ ବେଳେବେଳେ ତୁ ତୁ, ମେଁ ମେଁ ହେବା ସ୍ୱାଭାବିକ ଅଟେ । ବିଜୟର ଶାଶୂ କହନ୍ତି, ଜ୍ୱାଇଁ ତାଙ୍କର ସୁନା ମୁଣ୍ଡା । କାରଣ ସେ ଜାଣିଛନ୍ତି ଝିଅର ଦୁର୍ବଳତା । ତେଣୁ ଏପରି କହି ଜ୍ୱାଇଁଙ୍କୁ ଖୁସି କରିବା ତାଙ୍କର ଉଦ୍ଦେଶ୍ୟ ଥାଏ । ସେଦିନ ୧୧ଟା ବେଳେ ନର୍ମଦା ମାଆଙ୍କ ସହିତ ହସ ଖୁସିରେ କଥା ହୁଏ; କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ସଞ୍ଜବେଳକୁ ବିଜୟ ଶାଶୂଙ୍କୁ ଫୋନ୍‌ରେ ଜଣାଇଦିଅନ୍ତି ଯେ ନର୍ମଦା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି ବୋଲି । ହଠାତ୍ ଏପରି ଲୋମହର୍ଷଣକାରୀ, ହୃଦୟବିଦାରକ ଦୁଃଖଦ ସମ୍ବାଦ ଶୁଣି, ଜନକଜନନୀ ହତବାକ୍ ତଥା ମ୍ରିୟମାଣ ହୋଇପଡ଼ନ୍ତି । ଚତୁର୍ଦ୍ଦିଗ ତାଙ୍କୁ ଅନ୍ଧାର ଦେଖାଯାଏ । ଅନ୍ତରର କୋହ ନୟନରୁ ବାରି ରୂପରେ ଝରିପଡ଼େ । ବିଳାପ ରଚନ୍ତି ସେମାନେ । ରାଞ୍ଚି ପୋଲିସକୁ ନ ଜଣାଇ ବହୁ ସତର୍କତାର ସହିତ ଏକ ଭଡ଼ା କାରରେ ନର୍ମଦାର ଶବକୁ ରାତାରାତି ନିଜ ଗାଆଁକୁ ନେଇଆସନ୍ତି ଦୁଇ ଭାଇ । ସକାଳୁ ନର୍ମଦାର ପିତା ଝିଅ ଘରେ ପହଞ୍ଚନ୍ତି । ଝିଅର ଶବକୁ ତାଙ୍କୁ ଦେଖିବାକୁ ଦିଆଯାଏ ନାହିଁ । ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଗାଆଁର ‘ଖାପ’ ପଞ୍ଚାୟତ ବସେ । ଝିଅର ବାପକୁ କିଛି ଟଙ୍କା ଦେଇ, ନର୍ମଦାର ପେଟ ବିନ୍ଧା ରୋଗ ଥିଲା, ସେ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା କରିଛି । ଶବ ସତ୍କାର କଲେ ତାଙ୍କର କିଛି ଆପତ୍ତି ନାହିଁ ବୋଲି ଜଣେ ଓକିଲଙ୍କ ଦ୍ୱାରା ଲେଖାଇ, କନ୍ୟାପିତାଙ୍କଠାରୁ ଦସ୍ତଖତ କରାଇ ନେଇ ଖାପ ପଞ୍ଚାୟତ ସମସ୍ୟାର ସମାଧାନ କରିଦିଅନ୍ତି । ତତ୍‌କ୍ଷଣାତ୍ ଶବସତ୍କାର ସାରି ଚିତା ପାଉଁଶକୁ ନଦୀଗର୍ଭରେ ନିକ୍ଷେପ କରାଯାଏ । ‘ଆହା’ ଏହାହିଁ ଏକ ବଧୂ ଜୀବନର କରୁଣ କାହାଣୀ ଅଟେ । ସଂସାରକୁ ଭଲଭାବରେ ଚିହ୍ନିବା, ଜାଣିବା ବା ବୁଝିବା ପୂର୍ବରୁ ସେ ସଂସାର ଛାଡ଼ି ଚାଲିଯିବା କେତେ ଦୁଃଖଦାୟକ ସତେ । ପଞ୍ଚାୟତ ବିଚାରରେ ଅସନ୍ତୋଷ ପ୍ରକାଶ କରି ତହିଁ ପରଦିନ ନର୍ମଦାର ମାଆ ଥାନାରେ ଏତଲା ଦିଅନ୍ତି । କିନ୍ତୁ ସମାଧାନ ପତ୍ରର ନକଲ ଦେଖାଇ ପୋଲିସ୍‌ବାବୁ କଥାଟାକୁ ଟାଳିଦିଅନ୍ତି । ନିରାଶରେ ମାଆ ବାହୁଡ଼ି ଆସନ୍ତି । ଆଜି ବି ରହସ୍ୟାବୃତ୍ତିହୋଇ ରହିଛି ନର୍ମଦା ମୃତ୍ୟୁର କାରଣ । ତେଣୁ ମନରେ ସ୍ୱତଃପ୍ରଶ୍ନ ଉଠେ, ସେ ଆତ୍ମହତ୍ୟା କରିଛି ନା ତାକୁ କେହି ହତ୍ୟା କରିଛି ? ଶବ ବ୍ୟବଚ୍ଛେଦ କରାଗଲା ନାହିଁ କାହିଁକି ? ନାରୀ ନିର୍ଯାତନା ଓ ବଧୂ ହତ୍ୟା ଏଡ଼ାଇବାକୁ ବ୍ୟବସ୍ଥାପକ ସଭାରେ ସରକାର ଯେତେ ଆଇନ ପ୍ରଣୟନ କଲେ ବି, ତୃଣମୂଳ ସ୍ତରର ନେତା ଓ ପ୍ରଶାସକ ତାହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରୁଛନ୍ତି କି ? ଆଜିକାଲି ଗାଆଁ ଗହଳିରେ ଘଟୁଥିବା ନର୍ମଦା ପରି ବଧୂମାନଙ୍କର ମୃତୁର କାରଣ ଯଥା ସମୟରେ ଲୋକଲୋଚନକୁ ଆସି ନ ପାରି ମଣିଷ ମନରେ ଏକ ଅସମାହିତ ପ୍ରଶ୍ନ ହୋଇ ରହିଯାଏ ।

*- ଜଗନ୍ନାଥପୁର ଶାସନ, ମଦନପୁର, କେନ୍ଦ୍ରାପଡ଼ା*

# ଗୁରୁ ଶିଷ୍ୟ ଲଢ଼େଇ ବନ୍ଦ ହେଲା କାହିଁକି ?

**- ପୁରୁଷୋତ୍ତମ ପୃଷ୍ଟି**

ଦ୍ୱାପର ଯୁଗର କଥା । ମହାରଥୀ ଭୀଷ୍ମ କାଶୀ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କର ତିନିଝିଅଙ୍କୁ ବନ୍ଦୀ କରି ନେଇଆସିଲେ ହସ୍ତିନା କଟକକୁ । ସେତେବେଳେ ହସ୍ତିନାର ଯୁବରାଜ ଥିଲେ ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟ । ସତ୍ୟବତୀଙ୍କ ଗର୍ଭରୁ ଦୁଇ ଯୁବରାଜ ଜନ୍ମିଥିଲେ । ସତ୍ୟବତୀ କୈବର୍ତ୍ତକନ୍ୟା ହୋଇଥିବାରୁ ଓ ଯୁବରାଜ ଦୁଇଜଣ ତାଙ୍କଠାରୁ ଜନ୍ମିଥିବାରୁ ସ୍ୱୟମ୍ବର ସଭାକୁ ନିମନ୍ତ୍ରଣ ହୋଇ ନ ଥିଲେ । ତେଣୁ କ୍ରୋଧରେ ଭୀଷ୍ମ କାଶୀରାଜଙ୍କୁ ପରାସ୍ତ କରି ବନ୍ଦୀ କରି ରଖିଥିଲେ ।

ଭୀଷ୍ମ ତାଙ୍କର ଦୁଇ ସାନଭାଇ ଚିତ୍ରବୀର୍ଯ୍ୟ ସହିତ ଅମ୍ବିକାଙ୍କୁ ଓ ବିଚିତ୍ରବୀର୍ଯ୍ୟ ସହ ଅମ୍ବାଳିକାଙ୍କୁ ବିବାହ କରାଇଦେଲେ । ଅମ୍ବାଙ୍କୁ ସେମିତି ନଜରବନ୍ଦୀରେ ରଖିଲେ । ଅମ୍ବାଙ୍କ ବହୁ କାକୁତିମିନତି ପରେ ସେ କାରାମୁକ୍ତ କରିଦେଲେ । ମାତ୍ର ଅମ୍ବା ଭୀଷ୍ମଙ୍କ ବୀରତ୍ୱରେ ମୁଗ୍ଧ ହୋଇ ତାଙ୍କୁ ବିବାହ କରିବା ପାଇଁ ଜିଦ୍ ଧରି ସେଠାରେ ବସି ରହିଲେ ।

ଭୀଷ୍ମ ଅମ୍ବାଙ୍କୁ ବିବାହ କରିପାରିବେ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଲେ । ଅମ୍ବା ନିରୁପାୟା ହୋଇ ସେଠାରୁ ପଳାଇ ଆସିଲେ । ତା'ପରେ ସେ ଭୀଷ୍ମଙ୍କ ମାତା ଗଙ୍ଗାଦେବୀଙ୍କ ପାଖରେ ପହଞ୍ଚି ନିଜର ମନଦୁଃଖ କଥା ଜଣାଇଲେ । ଗଙ୍ଗା ଅମ୍ବାଙ୍କୁ ପୂର୍ବରୁ ଘଟିଯାଇଥିବା ଘଟଣାସବୁ ଜଣାଇଦେଲେ । ସେଥିରେ ଅସନ୍ତୁଷ୍ଟ ହୋଇ ଅମ୍ବା ପର୍ଶୁରାମଙ୍କ ପାଖରେ ପହଂଚି ତାଙ୍କୁ ସମସ୍ତ କଥା କହିଲେ । ପର୍ଶୁରାମ ଅମ୍ବାଙ୍କୁ ସାହାଯ୍ୟ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଲେ । ଏହାପରେ ପର୍ଶୁରାମ ଭୀଷ୍ମଙ୍କୁ ତାଙ୍କ ପାଖକୁ ଡକାଇ ସେ ସତ୍ୟ କରିଥିବା କଥା ଜଣାଇଲେ । ଭୀଷ୍ମ ମଧ୍ୟ ସେ ସତ୍ୟ କରିଥିବା କଥା ଜଣାଇଦେଲେ । ଏହାର କିଛି ସମାଧାନ ହୋଇ ନ ପାରିବାରୁ ଗୁରୁ ପର୍ଶୁରାମ ଓ ଶିଷ୍ୟ ଭୀଷ୍ମଙ୍କ ମଧ୍ୟରେ ତୁମୁଳ ଯୁଦ୍ଧ ହେଲା । କେହି କାହାରିକୁ ହଟାଇପାରିଲେ ନାହିଁ । ପ୍ରଥମତଃ ଭୀଷ୍ମ ଇଚ୍ଛାମୃତ୍ୟୁର ଅଧୀନ ଓ ଦ୍ୱିତୀୟତଃ ପର୍ଶୁରାମ ଚିରଞ୍ଜୀବୀ । ସେମାନଙ୍କର ଏଭଳି ଯୁଦ୍ଧ ଦେଖି ଦେବତାମାନେ ପ୍ରମାଦ ଗଣିଲେ । ବେଦ ପତି ବ୍ରହ୍ମା ଦେବତାମାନଙ୍କ ଅନୁରୋଧରେ ଗଙ୍ଗାମାତାଙ୍କୁ ଯୁଦ୍ଧସ୍ଥଳୀକୁ (ମହେନ୍ଦ୍ର ପର୍ବତ) ଆସିବା ପାଇଁ ପ୍ରାର୍ଥନା କଲେ । ଏହାପରେ ଗଙ୍ଗାମାତା ସେଠାରେ ପହଂଚିଲେ ଓ ଦୁହିଁଙ୍କୁ ଯୁଦ୍ଧରୁ ନିବୃତ୍ତ ରହିବା ପାଇଁ ହାତଟେକି ଛିଡ଼ାହେଲେ । ଯୁଦ୍ଧ ବନ୍ଦ ହୋଇଗଲା । ଗଙ୍ଗାଦେବୀ କହିଲେ– ତୁମେ ଦୁହେଁ ଗୁରୁଶିଷ୍ୟ । ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲେ ସମାଜ ତୁମ ଦୁହିଁଙ୍କ ଠାରୁ କ'ଣ ଶିଖିବ ? ଶିଷ୍ୟମାନେ ଆଉ ଗୁରୁଙ୍କୁ ଯଥୋଚିତ ସମ୍ମାନ ଦେବେ ନାହିଁ । ଏହା ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିବ । ତେଣୁ ମୋର ଅନୁରୋଧ – ଆଉ ଏଭଳି କାର୍ଯ୍ୟ କରିବା ପାଇଁ ଭବିଷ୍ୟତରେ ଯେପରି କେହି ଅଗ୍ରସର ନ ହୁଅ । ଗଙ୍ଗାଙ୍କ କଥାରେ ଦୁହେଁ ସମ୍ମତି ଜଣାଇଲେ । ସେହିଦିନଠାରୁ ଗୁରୁଶିଷ୍ୟ ମଧ୍ୟରେ ଲଢ଼େଇ ବନ୍ଦ ହୋଇଗଲା । ଦୁଃଖରେ ଭାଙ୍ଗିପଡ଼ି ସେଠାରୁ ବିଦାୟ ନେଇ ଅମ୍ବା ଅନଳରେ ଝାସ ଦେଲେ ।

*- ମୁକୁନ୍ଦପୁର, ଭାକୁଡ଼, କୁଆଁପାଳ, ଯାଜପୁର*

# ଆଜିର୍ କଥା

- ଡଃ ପଦ୍ମଲୋଚନ ମହାକୁଡ

ସମୟ ଦୁଇଟା । ବର୍ଷର ବର୍ଷାଋତୁ, ବାର ଶନିବାର । ସୋରର ଏକ ରାସ୍ତା । ରାସ୍ତା ପାଖରେ ଛୋଟ ରାସ୍ତାଟିଏ । ସେଇଟା ସିନେମା ଗୃହ । ଆଗରେ ସମଝୁଟାର ଚିତ୍ର, ସୋର ସିନେମା ଘରରେ ଚାଲୁଛବି । ତରବରରେ ଛୁଟି ଆସୁଥାଏ ଝିଅଟିଏ । ପ୍ରାୟ ଅବିବାହିତା । ଷୋହଳ କି ସତର । ହାତରେ ଗୋଲାପ ଫୁଲ । ଗୋଡ଼ରେ ଚପଲ, ମୁଣ୍ଡରେ ନେନ୍ଥାଏ ମଲ୍ଲିଫୁଲ । ପିନ୍ଧିଛି ଖଣ୍ଡିଏ ନୀଳ ରଙ୍ଗର ବ୍ରାସୋ ଶାଢ଼ୀ । ବକ୍ଷୋଜ ପାଖରେ ନୀଳବର୍ଣ୍ଣର ଛଅ ଇଞ୍ଚିଆ ବ୍ଲାଉଜ୍ । ମୁହଁରେ ପଦ୍ମ ଫୁଲର ଗନ୍ଧ । ସତେକି ପରୀଟାଏ..... । ସତେକି...... ?

ତା'କୁ ଲକ୍ଷ୍ୟ କରିଛି ଏକ ଯୁବକ । ଜରାଜୀର୍ଣ୍ଣ ଶରୀର ମୁହଁରେ ବ୍ରଣର ଦାଗ । ଆଖିରେ ଅନେକଦିନର ଭାଷା । ମନରେ କୋହ । ହୃଦୟରେ ଯନ୍ତ୍ରଣା । ଶରୀରରେ ଗାନ୍ଧୀ ଲୁଗା– ଗଲାଦିନର ଚଲା ବସ୍ତ୍ର । ପାଟିରେ ସ୍ନେହ ମମତାର ସ୍ଫୁରଣ - ସ୍ୱର୍ଣ୍ଣ...... ସ୍ୱର୍ଣ୍ଣ....... ।

ଫେରି ଚାହିଁଛି ସେ । ପରେ ଯିବାକୁ ବସିଛି । କିନ୍ତୁ ଯୁବକର ହସ୍ତ ପ୍ରତିବନ୍ଧକ - ମୁଖ ଅନୁରାଗରେ କମ୍ପନ ।

– ''ସୁନା, ତୁ ମୋତେ ଚିହ୍ନିପାରୁନୁ ସୁନା ?''

– ''କିଏ ତୁ ?''

ମୁଖମଣ୍ଡଳରେ ଘୃଣାର ରୂପ ।

– ଏ କ'ଣ ?

ଆଙ୍ଗୁଳି ଦେଖାଇଲା ଯୁବତୀ, ନିଜ ବ୍ଲାଉଜ୍ ପାଖରେ ହାତ ମାରି କହିଲା–

– ''ଏ, ଏ ଯୁଗର କଟ୍ (ବିୟୁଟି)'' ।

– ''ଛି, ତା' ଉପରେ ଶାଢ଼ୀ କାନିଟା ପକା । ମୋ' ରାଣଟି ।''

– '' ଆରେ ଯା, ଏଇଟା ନିହାତି ଗଧଟାଏ ।''

ଆଗେଇ ଚାଲିଲା ନବ ରମଣୀ ।

– ସୁନା ! ସୁନା !!

ଦ୍ୱିରା ତରୁଣୀର ହାତ ଧରିଥିଲା ସଂସ୍କାରପ୍ରୟାସୀ କ୍ଷୀଣ ତରୁଣ ।

ଝିଅଟି ହାତ ଛିଂଡ଼ି ରାଗରେ କହି ଉଠିଲା –

– ଗଧ.......... ।

ତା'ପରେ.............

ଚଳଚ୍ଚିତ୍ର ଗୃହର ଚିକ୍କଣ ଅନ୍ଧକାର ମଧ୍ୟରେ, ନବରମଣୀର ଅବଶ ଅଙ୍ଗ କେଉଁ ଏକ ରୂପଚର୍ଯ୍ୟା ରୂପବାନ୍ ର ରସାଳ ହସ୍ତରେ । ଆଉ ସ୍ମରଣ ହଜା ଇତିହାସରେ ଛାତି ଉପରେ ଆଜିର କଥାକୁ ରୂପ ଦେଇ, ସଂସ୍କାର ପ୍ରୟାସୀ ମାନବ ହସି ଉଠୁଛି ପ୍ରଳାପର ହସରେ - ସାବଧାନର କରୁଣ ହାସ୍ୟରେ - ସୟତାନର ନିର୍ମମ ରୋଳରେ । କାହା ପାଇଁ ? କେଉଁଥିପାଇଁ ?? ଆଧୁନିକ ଯୁଗର ସଭ୍ୟତା ପାଇଁ - ନର୍କଧାମର କୀଟ ଲାଗି, ପୁରାତନ ଯୁଗର ମହାତ୍ମାଙ୍କ ବାଣୀ ପାଇଁ - ସ୍ୱର୍ଗ ଲୋକର ସନ୍ଧାନ ଲାଗି । ତେବେ କେଉଁଟା ଠିକ୍ ? ନୂତନ ନା ପୁରାତନ ! ଯା'ର ଉତ୍ତର ଦେବ କିଏ ? କିଏ ଆଣିବ ଯା'ର ମୀମାଂସା ? କିଏ ସେହି ବରପୁତ୍ର ?

– ମୁଁ, ମୁଁ ଯା'ର ଉତ୍ତର ଦେବି, ମୁଁ ଯା'ର ମୀମାଂସା କରିବି ?

– କିଏ ତୁମେ ?

– ମୁଁ - ହାଃ - ହାଃ - ହାଃ.....

ହାଃ....ହାଃ..... ହାଃ..... ଜଗତର ସ୍ରଷ୍ଟା...... ।

*- ପାଖର, ଅନନ୍ତପୁର (ସୋର), ବାଲେଶ୍ୱର*

# ଶେଷ ଅଙ୍କ

- ଧନେଶ୍ୱର ସାହୁ

ସେ ଉଚ୍ଚଶିକ୍ଷିତା ଝିଅଟି ବହୁତ ଉପଭୋଗ ପରେ, ଅର୍ଥ ଓ ଦ୍ରବ୍ୟ ସଂଗ୍ରହ କରିପାରିଥିଲା । ଶେଷ ଜୀବନରେ ସାମାଜିକ ସ୍ୱୀକୃତି ପ୍ରାପ୍ତ ଆଶ୍ରୟଟିଏ ବାଞ୍ଛାକରି ଶିକ୍ଷିତ ରୋଜଗାରକ୍ଷମ ଯୁବକର ଅନୁସନ୍ଧାନରେ ଲାଗିପଡ଼ିଲା । ଫଳ ବ୍ରତୀ ହେଲା ମଧ୍ୟ । ସେ ଯୁବକ ଥିଲା ବୁଦ୍ଧିମାନ୍; କିନ୍ତୁ ସରଳ ।

ଯେଉଁ ଦଶ-ବାର ଜଣ ଧନୀ ଯୁବକଙ୍କୁ ଭେଣ୍ଡାରୁ ମେଣ୍ଢା ବନେଇ ନଚଉଥିଲା, ସେମାନେ ଯେତେବେଳେ ଜାଣିପାରିଲେ ହାତରୁ ଚଢ଼ିଆ ଖସିଗଲା, ସତ୍ୟତା ଜାଣିବାକୁ ମୋବାଇଲ୍ କୁ ଫୁରସତ୍ ଦେଲେନାହିଁ । କାରଣ ସେ ଯନ୍ତ୍ରଟି ଏ ଯୁଗର ସମ୍ପର୍କର ସୂତ୍ରଧର ।

ଏପଟରୁ ମଧୁର କଣ୍ଠରେ ସାନ୍ତ୍ୱନାର ବାଣୀ ଲହଡ଼ି ତୋଳିଲା – ''ବନ୍ଧୁ ମୋର, ପ୍ରିୟ ମୋର । ବ୍ୟସ୍ତ ହୁଅ ନାହିଁ – ''ଫେରିଲେ ତୁମର ।'' ଏକ ନାରୀ ପାଇଁ ସ୍ଥାୟୀ ଆଶ୍ରୟଟେ ଲୋଡ଼ା । ତୁମେ ମୋତେ ଖାଲି ଭଣ୍ଡେଇଲ; ତଥାପି ମୁଁ ଜାଣିଛି ପ୍ରଥମ ପ୍ରେମ ଭୁଲି ହୁଏନା ।

ସ୍ୱାମୀକୁ ଦେହଦାନ ବେଳେ ତୁମମାନଙ୍କ ଛବି ମୋ ମନରେ ନିଶ୍ଚୟ ଉଙ୍କି ମାରିବ । ତୁମ ସଂପର୍କର ଭୂତ କେବେ ମୋତେ ଛାଡ଼ିବ ନାହିଁ । ବରଂ ସେ ସମୟରେ ତୁଳନା କରୁଥିବି । କା' ପ୍ରୀତି କେତେ ଗଭୀର, କେତେ ମଜାଳିଆ ।

ଧନୀ ଯୁବକମାନଙ୍କର ଧନ ସବୁ ବରବାଦ୍ ହୋଇଗଲା ଭାବି, ସବୁ କଥା ଭାବିସ୍ୱାମୀକୁ ଜଣାଇଦେବାପାଇଁ ତା' ଠିକଣା ଖୋଜିବାକୁ ଲାଗିଲେ । ଚତୁରୀର ଚାତୁରୀକୁ ପଣ୍ଡ କରି ଦେବାକୁ ଯୋଜନା କଲେ ।

ଦୁର୍ବଳ ମୁହୂର୍ତ୍ତର ଛବି ସହ ଧମକ ମଧ୍ୟ ଥିଲା ସେ ନାମୀ-ବେନାମୀ ଚିଠିରେ । ଭାବୀ ସ୍ୱାମୀ ବୁଝିଲେ– ଏହା ଏକ ଷଡ଼ଯନ୍ତ୍ର । ସେ ଝିଅକୁ ବଦ୍‌ନାମ କରିବାକୁ ଏ ଯୁଗର ଏହା ଏକ ସହଜ ସୂତ୍ର । ସେ ଯୁବକ ଭାବୀ ପତ୍ନୀକୁ ସବୁ ଜଣାଇବା ସହିତ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଜଣାଇଲେ ।

ଚତୁରୀ ଜାଣିଛି - ଜୀବନ ନାଟକର ଏହା ଏକ ଅଂଶ ମାତ୍ର । ସେ ସେଥିରେ ଦକ୍ଷ ଅଭିନେତ୍ରୀ । ଯାଦୁଭରା ମିଠା କଥା ଓ ଆଖି ଲୁହରେ ଭାବିପତିର ହୃଦୟକୁ ଜିଣିବାକୁ ତାକୁ ଅଳ୍ପ ସମୟ ଲାଗିଲା ।

ଯୋଜନା ମୁତାବକ ଉଭୟ ପରିବାର ପୋଲିସର ଆଶ୍ରୟ ନେଇ ଚତୁରେ ଚତୁର କୋଳାକୋଳି ନୀତିରେ ଉଦ୍‌ଭ୍ରାନ୍ତ ଯୁବକମାନଙ୍କୁ ବଧାଇ ଜଣାଇ ନିମନ୍ତ୍ରଣ ପତ୍ର ଦ୍ୱାରା ବିଭାଘର କ୍ଷେତ୍ରଠାରେ ଉପସ୍ଥିତ ହେବାପାଇଁ ଭାବି ପତି ଅନୁରୋଧ କଲେ ।

ଖୁସିର ସୀମା ରହିଲା ନାହିଁ ପ୍ରେମିକପ୍ରବରଙ୍କର । ବିଭାଘର ବେଦୀ ନିକଟରେ ରୁଣ୍ଡ ହୋଇ ବରକୁ ଦେଖା କଲେ । ପୋଲିସ୍ ବାବୁମାନେ ସାଧା ପୋଷାକରେ ତାଙ୍କୁ ଘେରି ଯିବାର ଜାଣିପାରି ଚୁପ ଚାପ ଖଣ୍ଡେ ଖଣ୍ଡେ ଚେୟାର ଟାଣି ଆଣି 'ଜଡ଼ାଭୂତ ମୁରାରୀ' ପରି ବସିବା ଛଡ଼ା ଅନ୍ୟ କିଛି ବାଟ ପାଇଲେ ନାହିଁ ।

ଏହି ସମୟରେ ବରପାତ୍ର ତାଙ୍କ ସ୍ଥାନରୁ ଉଠିଆସି ତାଙ୍କ ସହ କରମର୍ଦ୍ଦନ ପୂର୍ବକ ସ୍ୱାଗତ ଜଣାଇ ସ୍ମିତହାସ୍ୟ ବଦନରେ ନିଜ ସ୍ଥାନକୁ ଫେରିଆସିଲେ ।

ଏହି ସମୟରେ ବ୍ରାହ୍ମଣ ହୋମକୁଣ୍ଡରେ ଘୃତ ଆହୂତି ଦେଇ ମନ୍ତ୍ର ଉଚ୍ଚାରଣ କରିବାକୁ ଲାଗିଲେ । ଯଥା ଇନ୍ଦ୍ରସ୍ୟ.... ଇନ୍ଦ୍ରାଣୀ । ଯଥା ରାମସ୍ୟ ସୀତା । ସେହି ସମୟରେ ବରପାତ୍ର ପୁରୋହିତଙ୍କୁ ଟିକିଏ ଅଟକାଇ ପାଇଥିବା ଫଟୋ ଓ ପ୍ରେମପତ୍ରକୁ ଗୋଟି ଗୋଟି ପଢ଼ି ହୋମକୁଣ୍ଡରେ 'ସ୍ୱାହା' କରି ଚାଲିଲେ ।

ଏହାଦେଖି ଉପସ୍ଥିତ ପ୍ରେମିକମାନେ ଲାଜରେ ମଥା ତଳକୁ କରି ବସି ରହିଲେ । ନିଜକୁ ଅତି ଛୋଟ ମଣିବାକୁ ଲାଗିଲେ । ନିମନ୍ତ୍ରିତ ଭଦ୍ର ଲୋକ ଯୁବକ ବରପାତ୍ରର ସାହସ ଓ ଧୈର୍ଯ୍ୟକୁ ତାରିଫ୍ କରି ଧନ୍ୟ ଧନ୍ୟ କହିଲେ ।

ବରପାତ୍ର ଉଠିପଡ଼ି ଧୀର କଣ୍ଠରେ କହିଲେ– ''ମୋତେ ପ୍ରଶଂସା କରିବାର କିଛି ନାହିଁ । ଆଗକୁ ଯେଉଁ ସମୟ ଆସୁଛି, ସେଥିରୁ ନିଜ ପୁଅ-ଝିଅ ଓ ଭାଇ-ଭଉଣୀଙ୍କୁ ଉଦ୍ଧାରିବା ପାଇଁ ନିଜେ ପ୍ରସ୍ତୁତ ହୁଅ । ଅଇଁଠା ହଉଛି କିଏ, ଅଇଁଠା କରୁଛି କିଏ ଓ ଅଇଁଠା ଖାଉଛି କିଏ । ଆମେ ସମସ୍ତେ ସେଇ ରୋଗରେ ରୋଗୀ । ସେଥିପାଇଁ ଯଦି ଆମେ ସଚେତନ ନ ହେବା ଆମ ପାଠ, ଆମ ଶିକ୍ଷା, ଆମ ସଂସ୍କୃତି ଓ ଆମ ପରମ୍ପରାସବୁ ମାଟିରେ ମିଶିଯିବ । ମୁଁ ସେଥିରୁ ଗୋଟିଏ ଉଦ୍ଧାର କରିଛି । ଆପଣମାନେ ମଧ୍ୟ ଏହିମାନଙ୍କୁ ରକ୍ଷା କରିବାକୁ ଆଗକୁ ବାହାରି ଆସନ୍ତୁ ।

ଆସନ୍ତୁ ସାଥିରେ ପଂକ୍ତି ଭୋଜନରେ ବସି ଆନନ୍ଦ ଉପଭୋଗ କରିବା ସହିତ ସମାଜ କଲ୍ୟାଣ ପାଇଁ କିଛି ଶପଥ ନେବା ।

ମୋର ଆଶା, ଆଶ୍ରୟଦାତାକୁ ଭରସା କରି ପଛକୁ ଭୁଲିଗଲେ ଜୀବନ ପଥରେ କିଛି କେଳଙ୍କାରୀ ଘଟିବ ନାହିଁ । ଦେଖିବାର ବାକି ରହିଲା । ମୋ ଛାତିରେ ଶୋଇରହି ତୁମକୁ ଝୁରୁଛି କି, ମୋତେ ଗଭୀର ଆଲିଙ୍ଗନରେ ଜାବୁଡ଼ି ଧରି ସତସତିଆ ଚୁମା ଦେଉଛି ।

ବିଦାୟ ବେଳା ଉପଗତ । ଶୋକାକୁଳ ପରିବେଶ ସୃଷ୍ଟି କରି ବର-ବୋହୂଙ୍କୁ କୋଳରେ ଧରି ଯନ୍ତ୍ରଚାଳିତ ଯାନ ଆଗକୁ ମାଡ଼ିଚାଲିଲା । ଭକୁଆ ହୋଇ ଠିଆ ହୋଇଥିବା ପ୍ରେମିକ ପୁଙ୍ଗବମାନେ ଗାଡ଼ିର ପଛକୁ ଚାହିଁ ପଢ଼ିବାକୁ ଲାଗିଲେ– 'ସଞ୍ଜୟ ଓ ସଂଯୁକ୍ତାଙ୍କର ଶୁଭପରିଣୟ ।'

*- ନୂଆଶାସନ, ଜିତାନଗା, ଭଦ୍ରକ*

# ସୁଲୋଚନା

**- ପ୍ରତାପ ଚନ୍ଦ୍ର ରାଉତ**

୧୯୮୦ ମସିହା କଥା । ସେତେବେଳେ ପ୍ରାୟ ପ୍ରତି ଘରେ ଘରର ମୁରବିତୁଲ୍ୟ ବ୍ୟକ୍ତିଙ୍କୁ ଯଥାମାନ୍ୟ ସମ୍ମାନ କରୁଥିଲେ ଲଘୁଜନମାନେ । ତାଙ୍କରି ଆଦର୍ଶ, ନୀତି ନିୟମରେ ଘର ପରିଚାଳିତ ହେଉଥିଲା । ସେ ଉଠ୍ କହିଲେ ଉଠୁଥିଲେ, ବସ୍ କହିଲେ ବସୁଥିଲେ । ସେଥିରେ ବ୍ୟତିକ୍ରମ ହେଲେ ତ କଥା ସରିଲା । ଏମିତି ଏକ କଥାକୁ ନେଇ କିପରି ସୁଲୋଚନା ଜୀବନରେ କଳାବାଦଲ ଛାଇ ମାଡ଼ିଯାଇ ତାଙ୍କୁ ତଳିତଳାନ୍ତ କରି ପକାଇଛି ସେ କଥା ସବୁ ବର୍ଣ୍ଣନା କରାଯାଇଛି । ମଦମପୁର ଗାଁ'ର ସୁର ସାର୍‌ଙ୍କ ଝିଅ ସୁଲୋଚନା ଦେଖିବାକୁ ସୁନ୍ଦର, କଥା କହିବାର ଶୈଳୀ ବେଶ୍ ମଧୁର । ସାର୍‌ଙ୍କ ଇଚ୍ଛା ଝିଅକୁ ପାଠପଢ଼ାଇବେ ହେଲେ ସାରଙ୍କ ବୋଉ ରମାଦେବୀଙ୍କ ଏକ ଜିଦ୍ ଯେ ଝିଅ ସ୍କୁଲ ଯିବନାହିଁ, କି ପାଠ ପଢ଼ିବ ନାହିଁ । ଝିଅ ଯଦି ପାଠ ପଢ଼ିବ ତା'ହେଲେ ମୁଁ ଘରେ ରହିବି ନାହିଁ । ଝିଅ ପିଲା ପାଠ ପଢ଼ିଲେ ବି ଚୁଲି ଫୁଙ୍କିବ । ପାଠପଢ଼ି ଝିଅମାନେ ଉପରମୁହାଁ ହୋଇଯିବେ । ନାରୀର ଭୂଷଣ ଲଜ୍ଜା, ତାକୁ ସେମାନେ ଭୁଲିଯିବେ । ଏପରି ଅନେକ କଥା ବୁଢ଼ୀ ପାଟିରୁ ବାହାରିଆସିଲା । ଶେଷରେ ସୁଲୋଚନାର ପାଠ ପଢ଼ାରେ ଡୋରି ବନ୍ଧା ହୋଇଗଲା । ସେ ଆଉ ପାଠ ପଢ଼ିପାରିଲା ନାହିଁ । ଘରର ସବୁ ପ୍ରକାର କାମଧନ୍ଦା, ସଣ୍ଢଣା ଶିକ୍ଷାଦେଲା ବୁଢ଼ୀ ମା' । ସୁଲୋଚନା ଯୌବନ ବୟସରେ ଉପନୀତ ହେଲା । ସେହି ସମୟରେ ପାଖ ଗାଁ'ର ଜଣେ ଉଚ୍ଚଶିକ୍ଷିତ ଯୁବକ ସୁଲୋଚନାକୁ ଭଲପାଇ ବସିଲା । ସୁଲୋଚନା ମଧ୍ୟ ଯୁବକକୁ ମନପ୍ରାଣ ଦେଇ ଭଲପାଇଲା । କାରଣ ଯୁବକ ବହୁତ ସୁନ୍ଦର ଏବଂ ବିଦେଶରେ ଇଞ୍ଜିନିୟର ଭାବରେ କାମ କରୁଥିଲା । ସୁଲୋଚନା ପାଠ ପଢ଼ିନାହିଁ ବୋଲି ଏକଥା ଯୁବକ ଜଣକୁ ଜଣାନାହିଁ । ସୁଲୋଚନା ମଧ୍ୟ ଯୁବକକୁ ଜଣାଇବାକୁ ଚାହୁଁନାହିଁ କାରଣ କାଳେ ଯୁବକ ଜଣକ ତାକୁ ଆଉ ପୂର୍ବପରି ଭଲପାଇବନି । ଏହିପରି ଭଲପାଇବା ମଧ୍ୟରେ ହଠାତ୍ ଯୁବକ ଜଣକ ଘରକୁ ଆସି ସୁଲୋଚନାକୁ କହିଗଲେ ଯେ ମୋର ଦୂର କମ୍ପାନୀରେ ଚାକିରି ହୋଇଯାଇଛି ମୁଁ ଆଉ ଚାରିଦିନ ପରେ ଚାଲିଯିବି, ମୋ ପାଖକୁ ଚିଠି ଦେବ । ଯେତେବଡ଼ କଷ୍ଟକର ପରିସ୍ଥିତି ଆସୁ ପଛେ ମୋତେ ତୁମେ ଭୁଲିବ ନାହିଁ । ମୁଁ ଆସିଲେ ତୁମର ମୋର ବାହାଘର ହେବ । ଆଉ ଯଦି କେଉଁଆଡ଼େ ତୁମର ବାହାଘର ହୁଏ, ମୋ ମଲାମୁହଁ ଦେଖିବ । କିଛିଦିନ ଗଲା । ଯୁବକ ରାଜୁର ଦେହ ସେଠାରେ ଖରାପ ହେଲା । ତାକୁ ଅନ୍ୟ ଏକ ଟ୍ରେନିଂରେ ଏକ ବର୍ଷ ପାଇଁ ଅନ୍ୟତ୍ର ପଠାଗଲା । ଏହାକୁ ସେ ଚିଠିରେ ଲେଖି ସୁଲୋଚନା ପାଖକୁ ପଠାଇଲା । ଆଉ ବ୍ୟସ୍ତ ହେବନାହିଁ, ମୁଁ ଗଲେ ନିଶ୍ଚୟ ଆମର ବାହାଘର ହେବ । ସୁଲୋଚନା ଚିଠି ପାଇଲା; କିନ୍ତୁ ପାଠ ପଢ଼ିନି ପ୍ରେମ ଚିଠି କାହାକୁ ଦେଖାଇବ, କିଏ ତା' ଚିଠି ପଢ଼ାଇ ତାକୁ ଶୁଣାଇବ । ସୁଲୋଚନା ରାଜୁକୁ ଅପେକ୍ଷା କରି କରି ମନ ମଧ୍ୟରେ ସନ୍ଦେହ ଜାତ ହେଲା । ଭାବିନେଲା ରାଜୁ ଅନ୍ୟତ୍ର ବାହା ହୋଇଯାଇଛି ତେଣୁ ବାପାବୋଉଙ୍କ ଅନୁରୋଧରେ ଅନ୍ୟତ୍ର ବାହା ହୋଇଗଲା । ମନ ମଧ୍ୟରେ ଅନେକ ସ୍ୱପ୍ନ ତା' ମୂର୍ଖତା ପାଇଁ ମଉଳିଗଲା । କିଛିଦିନ ପରେ ରାଜୁ ଜାଣିବାକୁ ପାଇଲା ଯେ ସୁଲୋଚନା ଅନ୍ୟତ୍ର ବାହା ହୋଇଯାଇଛି । ସେ ତା'ପରେ ଆତ୍ମହତ୍ୟା କରି ମରିଗଲା । ସୁଲୋଚନା ଯାହାକୁ ବାହା ହେଲା ସେ ମଧ୍ୟ ଘରଠାରୁ ବହୁଦୂରରେ ଚାକିରି କରି ସେଠାରେ ରହୁଥିଲା । କିଛିଦିନ ପାଇଁ ସେ ଘରକୁ ଆସୁଥିଲା । ପୁଣି ସହରକୁ ଯାଇ ରହୁଥିଲା । ଦିନେ ଦେଇଥିବା ଚିଠିକୁ ସୁଲୋଚନା କାହାରିକୁ ନ ପଢ଼ାଇ ଚୁପ୍‌ଚାପ୍ ରଖିଦେଲା । ଚିଠି ନ ପଢ଼ିବାର କାରଣ ପାଠ ପଢ଼ିନି, ପ୍ରେମ ଚିଠି ଅନ୍ୟକୁ ପଢ଼ାଇବା ଠିକ୍ ନୁହେଁ । ସେ କିନ୍ତୁ ପ୍ରେମ ଚିଠି ନ ଥିଲା । ସେଠାରେ ରମେଶବାବୁଙ୍କୁ ମ୍ୟାଲେରିଆ ଜ୍ୱର ହୋଇଛି ଏବଂ ଘରକୁ ଏକୁଟିଆ ଯିବା ସମ୍ଭବ ନୁହେଁ, ତୁମ ଦିଅରକୁ କହିବ ମୋତେ ଏଠାରୁ ଆସି ନେଇଯିବେ । ରମେଶ ପାଖକୁ କେହି ଗଲେ ନାହିଁ । ସେଠାରେ ତାଙ୍କର ଦେହପା, ମେଡିକାଲ ଖବର କେହି ବୁଝିଲେ ନାହିଁ । ପନ୍ଦର ଦିନ ପରେ ଘରକୁ ରମେଶର ମଲା ଶବ ଆସିଲା । ସୁଲୋଚନା ବିଶ୍ୱାସ କରୁ ନ ଥାଏ । ଏ କ'ଣ ହୋଇଗଲା । ସୁଲୋଚନାର ଝିଅ ପ୍ରାୟ ବାରବର୍ଷର ହୋଇଯାଇଥାଏ । ସେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥାଏ । ବାପଛେଉଣ୍ଡ ଝିଅକୁ ଦେଖି ସୁଲୋଚନା ରୋଗିଣା ହୋଇ କାନ୍ଦୁଥାଏ । ମନେ ମନେ ଭାବୁଥାଏ କେମିତି ଝିଅକୁ ନେଇ ବଞ୍ଚିବ, କିପରି ତାକୁ ମଣିଷ କରିବ । କିଛିଦିନ ଗଲାପରେ ଦିନେ ହଠାତ୍ ଝିଅ ପୁନମ୍ ପାଠ ପଢ଼ିବନି ବୋଲି ଅରାଜି ହେଲା । ସୁଲୋଚନା ସାଇତି ରଖିଥିବା ରାଜୁ ଓ ରମେଶଙ୍କର ଦୁଇଖଣ୍ଡ ଚିଠି ପୁନମ୍‌କୁ ଆଣିଦେଲା ଏବଂ ପଢ଼ିବାକୁ କହିଲା । ପୁନମ୍ ପଢ଼ିସାରିବା ପରେ ସୁଲୋଚନା ପୁନମ୍‌କୁ ଧରି କାନ୍ଦିବାକୁ ଲାଗିଲା ଏବଂ ରାଜୁ ରମେଶର ମୃତ୍ୟୁ ପାଇଁ ନିଜକୁ ଏବଂ ନିଜେ ପାଠ ପଢ଼ି ନ ଥିବାକୁ ଦାୟୀ କଲା । ଯଦି ମୁଁ ପାଠ ପଢ଼ିଥାନ୍ତି ତା'ହେଲେ ତୋତେ ଆଜି ବାପଛେଉଣ୍ଡ ହେବାକୁ ପଡ଼ି ନ ଥାଆନ୍ତା । ମୋତେ ବିଧବା ହେବାକୁ ପଡ଼ି ନ ଥାଆନ୍ତା । ମୁଁ ମଧ୍ୟ ଯେଉଁ ଦରିଦ୍ରର ଶିକାର ହୋଇଛି କେବଳ ମୋ ମୂର୍ଖତା ପାଇଁ । ମୁଁ ଯଦି ପାଠ ପଢ଼ିଥାଆନ୍ତି ଆଜି ମୋ ସଂସାର ହସୁଥାଆନ୍ତା । ଅଭାବ କ'ଣ ଆମକୁ ସ୍ପର୍ଶ କରିପାରି ନ ଥାନ୍ତା । ତେଣୁ ଝିଅ ମନ ଲଗାଇ ପାଠପଢ଼ି, ତୋ' ବାପାର ସ୍ୱପ୍ନକୁ ସାକାର କର । ସେଇଥିରେ ମୁଁ ମୋର ସବୁ ଦୁଃଖ ଭୁଲିଯିବି । ତେଣୁ ସମସ୍ତ ଛାତ୍ରଛାତ୍ରୀ ପିଲାମାନଙ୍କୁ ମୋର ଗୋଟିଏ ଅନୁରୋଧ, ଯେତେ ବାଧା ପ୍ରତିବନ୍ଧକ ଆସୁ ପଛେ ପାଠପଢ଼ାକୁ ବିସର୍ଜନ ଦିଅ ନାହିଁ । ପାଠ ପଢ଼ି ଚାକିରି ନ ମିଳିଲେ ମଧ୍ୟ ପାଠ ଆମ ଜୀବନରେ ଅନେକ ଅନେକ ସାହାଯ୍ୟରେ ଆସିବ ।

*- ସାହାନିୟାଜପୁର, ନିଶ୍ଚିନ୍ତକୋଇଲି, କେନ୍ଦ୍ରାପଡ଼ା*

# ଅଭିସାରିକା

- ସୁଦେଷ୍ଣା ମିଶ୍ର

ଅନୀତା ଗୋଟିଏ ଚୁଲବୁଲି ଝିଅ । ପାଠ ପଢ଼ା ସାଙ୍ଗକୁ ସେ ନାଚରେ ରୁଚି ରଖିଥିଲା । ସେ ଭଲ ନାଚିପାରୁଥିଲା । କିନ୍ତୁ ନୃତ୍ୟର କୁଶଳତା ତାକୁ ଜଣା ନ ଥିଲା । ସେଥିପାଇଁ ଅନୀତା ବିଧିବଦ୍ଧ ଭାବେ ନୃତ୍ୟ ଶିଖିବାକୁ ଇଚ୍ଛା ପ୍ରକାଶ କରିଥିଲା । କଳାକେନ୍ଦ୍ରକୁ ଯାଇ ପ୍ରଥମେ ବୁଝିଥିଲା କ'ଣ କ'ଣ ଜିନିଷ ଦରକାର ପଡ଼ିବ ନୃତ୍ୟ ତାଲିମ ନେବାପାଇଁ । ନୃତ୍ୟଶିକ୍ଷା ଶିକ୍ଷକ ମିଷ୍ଟର ସିଂ ତାକୁ ସମସ୍ତ ବିବରଣୀ ଦେଇଥିଲେ । ଅନୀତା ମନକୁ ପାଇଲା ମିଷ୍ଟର ସିଂ ଦେଇଥିବା ବିବରଣୀ । ଭାବିଲା ଯାହାହଉ ପଛକେ ନୃତ୍ୟ ଶିଖିବି । ପ୍ରତିଦିନ ସକାଳୁ ନିଜର ନିତ୍ୟକର୍ମ ସାରି ଅନୀତା ବାହାରିପଡ଼େ କଳାକେନ୍ଦ୍ରକୁ । ସିଏ ତାର ସମସ୍ତ ଧ୍ୟାନ ଲଗେଇ ନୃତ୍ୟ ଶିଖିଚାଲେ । ଅନୀତାର ଶିକ୍ଷକ ମିଷ୍ଟର ସିଂ ନୃତ୍ୟ ଶିକ୍ଷା କରିବାରେ ତାକୁ ସହଯୋଗ ମଧ୍ୟ କରୁଥିଲେ । ତାର ଅଣ୍ଟା, ଆଖି, ପାଦ, ହାତ ଇତ୍ୟାଦି କିଭଳି ସୁନ୍ଦର ଭାବରେ ହଲେଇ ନାଚିପାରିବ । ସେ ଦିଗ ପ୍ରତି ଧ୍ୟାନ ମଧ୍ୟ ରଖନ୍ତି ମିଷ୍ଟର ସିଂ । ଅନୀତାକୁ ମିଷ୍ଟର ସିଂ ନାଚ ଶିଖାଇଲାବେଳେ ଯୋଉ ସ୍ପର୍ଶ କରନ୍ତି । ଅନୀତାକୁ ଏଇ ଛୁଆଁ ତା' ଦେହ ମନରେ ଏକ ଅଜଣା ଶିହରଣ ସୃଷ୍ଟି କରୁଥିଲା । ଧୀରେ ଧୀରେ ଅନୀତା ତା' ଅଜାଣତରେ ମିଷ୍ଟର ସିଂଙ୍କ ପ୍ରତି ଆକୃଷ୍ଟ ହେବାକୁ ଲାଗିଲା । ମନେ ମନେ ଭଲପାଉଥିଲା ମିଷ୍ଟର ସିଂଙ୍କୁ । ମିଷ୍ଟର ସିଂଙ୍କ ସାନ୍ନିଧ୍ୟ ଚାହୁଁଥିଲା ଅନୀତା । ଆଗରୁ ନାଚ ଶିଖିବା ଥିଲା ଇଚ୍ଛା । କିନ୍ତୁ ଏବେ ନାଚ ଶିଖିବାରେ ତାର ଆଉ ମନ ଲାଗୁନି । ସବୁବେଳେ ନାଚର ତାଳ ଭୁଲ୍ କରୁଥାଏ ଜାଣି ଜାଣି ମିଷ୍ଟର ସିଂଙ୍କ ସ୍ପର୍ଶ ପାଇବା ପାଇଁ । ପ୍ରତିଦିନ ଅଭିସାରିକା ସାଜୁଥିଲା ମିଷ୍ଟର ସିଂଙ୍କ ପାଇଁ । ଜହ୍ନରାତିର ଶୀତଳ ଜ୍ୟୋତ୍ସ୍ନା ତଳେ ବସି କେତେ କ'ଣ ସ୍ୱପ୍ନ ସଜାଉଥିଲା ମିଷ୍ଟର ସିଂଙ୍କୁ ନେଇ । ଅନୀତା ଯୁଆଡ଼େ ଚାହୁଁଥିଲା ତାକୁ କେବଳ ମିଷ୍ଟର ସିଂ ଦିଶୁଥିଲେ । କିନ୍ତୁ ମନରେ ତା'ର ସାହସ ନ ଥିଲା ମିଷ୍ଟର ସିଂଙ୍କ ଆଗରେ ନିଜ ମନ କଥା ପ୍ରକାଶ କରିବା ପାଇଁ । ମନେ ମନେ ସିଏ ମିଷ୍ଟର ସିଂଙ୍କୁ ସ୍ୱାମୀ ରୂପେ ମାନି ନେଇଥିଲା । ମିଷ୍ଟର ସିଂ ଦେଖିବାକୁ ଥିଲେ ଖୁବ୍ ସୁନ୍ଦର । ହୃଷ୍ଟପୁଷ୍ଟ, ବଳିଷ୍ଠ ଚେହେରା । ଶ୍ୟାମଳ ରଙ୍ଗ ସାଙ୍ଗକୁ ଲମ୍ବା ଶରୀର । ଯେ କେହି ବି ଯୁବତୀ ତାଙ୍କ ପ୍ରେମରେ ପଡ଼ିଯିବାଟା ସହଜ କଥା । ମିଷ୍ଟର ସିଂ ଘରଠାରୁ ଦୂରରେ ରହୁଥିବାରୁ ଅନୀତା ତାଙ୍କ ପାଇଁ ନିଜ ହାତରେ ରାନ୍ଧି ଖାଇବା ନେଇଆସେ । ସବୁଥର ଭଳି ମିଷ୍ଟର ସିଂ ଅଳ୍ପ ହସି ଅନୀତାକୁ କହନ୍ତି, କାହିଁକି ଏତେ ହଇରାଣ ହୋଇ ମୋ ପାଇଁ ଖାଇବା ଆଣିଲ । ମୁଁ ଏଇଠି କୋଉଠି କ'ଣ ଟିକେ ଖାଇଦେଇ ନ ଥାନ୍ତି । ଅନୀତା ହସିଦେଇ କହେ, ନାଇଁ ସାର୍, ଏଥିରେ ହଇରାଣ ହବାରେ କ'ଣ ଅଛି ? ମୁଁ ଭାବିଲି ଆପଣ ବାହାରେ ଖାଇଲେ ଆପଣଙ୍କର ଦେହ ଖରାପ ହେବ, ସେଇଥିପାଇଁ ନିଜ ହାତରେ ରାନ୍ଧି ଘର ଖାଇବା ଆପଣଙ୍କ ପାଇଁ ନେଇଆସିଲି । ଅଳ୍ପ ରାଗରେ ମୁହଁ ଫୁଲାଇ ପୁଣିଥରେ କହିଲା ଆପଣଙ୍କର ଯଦି ପସନ୍ଦ ନାହିଁ, ମୋ ହାତ ରନ୍ଧା ଖାଇବା, ତା'ହେଲେ ମୁଁ ଆଉ କେବେ ଆଣିବି ନାହିଁ । ମିଷ୍ଟର ସିଂ ସାଙ୍ଗେ ସାଙ୍ଗେ ଅନୀତାକୁ ବୁଝାଇ କହନ୍ତି, ମୁଁ ଏମିତି କହୁଥିଲି । ତମ ହାତରନ୍ଧା ଖାଇବା ମୋର ଭାରି ପସନ୍ଦ । ସତ କହିବାକୁ ଗଲେ, ମୁଁ ଚାହିଁରହିଥାଏ, ତୁମ ହାତରନ୍ଧା ଖାଇବା କେତେବେଳେ ତୁମେ ମୋ ପାଇଁ ନେଇଆସିବ । ଦୁହେଁ ଦୁହିଁଙ୍କର ମୁହଁକୁ ଚାହିଁ ହସନ୍ତି । ଅନୀତା ମନେ ମନେ ଭାବେ ତା' ପ୍ରେମକୁ ବୋଧେ ମିଷ୍ଟର ସିଂ ଉପଲବ୍ଧି କରିପାରୁଛନ୍ତି । ତା' ପ୍ରେମକୁ ଏବେ ସ୍ୱୀକୃତି ମିଳିଯିବ ।

କିଛିଦିନ ପରେ ମିଷ୍ଟର ସିଂ ବାହାରକୁ ଚାଲିଗଲେ । ବିଚାରୀ ଅନୀତା ଅଭିସାରିକା ସାଜି ରହିଗଲା । ନିଜ ମନର ଭାଷାକୁ ଖୋଲି କହିପାରି ନ ଥିଲା । ମନ ତା'ର ଆଇନା ପରି ଭାଙ୍ଗି ଚୂର୍‌ମାର୍ ହୋଇଯାଇଥିଲା । ତାକୁ ଆଜି ଆଉ କିଛି ଭଲ ଲାଗୁ ନ ଥିଲା । ଅନୀତା କେବେ ଜାଣି ନ ଥିଲା ଯେ ମିଷ୍ଟର ସିଂ ଦୂରକୁ ଚାଲିଯିବେ ତାକୁ ଛାଡ଼ି । ଏସବୁ ଏତେ ଶୀଘ୍ର ହୋଇଗଲା ଯେ କେହି କାହାରିକୁ ଶେଷଦେଖା ବି କରିପାରି ନ ଥିଲେ । ବମ୍ବେର ଗୋଟେ ବହୁତ ବଡ଼ ଡ୍ୟାନ୍ସ ଗ୍ରୁପ୍‌ର ଟ୍ରେନର ହିସାବରେ ମିଷ୍ଟର ସିଂ ନିଯୁକ୍ତ ହୋଇଥିଲେ । ଆଉ ଏତେ ଶୀଘ୍ରତାରେ ସିଏ ଅନୀତାକୁ ଜଣାଇପାରି ନ ଥିଲେ । ଅନୀତା ନିଜ ବିରହ ଯନ୍ତ୍ରଣା ଭୁଲିବା ପାଇଁ କୁନି କୁନି ପିଲାମାନଙ୍କୁ ନୃତ୍ୟ ଶିଖାଇବା ଆରମ୍ଭ କରିଦେଲା । ପିଲାମାନଙ୍କ ଗହଣରେ ନିଜର ଯନ୍ତ୍ରଣା ଭୁଲିବାକୁ ଚେଷ୍ଟାକଲା । ଅନୀତାର ମନର ଘା' କିନ୍ତୁ ସହଜରେ ଶୁଖି ନ ଥିଲା । ବହୁତଥର କଳାକେନ୍ଦ୍ରକୁ ଯାଇ ମିଷ୍ଟର ସିଂଙ୍କ ଠିକଣା

ପଚାରିଛି । ପଚାରିଛି ମିଷ୍ଟର ସିଂଙ୍କ ଫେରିବା କଥା । କେତେ ତା' ଆଖି ଖୋଜିଛି ମିଷ୍ଟର ସିଂଙ୍କୁ ରାସ୍ତାରେ, ଗଳିରେ, ବସ୍ ଷ୍ଟପ୍‌ରେ । ହେଲେ ସବୁଥର ଭଳି ତା' ହାତରେ ଖାଲି ନିରାଶ ହିଁ ଲାଗିଛି । ମନେ ମନେ ଭାବେ ମନର କଥା ତ ରହିଗଲା ମନରେ । ମିଷ୍ଟର ସିଂ ବା ଆସିବେ କାହିଁକି ମତେ ଦେଖାକରିବା ପାଇଁ । ହୁଏତ ମିଷ୍ଟର ସିଂଙ୍କ ପ୍ରତି ତା' ଭଲପାଇବା ଏକତରଫା ଥିଲା । ଅନୀତାର ଖୋଜିଲା ଆଖି ସବୁବେଳେ ମିଷ୍ଟର ସିଂ ଖୋଜୁଥିଲା । ମାସ, ବର୍ଷ, ଦିନ ପରେ ଦିନ ବିତିଚାଲିଲା । ଶେଷରେ ନିରାଶ ହୋଇ ମନ ସାଥେ ବୁଝାମଣା କରିବାକୁ ଚେଷ୍ଟା କଲା ।

ଘରେ ତାର ବାହାଘର କରିଦେବା ଇଚ୍ଛା କଲେ । କାରଣ କେତେ ଦିନ ଲକ୍ଷ୍ୟହୀନ ବାଟୋଇ ହୋଇ ଏମିତି କେତେଦିନ ଲକ୍ଷ୍ୟସ୍ଥଳ ଖୋଜିବ । ଘରେ ଜଣାଇଥିଲା ଅନୀତା ମିଷ୍ଟର ସିଂଙ୍କ ପ୍ରତି ଥିବା ଭାବନା । ହେଲେ ମିଷ୍ଟର ସିଂଙ୍କୁ ଖୋଜି ବାହାର କରିବାକୁ ନ ଥିଲା ଠିକଣା । ଶେଷରେ ଅନୀତା ନିରାଶ ହୋଇ ବାହା ହେବା ସମ୍ମତି ପ୍ରଦାନ କଲା ଅନ୍ୟତ୍ର । ବାହା ହୋଇଗଲା ଆଉ ଗୋଟେ ପୁରୁଷକୁ । ଆପଣା କରିବାକୁ ଚେଷ୍ଟା କରୁଥିଲା ସ୍ୱାମୀକୁ । ହେଲେ ଭୁଲିପାରୁ ନ ଥିଲା ମିଷ୍ଟର ସିଂଙ୍କୁ । ମନ ଚାହୁଁଥିଲା ସଂସାର କରିବାକୁ ସ୍ୱାମୀ ସାଙ୍ଗରେ । ହେଲେ ହୃଦୟ ନିଜର କରିପାରୁ ନ ଥିଲା ନୂଆ ପୁରୁଷଟିକୁ । କିଛିଦିନ ସ୍ୱାମୀ ସାଙ୍ଗରେ କାଟିଲା । ସତକୁ ମାନିବାକୁ ଚେଷ୍ଟା କଲା । ଆଉକିଛି ବାଟ ନ ଥିଲା । ଏଇ ପୁରୁଷ ଏବେ ତା'ର ସ୍ୱାମୀ, ତା'ର ଶଙ୍ଖା ସିନ୍ଦୂର, ବର୍ତ୍ତମାନ, ଭବିଷ୍ୟତ, ଆପଣେଇନେଲା ସେହି ପରପୁରୁଷକୁ । ଦୁହେଁ ବେଶ୍ ଖୁସି ଥିଲେ ନିଜ ସାଂସାରିକ ଜୀବନରେ । ଅଳ୍ପ କେଇଟା ଦିନରେ ତାର ଖୁସି ଦୁଃଖରେ ବଦଳିଯାଇଥିଲା । ବିବାହର ପ୍ରଥମ ବାର୍ଷିକୀରେ ସ୍ୱାମୀ ତାର ଅନୀତା ପାଇଁ ଉପହାର ନେଇ ଆସୁ ଆସୁ ରାସ୍ତାରେ ଏକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଲେ । ଏପଟେ ଅନୀତା ଚାହିଁ ବସିଥାଏ ସ୍ୱାମୀର ଫେରିବା ବାଟକୁ । ବାରମ୍ବାର ଘଣ୍ଟାକୁ ଦେଖୁଥାଏ । ସୋଫା ଉପରେ ବସୁଥାଏ, ପୁଣି ଉଠୁଥାଏ । କାହାର ଗାଡ଼ି ଶବ୍ଦ ଶୁଭୁଥିଲେ ଦୌଡ଼ିଯାଉଥିଲା ଦୁଆର ବନ୍ଧ ପାଖକୁ । ନିରାଶ ହୋଇ ଫେରୁଥିଲା । ମନରେ ହଜାରେ ପ୍ରଶ୍ନ କୁଆଡ଼େ ଗଲେ ସ୍ୱାମୀ । କମ୍ ସେ କମ୍ ଆଜି ଭଳି ଦିନରେ ଟିକେ ଦାୟିତ୍ୱବାନ୍ ହୋଇ ଶୀଘ୍ର ଘରକୁ ଫେରିବା କଥା । ହେଲେ ଦାୟିତ୍ୱ ଜ୍ଞାନ ତାଙ୍କର ମୋଟେ ନାହିଁ । କିଛି ଘଟାର ବିଳମ୍ବ ପରେ ପୋଲିସ୍ ଆସି କବାଟ ଠକ୍ ଠକ୍ କଲେ । ଅନୀତା ଆଖିକୁ ନିଦ ଲାଗିଯାଇଥିଲା । ଶବ୍ଦ ଶୁଣି ତା' ନିଦ ଭାଙ୍ଗିଗଲା । ଭାବିଲା ବୋଧେ ଇଏ ଆସିଗଲେ । ମନରେ ରାଗ ଭରି ନିଜେ ନିଜେ ଗପିବାକୁ ଆରମ୍ଭ କରିଦେଲା । ଆସନ୍ତୁ ଆଜି ତାଙ୍କୁ ଜମା ଛାଡ଼ିବିନି । କ'ଣ ଭାବୁଛନ୍ତି ନିଜକୁ । ମୁଁ ବି କିଛି ଉପହାର ଆଣିଥିଲି; କିନ୍ତୁ ସବୁ ଫିକା କରିଦେଲେ । ଆଜି ଯାହାହଉ ପଛକେ ତାଙ୍କୁ ଜମା ଛାଡ଼ିବିନି । କବାଟ ଖୋଲିଲା ଅନୀତା । ପଚାରିଲା କିଏ ଆପଣ କାହାକୁ ଖୋଜୁଛନ୍ତି ? ମ୍ୟାଡାମ୍ ଆମେ ଭିତରକୁ ଆସିପାରୁ କି ? ନାଇଁ, ମୋ ସ୍ୱାମୀ ବର୍ତ୍ତମାନ ଘରେ ନାହାନ୍ତି । ଯାଆନ୍ତୁ ପରେ ଆସିବେ । ନାଇଁ ମ୍ୟାଡାମ୍ କାମ ଆପଣଙ୍କ ପାଖରେ ଥିଲା । ଅନୀତା ଆଶ୍ଚର୍ଯ୍ୟ ହୋଇ ପଚାରିଲା ମୋ ପାଖରେ । ଅନୀତା କହିଲା, କ'ଣ କାମ କହନ୍ତୁ । କ'ଣ କହିବାକୁ ଚାହୁଁଛନ୍ତି । ମ୍ୟାଡାମ୍ ଏଇ ପର୍ସ, ଡ୍ରେସ୍ ଓ ଚପଲକୁ ଆପଣ ଚିହ୍ନିଛନ୍ତି କି ? କାହାର କହିପାରିବେ ? ଇଏ ତ ମୋ ସ୍ୱାମୀଙ୍କର କିନ୍ତୁ ଆପଣ କୋଉଠୁ ପାଇଲେ । ମ୍ୟାଡମ୍ ପର୍ସରେ ଆପଣଙ୍କର ଫଟୋ ଥିଲା, ବହୁତ ସମୟ ଖୋଜାଖୋଜି କଲାପରେ ଆପଣଙ୍କ ଠିକଣା ପାଇଲୁ । ଠିକ୍ ଅଛି ଯାଆନ୍ତୁ, ମୋ ସ୍ୱାମୀଙ୍କୁ କହିଦେବେ, ମୁଁ ତାଙ୍କ ଉପରେ ରାଗିଛି । ମୁଁ ତାଙ୍କୁ ଅପେକ୍ଷା କରି ଏଠି ବସିଛି ଭୋକ ଓପାସରେ । ସବୁତକ ଖାଇବା ଥଣ୍ଡା ହୋଇ ଗନ୍ଧିଆ ହୋଇଗଲାଣି । ତାଙ୍କର ଟିକିଏ ବି ସମୟ ଜ୍ଞାନ ନାହିଁ । ଯାଇ ବସିଛନ୍ତି ଆପଣଙ୍କ ପାଖରେ । ଯାଆନ୍ତୁ ଆପଣମାନେ ଶୀଘ୍ର, ତାଙ୍କୁ କହିଦେବେ ଶୀଘ୍ର ଘରକୁ ଆସିବା ପାଇଁ । ମ୍ୟାଡାମ୍ ଆପଣଙ୍କ ସ୍ୱାମୀ ଏବେ ଆମ ପୋଲିସ୍ ଷ୍ଟେସନରେ ଅଛନ୍ତି । ସିଏ ଆସିପାରିବେ ନାହିଁ ବରଂ ଆପଣ ଆମ ସାଙ୍ଗରେ ଚାଲନ୍ତୁ । ଅନୀତା ବିରକ୍ତ ହୋଇ କହିଲା କି ଆଶ୍ଚର୍ଯ୍ୟ କଥା, ଆଜି ଆମ ବିବାହ ବାର୍ଷିକ । ମୋର ସବୁ ଉପହାର ପାଣି ଫୋଟକା ଭଳି ମିଳେଇଗଲାଣି । ଆଉ ଆପଣ କହୁଛନ୍ତି ମୋ ସ୍ୱାମୀ ଆସିପାରିବେ ନାହିଁ । ସିଏ ତୁମ ପାଖକୁ ଗଲେ କାହିଁକି ? ଆପଣ କ'ଣ ତାଙ୍କୁ ଜବରଦସ୍ତି ଅଟକାଇ ରଖିଛନ୍ତି କି ପୋଲିସ୍ ଷ୍ଟେସନରେ ? କିନ୍ତୁ ସିଏ କ'ଣ ଭୁଲ୍ କରିଛନ୍ତି, ଦୟାକରି କୁହନ୍ତୁ ? ମ୍ୟାଡାମ ଆପଣ ଆମ ସାଙ୍ଗରେ ଚାଲନ୍ତୁ ସବୁ ପ୍ରଶ୍ନର ଉତ୍ତର ପାଇଯିବେ । ହଉ ଠିକ୍ ଅଛି ଟିକେ ଅପେକ୍ଷା କରନ୍ତୁ, ମୁଁ ଆସୁଛି ।

ପୋଲିସବାବୁମାନଙ୍କ ସାଙ୍ଗରେ ବାହାରିପଡ଼ିଲା ଅନୀତା, ପୋଲିସ ଷ୍ଟେସନ ଅଭିମୁଖେ । ମନେ ମନେ ରାଗୁଥାଏ କେତେବେଳେ ପୋଲିସ ବାବୁମାନଙ୍କ ଉପରେ ତ କେତେବେଳେ

ସ୍ୱାମୀ ଉପରେ । କିଛି ସମୟ ପରେ ଯାଇ ପହଞ୍ଚିଲା ପୋଲିସ ଷ୍ଟେସନରେ ଅନୀତା । ପୋଲିସ ଷ୍ଟେସନ ବାରଣ୍ଡାରେ ସ୍ୱାମୀ ତାର ଶୋଇଛି । ହାଲକା ଆଘାତ ହୋଇଛି ସ୍ୱାମୀର ମୁଣ୍ଡରେ, ଅଳ୍ପ ରକ୍ତ ମଧ୍ୟ ବାହାରିଛି । ଇଏ କ'ଣ ହୋଇଛି ତୁମର କହି ଜାବୁଡ଼ିଧରିଲା । ଦେହ, ମୁଣ୍ଡ, ହାତ, ଗୋଡ଼ ସବୁ ଉଣ୍ଡାଳି ଆଣିଲା । କଉଠି କିଛି କ୍ଷତ ଚିହ୍ନ ନାହିଁ । ଅନୀତା ସ୍ୱାମୀକୁ ପଚାରିଲା ତୁମେ ଚୁପ୍ କାହିଁକି ? ମୋ ପ୍ରଶ୍ନର ଉତ୍ତର ଦିଅ । ତୁମେ ମୋ ପାଇଁ ଉପହାର ଆଣିବାକୁ ଯାଇଥିଲ । କିନ୍ତୁ ଏ ତୁମର କ'ଣ ହୋଇଛି । ସାର୍ (ପୋଲିସ ବାଲାଙ୍କୁ) ମତେ ସାହାଯ୍ୟ କରନ୍ତୁ, ୟାଙ୍କୁ ଡାକ୍ତରଖାନା ନେଇଯିବା ପାଇଁ । ପୋଲିସବାବୁମାନେ ଜାଣିଥିଲେ ଅନୀତାର ସ୍ୱାମୀ ମୃତ । ମରିବାର ତା'ର ପ୍ରାୟ ଆଠ, ନଅ ଘଣ୍ଟା ବିତିସାରିଛି । ତଥାପି ଅନୀତା କଥାରେ ଡାକ୍ତରଖାନା ନେଇଗଲେ ଶବଟିକୁ । ଡାକ୍ତରଖାନାରେ ପହଞ୍ଚି ଅନୀତା ଡାକ୍ତରମାନଙ୍କୁ ଯୋର ଯୋର ପାଟିରେ ଡାକିଲା । ଡାକ୍ତରବାବୁଙ୍କୁ କହିଲା, ଦୟାକରି ଦେଖନ୍ତୁ, ମୋ ସ୍ୱାମୀଙ୍କର କ'ଣ ହୋଇଛି । ତାଙ୍କ ହାତ ପାଦ କାହିଁକି ବରଫ ଭଳି ଥଣ୍ଡା ଲାଗୁଛି । ଶୀଘ୍ର କରନ୍ତୁ ଡାକ୍ତର, ତାଙ୍କୁ ବଂଚାନ୍ତୁ । ଆଶୁ ଚିକିତ୍ସା ପରେ ଡାକ୍ତର ମନା କରିଦେଲେ ଅନୀତାକୁ, 'ହି ଇଜ ନୋ ମୋର' । ନା ନା ଆପଣ ଆଉ ଥରେ ଚିକିତ୍ସା କରି ଦେଖନ୍ତୁ, କାଳେ କୋଉଠି ଭୁଲ୍ ହୋଇଯାଇଥିବ । ଦୟା କରନ୍ତୁ ମୋ ଉପରେ, ତାଙ୍କ ମୁଣ୍ଡରେ ଖାଲି ଆଘାତ ଲାଗିଛି, ଆଉ ଶରୀରରେ କୌଣସି ସ୍ଥାନରେ କ୍ଷତ ଚିହ୍ନ ନାହିଁ । ନାଇଁ ମ୍ୟାଡାମ୍, ଆମ ତରଫରୁ କୌଣସି ତ୍ରୁଟି ନାହିଁ ବରଂ ଆପଣଙ୍କ ସ୍ୱାମୀଙ୍କ ମୁଣ୍ଡ ପଛରେ ଆଘାତ ଲାଗିବାରୁ ତାଙ୍କର ମୃତ୍ୟୁ ହୋଇଛି । ଆଉ ତାକୁ ମରିବାର ଆଠ, ନଅ ଘଣ୍ଟା ବିତିସାରିଛି ।

ଅନୀତା ଶରୀର ମନ ଅବଶ ହୋଇସାରିଛି । ଯେମିତି ଓଠରେ ତାର ଭାଷା ନାହିଁ କି ଆଖିରେ ତାର ଲୁହ ନାହିଁ । ଖାଲି ନୀରବ ନିଶ୍ଚଳ ହୋଇ ଚାହିଁ ରହିଥାଏ ସ୍ୱାମୀର ମୁହଁକୁ । ଖାଲି ନିରବଦ୍ରଷ୍ଟା ସାଜି । ତା' ମନ ବିଶ୍ୱାସ କରିପାରୁନି ସତ; ଚାରି ପାଞ୍ଚମିନିଟ୍ ପରେ ଅନୀତା ଜୋର୍ ଜୋର୍ କାନ୍ଦିବାକୁ ଲାଗିଲା । ମୁଁ କିଛି କରିପାରିଲିନି ତୁମକୁ ବଂଚାଇବା ପାଇଁ । ମୁଁ ତ ତୁମ ଫେରିବା ବାଟକୁ ଚାହିଁରହିଥିଲି । ତୁମେ ଫେରିଲ; କିନ୍ତୁ ଏମିତି ସବୁ ବାଟ ବନ୍ଦ କରିଦେଲ । କାହିଁକି ଏମିତି କରିଲ ? କଥା ହୁଅ ମୋ ସାଙ୍ଗରେ ତୁମେ ଚୁପ୍ କାହିଁକି ଶୋଇରହିଛ ? ଦେଖ ମତେ ମୁଁ କେମତି ଦିଶୁଛି ? ମୋ ମଥାର ସିନ୍ଦୂର କେମିତି ଦାଉ ଦାଉ ହୋଇ ଜଳୁଛି । ତୁମେ ଏମିତି ମଜା ମୋ ସାଙ୍ଗରେ କରନି । ଦେଖ କହୁଛି ମୁଁ ରାଗିବି ଆଉ ତୁମ ସାଙ୍ଗରେ ଜମା କଥା ହେବିନି । ଏ ଡାକ୍ତରମାନେ କ'ଣ ୟାଉ ସ୍ୟାଉ କହୁଛନ୍ତି । ତୁମେ ଏମାନଙ୍କୁ କହିଥିଲ ନା ଏମିତି କହିବା ପାଇଁ । ଜାବୁଡ଼ି ଧରିଲା ସ୍ୱାମୀକୁ ତାର ଛାତିରେ । କଣ୍ଠରୁଦ୍ଧ ସ୍ୱରରେ କହୁଥିଲା ଅନୀତା, ଭଗବାନ ମୋର ସବୁ ସାରିଦେଲେ । କେମିତି ଛାଡ଼ି ବଞ୍ଚିବି ମୁଁ ତୁମକୁ ? ମୋର ଏଇ ଅନ୍ଧାର ଜୀବନରେ ତୁମେ ହିଁ ଥିଲ ଆଲୋକ । କଥା ଦେଇଥିଲ ମତେ ମୁଁ ମରିବା ପର୍ଯ୍ୟନ୍ତ ତୁମେ ମୋ ସାଙ୍ଗରେ ଥିବ, ଏତେ ଶୀଘ୍ର ହାତ ଛଡ଼ାଇନେଲ । ପୁଣି ଏଇ ବିବାହବାର୍ଷିକ ଦିନ । ଯିବା ପୂର୍ବରୁ ଥରେ ବି ମୋ କଥା ଭାବିଲ ନାହିଁ । ମୁଁ ଏକା କ'ଣ କରିବି ତୁମ ବିନା । ଏତେ କଷ୍ଟରେ ତୁମକୁ ନିଜର କରିଥିଲି । ଆଉ ଅଳ୍ପ କେଇଟା ଦିନରେ ପର କରିଦେଲ । ମତେ ବି ତୁମ ସାଙ୍ଗରେ ନେଇଚାଲ । ଏ ସମାଜକୁ ଗୋଟେ ବିଧବା କ'ଣ ବା ସାମ୍ନା କରିବ । ମୋର ଶକ୍ତି, ସାହସ, ସାମର୍ଥ୍ୟ, ଆତ୍ମବିଶ୍ୱାସ ସବୁକିଛି ତୁମେ ଥିଲ । ତୁମେ ଶୀଘ୍ର ମତେ ତୁମ ପାଖକୁ ନେଇଯାଅ, ନ ହେଲେ ମୋ ପାଖକୁ ଫେରିଆସ । କାନ୍ଦି କାନ୍ଦି ଅନୀତା ବେହୋସ ହୋଇଗଲା । ଅନୀତାର ଶାଶୂଘର ଲୋକ ତାକୁ ଘରକୁ ନେଇଯାଇଥିଲେ ଡାକ୍ତରଖାନାରୁ । ପୁଅର ଅନ୍ତିମ ସଂସ୍କାର ପାଇଁ ଯୋଗାଡ଼ କଲେ । କିଛି ଘଣ୍ଟାର ବିଳମ୍ବ ପରେ ଅନୀତାର ହୋସ୍ ଆସିଲା । ପୁଣିଥରେ ହୋସ୍‌କୁ ଆସିଲା ପରେ ବାଉଳି ଚାଉଳି ଆରମ୍ଭ କରିଦେଲା । ମତେ ଛାଡ଼ିଦିଅ ମୁଁ ମୋ ସ୍ୱାମୀଙ୍କ ପାଖକୁ ଯିବି । ଗାଁ'ର କିଛି ବୟୋଜ୍ୟେଷ୍ଠ ସ୍ତ୍ରୀ ଲୋକମାନେ ଅନୀତାକୁ ନେଇଗଲେ ନଈକୂଳ ତୁଠ ପାଖକୁ । ଆରମ୍ଭ ହୋଇଗଲା ସଧବାରୁ ବିଧବା ବେଶ କରିବାର କାମ । ଭାଙ୍ଗିଗଲା ତା' ହାତର ଶଙ୍ଖା, ପୋଛିଦେଲେ ତା' ମଥାର ସିନ୍ଦୂର, ଧୋଇଗଲା ନଈ ପାଣିରେ ତା' ପାଦର ଅଳତା । ପିନ୍ଧାଇଦେଲେ ତାକୁ ଧଳାଶାଢ଼ୀ, ଆଖିର ଲୁହ ତାର ପାଦ ସ୍ପର୍ଶ କରୁଥିଲା । ଅନୀତାର ଏ କରୁଣ ଦୁଃଖରେ ଆଜି ନଈ, ପାଣି, ପବନ, ଗଛଲତା, କୀଟପତଙ୍ଗ ଯେମିତି କାନ୍ଦୁଥାନ୍ତି । ଆଜିଠାରୁ ତା' ମୁହଁ ହୋଇଗଲା ଅଶୁଭ । ଆକାଶ ଆଡ଼କୁ ମୁହଁ କରି ଚାହିଁ ଅନୀତା ଭାବୁଥିଲା, ଏତେ ବଡ଼ ଏ ଆକାଶ; ହେଲେ ମତେ ମୋ ମୁହଁ ଲୁଚାଇବାକୁ ଜାଗା ଟିକେ ମିଳନ୍ତାନି । ଏଇ ନଈ ବାଲି ପରି ଥିଲା ମୋର ଆଶା ଅସରନ୍ତି । ଶ୍ରାବଣର ବର୍ଷା ଧାରାରେ ସିନା ନଈରେ ବନ୍ୟା ଆସୁଥିଲା; କିନ୍ତୁ ଏବେ ନଈରେ ବନ୍ୟା ଆସିବ ମୋ ଆଖିର ଲୁହରେ । ଏ ଦୁଃଖ

ସହିବା ପୂର୍ବରୁ ମୁଁ ମରି କାହିଁକି ଗଲିନି । ଅବଶ ଶରୀର ଧରି ଅନୀତା ଘରକୁ ଫେରିଲା । ଗୋଟେ ଅନ୍ଧାରିଆ କୋଠରିରେ ସ୍ୱାମୀ ପାଇଁ ତାର ଦୀପ ଜଳାହୋଇଥିଲା । ଅନୀତା କୋଠରିର ଗୋଟିଏ କଣରେ ବସି ଦୀପଟିକୁ ସେମିତି ଚାହିଁ ରହିଥିଲା । ଜଣାନାହିଁ କେତେ ଦିନ ହେଲା ସିଏ ସେଠି ସେମ୍ଦ୍ଦତି ବସିଛି । ଜଣାନାହିଁ କେତେଦିନ ହେଲାଣି ସିଏ ସୂର୍ଯ୍ୟ ଉଦୟ ହେବା ଦେଖିନି । ମୁଣ୍ଡର ଚୁଟି ଜଟା ପାଲଟିଗଲାଣି ତା'ର । ମୁହଁ ରେଖା ଯେମିତି ତା'ର ବୟସକୁ ଦଶ ପନ୍ଦର ବର୍ଷ ବଢ଼ାଇସାରିଛି । ଖାଲି ସ୍ୱାମୀର ସ୍ମୃତିକୁ ମନେପକାଇ ଚୁପି ଚୁପି କାନ୍ଦୁଥାଏ ।

କିଛି ଦିନ ମାସ ବିତିଗଲା ପରେ ଅନୀତାର ଭାଉଜ ତାକୁ କହିଲେ, କେତେଦିନ ଆଉ ଏମିତି କଷ୍ଟ ଦଉଥିବ ନିଜକୁ । ତୁମ ଜୀବନ ତ ଅନ୍ଧାର ହୋଇସାରିଛି । ଏଇ ରଙ୍ଗହୀନ ନିଃସହାୟ ଜୀବନରେ ଯେତେଦିନ ଯାଏ ପ୍ରାଣ ଅଛି, ସେତିକି ଦିନ ତ ତୁମକୁ ବଂ୍‌ବାକୁ ପଡ଼ିବ । ତୁମେ ପୁଣି ଥରେ ନୃତ୍ୟ ଶିଖାଇବା ଆରମ୍ଭ କର । କୁନି କୁନି ପିଲାମାନଙ୍କ ଗହଣରେ ନୃତ୍ୟ ଶିଖାଉ ଶିଖାଉ ଦିନ ତ କମି ସେ କମି କଟିଯିବ । ପ୍ରଥମେ ଅନୀତା ଭାଉଜଙ୍କର ଏ ପ୍ରସ୍ତାବରେ ଅରାଜି ହୋଇଥିଲା । କିଛିଦିନ ବିତିଗଲା । ଆଖିରୁ ଲୁହ ମଧ୍ୟ ଶୁଖିଗଲା । ଭାବିଲା ଭାଉଜ କହିଥିବା କଥା । ପୁଣି ଥରେ ଏ ଅଲୋଡ଼ା ଜୀବନ ଯଦି କାହାର କାମରେ ଆସେ । ତା'ହେଲେ ମତେ କରିବା ଉଚିତ ସେହି କାମ ।

ସେ ସେଦିନ ବୁଲିବାକୁ ଯାଇଥିଲା କଳା କେନ୍ଦ୍ର । ଆଉ ସେଠି ତାକୁ ବହୁତ ଭଲ ଲାଗିଥିଲା କୁନି କୁନି ଛୁଆଙ୍କ ଗହଣରେ । କିଛିକ୍ଷଣ ପାଇଁ ଭୁଲିଯାଇଥିଲା ନିଜକୁ । କଳା କେନ୍ଦ୍ରରୁ ଫେରିଲା ପରେ ସେ ନିଷ୍ପତ୍ତି ନେଇଥିଲା ଯେ ପ୍ରତିଦିନ ସେ ନୃତ୍ୟ ଶିଖାଇବା ପାଇଁ କଳା କେନ୍ଦ୍ରକୁ ଯିବ ।

ଧୀରେ ଧୀରେ ଅନୀତା ଭୁଲିଗଲା ନିଜର ଦୁଃଖକୁ, ସ୍ୱାମୀର ଅନୁପସ୍ଥିତିକୁ । ଅନୀତା ଏବେ ନୃତ୍ୟ ଶିଖାଇ ପଇସା ରୋଜଗାର କରୁଥିଲା । କିନ୍ତୁ ଖର୍ଚ୍ଚ କରିବା ପାଇଁ ତା' ପାଖରେ କେହି ନ ଥିଲେ । ଇଚ୍ଛା ଥିଲେ ବି ନିଜ ପାଇଁ ଖର୍ଚ୍ଚ କରିବାକୁ ସେ କରିପାରୁ ନ ଥିଲା । ଗୋଟେ ବିଧବାର କ'ଣ ବା ଦରକାର । ଧଳା ଶାଢ଼ୀ ବ୍ୟତୀତ ତା' ଦେହରେ କୌଣସି ଆଭୂଷଣ ପିନ୍ଧିବା ମନା । ତା' ଜୀବନର ରାସ୍ତା ଥିଲା ଅଙ୍କାବଙ୍କା । ଖସିଗଲା ପାଦ ତା'ର ଭୁଲ୍ ରାସ୍ତାକୁ । ଥରେ ଯିଏ ଭୁଲ୍ କରେ ତାକୁ ଠିକ୍ କରିବାକୁ ଯାଇ ସିଏ ଆଉ ହଜାରେ ଭୁଲ୍ କରେ । ସେହି ଗାଁ'ର କିଛି ଯୁବକମାନଙ୍କୁ ନେଇ ଅନୀତା ଲିପ୍ତ ରହିଲା ଅନୈତିକ କାମରେ । ଯୁବକମାନଙ୍କୁ ଦରକାର ଥିଲା ଟଙ୍କାର । ଆଉ ଅନୀତାର ଦରକାର ଥିଲା ଯୌବନର ଭୋକ । ନିଜର ଯୌବନର ଭୋକ ମେଣ୍ଟାଇବା ପାଇଁ ଗାଁ'ର ସେହି ଯୁବକମାନଙ୍କୁ ସିଏ ଯେମିତି ତା'ର ପୋଷା ମେଣ୍ଢା କରି ରଖିଥିଲା । ନ ଥିଲେ ତାକୁ କେହି ବାରଣ କରିବାକୁ । ଦିନକୁ ଦିନ ପାଦ ତାର ଖସି ଚାଲିଲା ତଳକୁ ତଳକୁ ।

ଦିନେ କଳା କେନ୍ଦ୍ରକୁ ଯାଉଥିବାବେଳେ ତାର ଆଖି ପଡ଼ିଲା ମିଷ୍ଟର ସିଂଙ୍କ ଆଡ଼େ । ମିଷ୍ଟର ସିଂ ଗୋଟେ ପାନ ଦୋକାନ ପାଖରେ ଠିଆ ହୋଇଥିଲେ । ଅନୀତା ମନରେ ସବୁ ପୁରୁଣା ସ୍ମୃତି ତା' ଆଖି ଆଗରେ ଚକାଭଉଁରୀ ଖେଳୁଥିଲେ; କିନ୍ତୁ ମିଷ୍ଟର ସିଂ ତ ପାନ ଖାଆନ୍ତିନି । ପାନ ଦୋକାନ ପାଖରେ କ'ଣ କରୁଥିଲେ । କଳା କେନ୍ଦ୍ରରୁ ଫେରିଲାବେଳେ ଅନୀତା ପାନ ଦୋକାନୀକୁ ଯାଇ ପଚାରିଲା, ସେ ବାବୁ ଜଣକ ଏଠି ଠିଆ ହୋଇ କ'ଣ କଥା ହେଉଥିଲେ ? ସେ ବାବୁ ! ବାବୁ ଜଣକ କୋଉ ଅନୀତାର ଠିକଣା ପଚାରୁଥିଲେ । ହଁ, କହୁଥିଲେ ସିଏ ନାଚ ଶିଖୁଥିଲା । ମୁଁ ତ ଜାଣିନି ସେମିତି କେହି ଅନୀତାର ଠିକଣା । ତେଣୁ ଠିକଣା କଉଠୁ ଦେଇଥା'ନ୍ତି । ବାବୁ ଜଣକ କିନ୍ତୁ ଭାରି ବ୍ୟସ୍ତ ହୋଇ ପଚାରୁଥିଲେ । ଅନୀତା ଦୋକାନୀ ଜଣକୁ କହିଲା, ହଉ ହଉ ଠିକ୍ ଅଛି । କହି ଘରକୁ ଫେରିଲା । ରାତିସାରା ଅନୀତା ଆଖିକୁ ନିଦ ନାହିଁ । କ'ଣ ପାଇଁ ଏତେବର୍ଷର ବ୍ୟବଧାନ ପରେ ମିଷ୍ଟର ସିଂ ଫେରିଛନ୍ତି । ସତରେ କ'ଣ ମତେ ଦେଖାକରିବା ପାଇଁ ଫେରିଛନ୍ତି । ଖଟରେ ଶୋଇ ଖାଲି କଡ଼ ଲେଉଟାଉଥିଲା ଅନୀତା । ତା'ର ବ୍ୟାକୁଳ ମନ ତା'ର ସକାଳୁ ସକାଳୁ ନିଜର ନିତ୍ୟ କର୍ମସାରି ବାହାରିପଡ଼ିଲା ମିଷ୍ଟର ସିଂଙ୍କୁ ଦେଖାକରିବା ପାଇଁ । ବଙ୍ଗଳାରେ ପହଂ୍ ଡୋର ବେଲ ବଜାଇଲା ଅନୀତା । ଭିତରୁ ଶବ୍ଦ ଶୁଭିଲା କିଏ କିଏ ? କବାଟ ଖୋଲିଲେ ମିଷ୍ଟର ସିଂ । ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଅନୀତା ତୁମେ ? ଆସ ଆସ ଭିତରକୁ ଆସ । ମୁଁ ତୁମର ଠିକଣା ଦୀର୍ଘ ଗୋଟିଏ ସପ୍ତାହ ହେଲା ଖୋଜୁଥିଲି । କିନ୍ତୁ ତୁମେ ହଠାତ୍ ମୋ ଠିକଣା କୋଉଠୁ ପାଇଲ ? ଇଚ୍ଛା ଥିଲେ ସବୁକିଛି ପାଇ ହୁଏ ମିଷ୍ଟର ସିଂ । କେମିତି ମୁଁ ମନେପଡ଼ିଲି ଆପଣଙ୍କ ପାଞ୍ଚ ଛଅ ବର୍ଷ ପରେ । ନାଇଁ ଅନୀତା ମୁଁ ବମ୍ବେ ପଳାଇଥିଲି । ନାଚର ମତେ ଗୋଟେ ବହୁତ ବଡ଼ କଣ୍ଟ୍ରାକ୍ଟ ମିଳିଥିଲା । ଗଲାବେଳେ ତୁମ ସାଙ୍ଗରେ ଦେଖାହୋଇପାରିଲାନି । କେତେ ଶୀଘ୍ର ମତେ ଯିବାକୁ

ପଡ଼ିଥିଲା ସେ କଥା କେବଳ ମୁଁ ଜାଣିଛି । ମନ ଭାରି ଖରାପ ଲାଗୁଥିଲା । ତୁମଠାରୁ ଦୂରେଇଲା ପରେ ମୁଁ ବୁଝିପାରିଲି, ଆମ ଦୁହିଁଙ୍କ ଭିତରେ ଥିବା ଭଲପାଇବା । ସବୁଦିନ ସବୁବେଳେ ତୁମ ପାଦର ନୂପୁର ଶବ୍ଦ ମୋ ଧ୍ୟାନ ଭାଙ୍ଗିଛି । ଏମିତି କୌଣସି ଦିନ ମୋର ନ ଥିଲା ଯୋଉଦିନ ତୁମେ ମୋର ମନେପଡ଼ିନ । ମୁଁ ସବୁ ଛାଡ଼ି ଫେରିଆସିଛି ଅନୀତା ତୁମ ପାଖକୁ ସବୁଦିନ ପାଇଁ । ମୁଁ ତୁମକୁ ନିଜର କରିବାକୁ ଚାହେଁ ଅନୀତା । ସବୁକିଛି ଶୁଣିସାରିଲା ପରେ ଅନୀତା ମିଷ୍ଟର ସିଂଙ୍କ ମୁହଁରୁ ଆରମ୍ଭ କଲା କହିବା । ମୁଁ ମଧ୍ୟ ଆପଣଙ୍କର ଠିକଣା ବହୁତ ଖୋଜିଥିଲି । କିନ୍ତୁ ପାଇ ନଥିଲି । ମନରେ ଅବସୋସ ଥିଲା ମୁଁ ମୋ ପ୍ରେମକୁ ଆପଣଙ୍କ ସାମ୍ନାରେ ପ୍ରକାଶ କରିପାରି ନ ଥିଲି । କିନ୍ତୁ ଭଗବାନଙ୍କର ବିଡ଼ମ୍ବନା ଥିଲା କିଛି ଅଲଗା । ମୁଁ ଆପଣଙ୍କୁ ବହୁତ ଅପେକ୍ଷା କଲି ନା ଆପଣ ଫେରିଲେ ନା ଆପଣଙ୍କର ଠିକଣା ମୁଁ ପାଇଲି । ମନରେ ବିଶ୍ୱାସ ବି ନ ଥିଲା ଆପଣ ମୋ ପ୍ରେମକୁ ବୁଝିପାରିଛନ୍ତି ବୋଲି । ତେଣୁ ଘର ଲୋକଙ୍କ ଇଚ୍ଛାରେ ମୁଁ ଅନ୍ୟତ୍ର ବିବାହ କରିନେଲି; କିନ୍ତୁ ମୋ ଭାଗ୍ୟ ମୋ ସାଙ୍ଗରେ ଖେଳ ଖେଳିଲା । ଭଗବାନ ଠିକ୍ ମୋ ବିବାହର ପ୍ରଥମ ବାର୍ଷିକ ଦିନ ମୋଠାରୁ ମୋ ସ୍ୱାମୀଙ୍କୁ ଛଡ଼ାଇନେଲେ । ଆଉ ମୁଁ ଏକା ହୋଇ ରହିଗଲି । ନାଇଁ ଅନୀତା ଭଗବାନ ଗୋଟେ ପଟରୁ ନେଇଗଲେ, ଆଉ ଗୋଟେ ଫେରେଇଦିଅନ୍ତି । ସେଇଥିପାଇଁ ମତେ ତୁମ ପାଖକୁ ପଠାଇଛନ୍ତି । ଆପଣ ଏ କ'ଣ କହିବାକୁ ଚାହୁଁଛନ୍ତି, ମୁଁ କିଛି ବୁଝିପାରୁନି । ଅନୀତା ମୁଁ ତୁମକୁ ବିବାହ କରିବାକୁ ଚାହେଁ । ସାରାଜୀବନ ତୁମକୁ ନିଜର କରିବାକୁ ଚାହେଁ । ଆପଣ ସେମିତି କୁହନ୍ତୁନି ମିଷ୍ଟର ସିଂ । ମୁଁ ବର୍ତ୍ତମାନ ବିଧବା, ସ୍ୱାମୀ ହୀନା । ପୁରୁଷମାନଙ୍କର ଦ୍ୱିତୀୟ ବିବାହ ହୋଇଥାଏ; କିନ୍ତୁ ବିଧବାର ପୁନଃବିବାହ ହୋଇ ନ ଥାଏ । ବିଧବା କେବଳ ଏ ସମାଜ ପାଇଁ କଳଙ୍କ । ଧନ୍ୟବାଦ ଆପଣଙ୍କୁ । ଆପଣ ଏତେ ଦୂରକୁ ଗଲାପରେ ବି ମତେ ମନେରଖିଛନ୍ତି । ଆପଣ ବର୍ତ୍ତମାନ ମୋ ପ୍ରେମକୁ ସ୍ୱୀକୃତି ଦେବାକୁ ଚାହୁଁଛନ୍ତି । ମୁଁ ଆଉ ଉପଯୁକ୍ତ ହୋଇ ରହିନାହିଁ ଆପଣଙ୍କୁ ବିବାହ କରିବାକୁ । ଆପଣ ମୋ ପ୍ରେମକୁ ବୁଝିବାକୁ ବହୁତ ଡେରି କରିଦେଲେ । ସବୁକଥା ଅନୀତା ମୁହଁରୁ ଶୁଣିସାରିଲା ପରେ ମିଷ୍ଟର ସିଂ କହିବା ଆରମ୍ଭ କରିଥିଲେ ନିଜ ମନର କଥା । ମୁଁ ଜାଣି ନଥିଲି ତୁମେ ବର୍ତ୍ତମାନ ବିଧବା ବୋଲି ଶୁଣିକି ବହୁତ କଷ୍ଟ ହେଲା । ତଥାପି ମୁଁ ତୁମକୁ ନିଜର କରିବାକୁ ଚାହେଁ । ତୁମେ ଜାଣିନ ଅନୀତା ତୁମ ବିନା ମୋ ଜୀବନ ସଂଜ୍ଞାହୀନ, ମୂଲ୍ୟହୀନ । ତୁମ ପାଖରୁ ଓହରେଇଗଲା ପରେ ମୁଁ ବୁଝିପାରିଥିଲି ତୁମର ପ୍ରେମକୁ । ତୁମର ନୂପୁରର ରୁଣୁଝୁଣୁ ଶବ୍ଦ ସବୁବେଳେ ମୋ ଧ୍ୟାନ ଭାଙ୍ଗିଥିଲା । ଏମିତି କୌଣସି ଦିନ ନାହିଁ ମୋ ଜୀବନର ଯୋଉଦିନ ତୁମେ ମୋର ମନେପଡ଼ିନ । ଦେଖ ମତେ ମୁଁ ଆଜିଯାଏ ବିବାହ କରିନାହିଁ ଅନୀତା କେବଳ ତୁମରି ପାଇଁ । ଜୀବନର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ମୁଁ ତୁମ ସାଙ୍ଗରେ ରହିବାକୁ ଚାହେଁ ଅନୀତା । ମୁଁ ତୁମକୁ ବିବାହ କରି ସାରାଜୀବନ ପାଇଁ ନିଜର କରିବାକୁ ଚାହେଁ । ଆଉ ଏ ସମାଜ ? ସମାଜ କ'ଣ ଆପଣଙ୍କୁ ଅନୁମତି ଦେବ ମତେ ବିବାହ କରି ସ୍ତ୍ରୀ ରୂପେ ଗ୍ରହଣ କରିବାକୁ । ଆମେ ଏ ସମାଜଠାରୁ ବହୁତ ଦୂରକୁ ଚାଲିଯିବା ଯୋଉଠି ଆମକୁ କେହି ଚିହ୍ନି ନ ଥିବେ । ଯୋଉଠି କେବଳ ତୁମେ ଥିବ ଆଉ ମୁଁ ଥିବି । ମୁଁ କଥା ଦେଉଛି ସାରାଜୀବନ ତୁମ ଆଖିରେ ଲୁହ ଟିକେ ଆସିବାକୁ ବି ମୁଁ ଦେବିନି ଅନୀତା । ତୁମକୁ ଦୁଇଦିନ ସମୟ ଦେଉଛି, ତୁମେ ମୋ ପ୍ରସ୍ତାବକୁ ଭାବିଚିନ୍ତି ନିଷ୍ପତ୍ତି ଜଣାଇବ । ଅନୀତା ଫେରିଆସିଥିଲା ନିଜ ଘରକୁ । ମନେ ମନେ ବହୁତ ଖୁସି ହେଉଥିଲା ମିଷ୍ଟର ସିଂଙ୍କ ମୁହଁରୁ ପ୍ରେମ ନିବେଦନ ପାଇ । ନାଉରୀ ନ ଥିବା ନାଆକୁ ଯେମିତି କୂଳ ମିଳିଯାଇଥିଲା । ତା' ରଙ୍ଗହୀନ ଜୀବନରେ ଯେମିତି ଫଗୁଣ ରଙ୍ଗର ବର୍ଷା କରିଚାଲିଛି । ଅନୀତା ଜାଣିସାରିଥିଲା ମିଷ୍ଟର ସିଂଙ୍କ ଜୀବନରେ ତା' ସ୍ଥାନ ବିଶେଷ ଅନ୍ୟତମ । ତା' ମନ ତାକୁ ବାରମ୍ବାର କହୁଥିଲା ଯେମିତି ଆଜିଠାରୁ ତୁ ସଧବା । ସ୍ୱାମୀ ପରିଚୟରେ ପରିଚିତା ହେବୁ । ସିନ୍ଦୂର, ଶଙ୍ଖା, ଅଳତା, ନାଲି ପାଟଶାଢ଼ୀ ପିନ୍ଧି ପକା । ତା' ପରଦିନ ସକାଳୁ ନୂଆ ସୂର୍ଯ୍ୟ ଉଦୟ ହେଲା । ଅନୀତା ଜୀବନରେ ନୂଆ ଆଶାର କିରଣ ଯେମିତି ବିଞ୍ଛିହୋଇପଡୁଥିଲା । ମିଷ୍ଟର ସିଂ ଦେଇଥିବା ଦୁଇଦିନ ସମୟକୁ ଅନୀତା ଅପେକ୍ଷା କରିପାରିଲାନି । ସିଏ ଯାଇ ମିଷ୍ଟର ସିଂଙ୍କୁ ଏ ବିବାହ ପାଇଁ ସମ୍ମତି ଜଣାଇଲା । ଦୁହେଁ ନିଷ୍ପତ୍ତି ନେଲେ ମନ୍ଦିରରେ ବିବାହ କରିବା ପାଇଁ । ଅନୀତାକୁ ତା' ଜୀବନ ଦୁଇ ଦୁଇ ବିବାହ କରିବାକୁ ସୁଯୋଗ ଦେଇଥିବାରୁ ସିଏ ବହୁତ ଖୁସି ହୋଇ ବାହାଘରର ଜିନିଷପତ୍ର କିଣାକିଣିରେ ଅନୀତା ଭାରି ବ୍ୟସ୍ତ । ବାହାଘର ତାର ଆଉ ସପ୍ତାହେ ଡେରି ରହିଲା । ତା'ପରେ ସିଏ ତା' ସ୍ୱାମୀ ସାଙ୍ଗରେ ସବୁଦିନ ପାଇଁ ଚାଲିଯିବ ବମ୍ବେ । ଗାଁ ମାଟି, ପାଣି, ପବନକୁ ସେ ଯେମିତି ମନଭରି ଉପଭୋଗ କରୁଥିଲା । ପାଖ ମନ୍ଦିରକୁ ଯାଇ ଅନୀତା ଠାକୁରଙ୍କୁ ଧନ୍ୟବାଦ ଜଣାଇଲା ।

ତା' ବାଟସାରା ଖାଲି ଫୁଲ ବିଛାହୋଇଯାଇଥିଲା । ପୁଣି

ଥରେ ସିଏ ସଂସାର କରିବ, ପୁଣି ଥରେ ବୋହୂ ବେଶ ସାଜିବ । ତା' ଆଖିର ନିଦ ଯେମିତି ଉଡ଼ିଯାଇଥିଲା । ସାତ ଦିନର ଦୂରତା ତାକୁ ସାତଯୁଗ ପରି ଲାଗୁଥିଲା । ପୁଣି ଲୁଚି ଲୁଚି ସମାଜ ଆଖିରୁ ଏଇ ବାହାଘର ଯୋଗାଡ଼ ଚାଲିଥିଲା । ତେଣୁ ସିଏ ଚାହୁଁଥିଲେ ମଧ୍ୟ ମିଷ୍ଟର ସିଂଙ୍କୁ ଭେଟିବାକୁ ଯାଇପାରୁ ନ ଥିଲା । ମନ ଚାହୁଁଥିଲା ଗାଁ'ସାରା ନାଚି ନାଚି ସମସ୍ତଙ୍କୁ ଯାଇ କହିଦେବାକୁ ସିଏ ପୁଣିଥରେ ବିବାହ କରିବାକୁ ଯାଉଛି । ହେଲେ ପୁଣି ତା' ମନର ଡର ତାକୁ ବାଧ୍ୟ କରୁଥିଲା ପଛଘୁଂଚା ଦବାପାଇଁ । ତା' ମନର ମଣିଷ ମିଷ୍ଟର ସିଂଙ୍କ ପାଇଁ କେତେ ରାତି ସିଏ ଅଭିସାରିକା ସାଜିଥିଲା । କେତେ ବିରହ ଯନ୍ତ୍ରଣା ପାଇଥିଲା । ଜହ୍ନରାତିର ଶୀତଳ ଜ୍ୟୋସ୍ନା ତା' ଦେହ ମନକୁ କେତେ ଥର ଜାଳିଥିଲା । ଆଜି ସେ ପ୍ରତୀକ୍ଷାର ଅନ୍ତ ଘଟିବ । ବାହାଘର ରହିଲା ଆଉ ଦୁଇ ଦିନ ବାକି । ସବୁଦିନ ପାଇଁ ସିଏ ନିଜର କରିନେବ ମିଷ୍ଟର ସିଂଙ୍କୁ ।

ସେଦିନ ସକାଳୁ ସକାଳୁ ମିଷ୍ଟର ସିଂଙ୍କୁ ନିଦୁଆ ଆଖିରେ ଅନୀତା ଦେଖି ଚମକିପଡ଼ିଥିଲା । ଏତେ ସକାଳୁ ମିଷ୍ଟର ସିଂ କାହିଁକି ଆସିଛନ୍ତି । ବୋଧେ ମତେ ମନେପକାଇ ଦେବାକୁ ଆସିଛନ୍ତି ଯେ ବାହାଘର କାଲି ଆମର । ଆଉ ତା'ପରେ ସବୁଦିନ ପାଇଁ ମୁଁ ତାଙ୍କର ଆଉ ସେ ମୋର ହୋଇଯିବେ । ମିଷ୍ଟର ସିଂଙ୍କ ମୁଣ୍ଡରେ ଥିଲା ଚିନ୍ତାର ରେଖା । ଅନୀତା ପଚାରିଲା କ'ଣ ହେଲା, ଆପଣ ଏତେ ସକାଳୁ ଆସିଛନ୍ତି, ଆଉ ଚିନ୍ତିତ ମଧ୍ୟ ଦିଶୁଛନ୍ତି । ଅନୀତା ମୁହଁରୁ ପ୍ରଶ୍ନ ଶୁଣି ମିଷ୍ଟର ସିଂ ରାଗରେ ଭାରି କଣ୍ଠରେ କହିଲେ, ତୁମ ଜୀବନର ସବୁତକ ଅଡୁଆ ଗଣ୍ଠି ଖୋଲି କହିଲ ମତେ ହେଲେ ଆଉ କିଛି ଅଡୁଆ ଗଣ୍ଠି ବାକି ରଖିଦେଲ କାହିଁକି ? କଉ କଥା ଆପଣ କହୁଛନ୍ତି, ମୁଁ କିଛି ବୁଝିପାରୁନି । ତୁମେ ଠିକ୍ ବୁଝିଛ । ନ ବୁଝିବାର ଅଭିନୟ ବନ୍ଦ କର । ତୁମେ ଖାଲି ଜଣେ ବିଧବା ନୁହେଁ ବରଂ ତୁମେ ଜଣେ ବେଶ୍ୟା । ପ୍ରଥମେ ତ ମୁଁ ଏ କଥାକୁ ବିଶ୍ୱାସ କରିପାରି ନଥିଲି । ମୋ ମନର ମାନସୀ କେବେ ବି ଏତେ ନୀଚ କାମ କରି ନ ଥିବ । ଇଏ ପବନରେ ଉଡୁଥିବା କଥା ନା ସତ୍ୟ । କଥାର ସତ୍ୟତା ଖୋଜି ବାହାର କଲାପରେ ମତେ ମୋ ଉପରେ ଘୃଣା ଆସୁଛି । କୁହ ଅନୀତା, ଏ କଥା କ'ଣ ମିଛ ?

ଅନୀତା କହିଲା, ମୁଁ ଯାହା କରିଛି ସିଏ ଭୁଲ୍ କି ଠିକ୍ ମୁଁ କହିପାରିବିନି । କିନ୍ତୁ ଏତିକି କହିବି ମୁଁ ଆପଣଙ୍କୁ ବହୁତ ଭଲପାଏ ମିଷ୍ଟର ସିଂ । ମିଷ୍ଟର ସିଂ କହିଲେ, ତୁମେ ଯଦି ଥରଟିଏ କହିଦେଇଥାନ୍ତ କି ତୁମେ ଖାଲି ବିଧବା ନୁହଁ ବରଂ ଜଣେ ବେଶ୍ୟା, ତା'ହେଲେ ମୁଁ କେବେ ବି ତୁମକୁ ନେଇ ଏତେ ଆଗକୁ ଯାଇ ନ ଥାନ୍ତି । ଗୋଟେ ବିଧବାକୁ ବିବାହ କରି ପୁଣିଥରେ ସଂସାର ଗଢ଼ି ହୁଏ; କିନ୍ତୁ ବେଶ୍ୟାକୁ ନୁହେଁ । ତୁମେ ମୋ ବିଶ୍ୱାସରେ ବିଷ ମିଶାଇଛ ଅନୀତା । ତୁମେ ଜଣେ ଛଳନାମୟୀ ନାରୀ । ମୁଁ ତୁମକୁ ଘୃଣା କରେ ଅନୀତା । ନାଇଁ ମିଷ୍ଟର ସିଂ, ଆପଣ ସେମିତି ଜମା କୁହନ୍ତୁନି । ମୁଁ ଜାଣିଛି, ମୁଁ କିଛିଟା ଭୁଲ୍ କରିଦେଇଛି । କିନ୍ତୁ ସେହି ଭୁଲ୍‌ପାଇଁ ଆପଣ କ'ଣ ମତେ ଏତେ ବଡ଼ ଶାସ୍ତି ଦେବେ । ଅନୀତା ନିଜ ପ୍ରେମ ନିବେଦନ କରି ମିଷ୍ଟର ସିଂଙ୍କ ପାଦ ତଳେ ଲୋଟିପଡ଼ିଲା । ସିଏ ଜାଣିଥିଲା, ସିଏ ଜଣେ ବେଶ୍ୟା, ସିଏ ଉଚ୍ଛିଷ୍ଟ । ତଥାପି ଚାହୁଁଥିଲା ମିଷ୍ଟର ସିଂ ତାକୁ ସ୍ତ୍ରୀ ରୂପରେ ସ୍ୱୀକାର କରନ୍ତୁ । ଆପଣ ଜାଣିନାହାନ୍ତି, ମୁଁ ଆପଣଙ୍କ ପାଇଁ କେତେ ରାତି ଅଭିସାରିକା ସାଜିଛି । କେତେ ବିରହର ଯନ୍ତ୍ରଣା ସହିଛି । ଆପଣ ମତେ ସାରାଜୀବନ ପାଇଁ ନିଜର କରିବାକୁ ଚାହୁଁନାହାନ୍ତି ଠିକ୍‌ଅଛି । ମତେ କିନ୍ତୁ ଆପଣ ଗୋଟିଏ ରାତି ପାଇଁ ନିଜର କରିନିଅନ୍ତୁ । ମିଷ୍ଟର ସିଂ ଚୁପ୍‌ଚାପ୍ ସେ ସ୍ଥାନ ଛାଡ଼ି ପଳାଇଯିବାକୁ ଚାହିଁଛନ୍ତି । ଅନୀତା ତା'ର କାନ୍ଦ କାନ୍ଦ ସ୍ୱରରେ କହୁଥିଲା, ମିଷ୍ଟର ସିଂ ! ଦୟାକରି ଆପଣ ମତେ ଛାଡ଼ିଯାଆନ୍ତୁନି । କିନ୍ତୁ ମିଷ୍ଟର ସିଂଙ୍କ ହୃଦୟକୁ ଅନୀତାର ଦୁଃଖ ଭରା କାନ୍ଦ ତରଳାଇ ପାରିଲାନି । ସେଦିନ ମିଷ୍ଟର ସିଂ ଅନୀତାକୁ ସବୁଦିନ ପାଇଁ ଛାଡ଼ି ଚାଲିଗଲେ । ଅନୀତାର ଜୀବନରେ ପୁଣି ଥରେ ଆଶାର କିରଣ ବିଞ୍ଚି ହୋଇଥିଲା । ହେଲେ ତା' ଜୀବନରେ ପୁଣିଥରେ ଗ୍ରହଣ ଲାଗିଗଲା ତା' ଖୁସିରେ । ସିଏ ପୁଣି ଥରେ ଅଭିସାରିକା ସାଜି ରହିଗଲା । ଜାଣିନି ମିଷ୍ଟର ସିଂ ତା' ଜୀବନରେ ଆଉ ଫେରିବେ କି ନାହିଁ; ତଥାପି ଅଭିସାରିକା ସାଜି ମିଷ୍ଟର ସିଂଙ୍କ ଫେରିବା ବାଟକୁ ଚାହିଁରହିଛି ସେ । ଏତେ ପାଖରେ ଖୁସି ପାଇ ପୁଣି ଥରେ ସିଏ ସବୁକିଛି ହରାଇବସିଲା ।

*- ସେକ୍ଟର - ୧୭, ଏଫ୍, ଘାଜିଆବାଦ, ଉତ୍ତରପ୍ରଦେଶ*

# କର୍ମଫଳ

**- ପ୍ରଦୀପ୍ତ କୁମାର ଦାଶ**

ରଘୁ ବେହେରା ଜଣେ କୃଷକ । ରଘୁ ଓ ତା' ସ୍ତ୍ରୀ କେଲୁଣୀକୁ ନେଇ ତା'ର ସଂସାର । ସକାଳୁ ସଞ୍ଜ ପ୍ରର୍ଯ୍ୟନ୍ତ ଜମିରେ ସେ ଅକ୍ଳାନ୍ତ ପରିଶ୍ରମ କରେ । ଜମିବାଡ଼ି, ଘରଡ଼ିହ କେଉଁଥିରେ କମ ନାହିଁ । କେଲୁଣୀ ଦୁଇ ଦୁଇଟା ପିଲାଙ୍କୁ ଜନ୍ମ ଦେଇଛି । କିନ୍ତୁ ଦୁର୍ଭାଗ୍ୟକୁ କେହି ବଂ୍ଚଲେ ନାହିଁ । ଦୁହିଁଙ୍କର ପିଲାପିଲି ନଥିବାରୁ ବହୁତ ମନ ଦୁଃଖ । ତାଙ୍କର କେଉଁଥିରେ ଅଭାବ ନ ଥିଲେ ମଧ୍ୟ ଏହି ଅଭାବ ତାଙ୍କୁ ବହୁତ ବାଧୁଥିଲା । ଦିନ ପରେ ଦିନ ଅତିକ୍ରାନ୍ତ ହୋଇଚାଲିଲା । ସେମାନେ ସ୍ଥିର କଲେ ଭଣଜାକୁ ପୁଅ କରି ଆଣିବେ, ଯିଏ କି ବାର୍ଦ୍ଧକ୍ୟ ସମୟରେ ତାଙ୍କର ସହାୟ ହେବ । ତାଙ୍କର ପିଣ୍ଡପାଣି ଦେବ ଓ ଜମିବାଡ଼ି ଘରଡ଼ିହର ଦେଖାଶୁଣା କରିବ । ଭଣଜା ସୁଦାମକୁ ସେମାନେ ପୁଅ କରି ଆଣିଲେ । ବେଶ ହସିଖୁସିରେ ରଘୁ ବେହେରାର ସମୟ ଅତିକ୍ରାନ୍ତ ହେଲା । ରଘୁ ବେହେରା ପୁଅକୁ କୌଣସି କାମ କରିବାକୁ ଦିଏ ନାହିଁ । ଯେତେ କଷ୍ଟ ହେଉପଛେ ନିଜେ କରେ । ପୁଅକୁ ଅତି ଯତ୍ନରେ ଓ ସ୍ନେହରେ ସେମାନେ ବଡ଼ କଲେ । ପୁଅର କୌଣସି ଅଭାବ ହେବାକୁ ଦେଲେ ନାହିଁ । ପୁଅ ମଧ୍ୟ ବାପାମାଆଙ୍କୁ ସମ୍ମାନ ଦେଉଥିଲା ଓ ଭଲପାଉଥିଲା । ପୁଅର ବିବାହ ବୟସ ହେବାରୁ ତା'ର ବିବାହ ମଧ୍ୟ କରାଇଦେଲେ । ବୋହୂ ମଧ୍ୟ ଶାଶୂ, ଶ୍ୱଶୁରଙ୍କ ଉପଯୁକ୍ତ ସେବାଯତ୍ନ କଲା । ରଘୁ ଓ କେଲୁଣୀ ବହୁତ ଆନନ୍ଦରେ ସମୟ ବିତାଇଲେ; କିନ୍ତୁ ବିଧିର ବିଧାନ ବଡ଼ ବିଚିତ୍ର । ବର୍ଷକ ମଧ୍ୟରେ ବୋହୂ ଆରପାରିକୁ ଚାଲିଗଲା । କୁଳ ରକ୍ଷା କଥା ସେମାନଙ୍କୁ ପୁଣି ଘାରିଲା । ପୁଅକୁ ସେମାନେ ଦ୍ୱିତୀୟ ବିବାହ କରାଇଲେ । ଏଇଠୁ ଆରମ୍ଭ ହେଲା ବିପର୍ଯ୍ୟୟ । ଦ୍ୱିତୀୟ ସ୍ତ୍ରୀ ସଚଳା ଥିଲା ଉଗ୍ର । ଅମାନବିକତାର ସବୁ ଲକ୍ଷଣ ତା'ଠାରେ ସବାର ହୋଇଥିଲେ । ରଘୁ ଓ କେଲୁଣୀ ବାର୍ଦ୍ଧକ୍ୟରେ ଉପନୀତ ହୋଇସାରିଥିଲେ । ବାର୍ଦ୍ଧକ୍ୟ ଅବସ୍ଥାରେ ସେବାଯତ୍ନ ପାଇବା ଆଶାରେ ସେମାନେ ଯେଉଁ ପୁଅ କରି ଆଣିଥିଲେ ତାହା ଆଶାରେ ରହିଗଲା । ବୋହୂର ଅତ୍ୟାଚାରରେ ସେମାନେ ଅତିଷ୍ଠ ହୋଇଉଠିଲେ; କିନ୍ତୁ ସେମାନଙ୍କର କିଛି ଚାରା ନ ଥିଲା । ପୁଅ ମଧ୍ୟ ବୋହୂ କଥାରେ ପରିଚାଳିତ ହେଲା । ଯେଉଁ ବୟସରେ ସେମାନେ ବିଶ୍ରାମ ନେବା କଥା, ସେମାନଙ୍କୁ ଗଧ ପରି ଖଟିବାକୁ ପଡ଼ିଲା । କାମରେ ଟିକେ ଏପଟସେପଟ ହେଲେ, ବୋହୂ ବାଡ଼ିରେ ବାଡ଼େଇବାକୁ ପଛାଇଲା ନାହିଁ । ପୁଅର ଖରାପ ବ୍ୟବହାର ଅସହ୍ୟ ଥିଲା । ରଘୁ ବେହେରା ସର୍ବଦା ଉଦୟ ସୂର୍ଯ୍ୟଙ୍କୁ ନମସ୍କାର କରି ନିଜର ଦୁଃଖ ଜଣାଏ ଓ କାନ୍ଦି ପକାଏ । ଶେଷରେ କେଲୁଣୀ ଆଖି ବୁଜିଲା । ବୁଢ଼ା ଏକୁଟିଆ ହୋଇଗଲା । ବୁଢ଼ା ଉପରେ ଦୁହିଁଙ୍କ ଅତ୍ୟାଚାର ବଢ଼ିଚାଲିଲା । ବୁଢ଼ାକୁ ଅନେକ ସମୟରେ ଉପବାସରେ ରହିବାକୁ ପଡ଼ିଲା । ବୁଢ଼ା କେବଳ ନିଜର ଦୁଃଖ ପ୍ରତିଦିନ ଧର୍ମଦେବଙ୍କୁ ଜଣାଉଥାଏ । ଶେଷରେ ବୁଢ଼ା ମଧ୍ୟ ଆଖି ବୁଜିଲା । ସୁଦାମ ଓ ସଚଳା ଭାବିଲେ ସେମାନଙ୍କର କଣ୍ଟା ଗଲେ । ଏବେ ସେମାନେ ଖୁସିରେ ରହିବେ । ସମୟକ୍ରମେ ସୁଦାମ ଓ ସଚଳା ସେମାନଙ୍କର ପୁଅର ବିବାହ କରାଇ ଘରକୁ ବୋହୂ ଆଣିଲେ । ବିଧିର ବିଧାନ ବଡ଼ ବିଚିତ୍ର । କଥାରେ ଅଛି – "God sees the truth but waits" ଏହି କଥା ସତ୍ୟରେ ପରିଣତ ହେଲା । ବୋହୂ ସ୍ୱପ୍ନା ଥିଲା । ସେ ସଚଳାଠାରୁ ଥିଲା ଅଧିକ ଉଗ୍ର ଓ ଦୁର୍ଦ୍ଦାନ୍ତ । ନାରୀର ଅନେକ ଲକ୍ଷଣ ତା'ଠାରେ ନ ଥିଲା । ବିବାହର ମାସକ ମଧ୍ୟରେ ସେ ସୁଦାମ ଓ ସଚଳା ଉପରେ ଅତ୍ୟାଚାର ଆରମ୍ଭ କରିଦେଲା । ଈଶ୍ୱର ଯେପରି ସ୍ୱପ୍ନାକୁ ସେଇଥିପାଇଁ ପଠାଇଥିଲେ । ଏହା ଏକ ବିଚିତ୍ର ସଂଯୋଗ ଥିଲା । ସଚଳା ତା' ଶାଶୂକୁ ଯେଉଁ ପ୍ରକାର ବାଡ଼ିରେ ବାଡ଼େଇଥିଲା, ସ୍ୱପ୍ନା ସେଇ ପ୍ରକାର ବାଡ଼ିରେ ସଚଳାକୁ ବାଡ଼େଇଲା । ଏକଥା ଯିଏ ଶୁଣିଲେ ତାଙ୍କୁ ଏହା କାହାଣୀ ପରି ଲାଗିଲା; କିନ୍ତୁ ଏହା କାହାଣୀ ନ ଥିଲା । ଏହା ଥିଲା ସତ୍ୟ ଓ ବିଚିତ୍ର ସଂଯୋଗ । ମାସକ ମଧ୍ୟରେ ସ୍ୱପ୍ନା ଯେଉଁପ୍ରକାର ଅତ୍ୟାଚାରୀ ଓ ହିଂସ୍ର ହୋଇଉଠିଲା, ସେଇ ଚିନ୍ତାରେ ସୁଦାମର ଅକାଳ ବିୟୋଗ ଘଟିଲା । ବିଚରା ସଚଳା ଏକୁଟିଆ ବୋହୂକୁ ପ୍ରତିରୋଧ କରି ନ ପାରି ଘର ଛାଡ଼ିଲା । କଳିଯୁଗରେ କର୍ମର ଫଳ ଯେ ଏତେଶୀଘ୍ର ମିଳିଯାଏ ଲୋକେ ଶୁଣି ଓ ଦେଖି ବିଶ୍ୱାସ କରିପାରିଲେ ନାହିଁ ।

*- ସାଗବାରିଆ, ତିରଣ, ଜଗତସିଂହପୁର*



IBMS No.1 INSTITUTE
IBM'S
SINCE-2005
BANK PO/CLERK
SSC +2/GRADUATE
RLY Tech./Non Tech.
OAS BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S CHANDI CHHAK & PALAMANDAP(Near Barabati Gas)CTC



CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ